ବର୍ଷ-୨୪, ସଂଖ୍ୟା-୨୭୯
ଭୁବନେଶ୍ୱର
୧୨ ନଭେମ୍ବର, ୨୦୨୪ ମଙ୍ଗଳବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-24, Issue No. 279
Bhubaneswar
12 November, 2024 Tuesday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat



ଏକାଠି ଆସିଲେ ଅଭିଶେକ-ଐଶ୍ୱର୍ଯ୍ୟା

# ଝାଡ଼ଖଣ୍ଡରେ ପ୍ରଚାର କଲେ ମୋହନ

**ଭୁବନେଶ୍ୱର, ୧୧।୧୧ (ମହାଭାରତ):** ଝାଡଖଣ୍ଡରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଆଜି ଜୋରଦାର ପ୍ରଚାର କରିଛନ୍ତି। ଝାଡ଼ଖଣ୍ଡର ଷଢ଼େଇକଳାରେ ରଣହୁଙ୍କାର ଦେଇ ମୁଖ୍ୟମନ୍ତ୍ରୀ ଜେଏମ୍‌ଏମ୍‌ର ହେମନ୍ତ ସୋରେନ୍ ଓ କଂଗ୍ରେସ ମେଣ୍ଟ ସରକାର ଉପରେ ବର୍ଷିବା ସହ ଚମ୍ପାଇ ସୋରେନ୍‌ଙ୍କ ପାଇଁ ଭୋଟ୍ ମାଗିଛନ୍ତି।



**ହେମନ୍ତ ସୋରେନ୍ ଓ କଂଗ୍ରେସ ମେଣ୍ଟ ସରକାର ଉପରେ ବର୍ଷିଲେ**

ଏଥିସହ ଜେଏମ୍‌ଏମ୍ ସରକାରର ଏକ୍ସପାଏରୀ ତାରିଖ ଓ ନୂଆ ସରକାର ଗଠନ ତାରିଖ ମଧ୍ୟ ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ।

ଷଢ଼େଇକଳା ନିର୍ବାଚନ ମଣ୍ଡଳୀର ରାଜନଗର ଫୁଟ୍‌ବଲ୍ ପଡ଼ିଆରେ ଆୟୋଜିତ ନିର୍ବାଚନୀ ସଭାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, ୧୨ ଦିନ ପରେ ଝାରଖଣ୍ଡରେ ଚାଲିଥିବା ଦୁର୍ନୀତିଗ୍ରସ୍ତ ସରକାରକୁ ଟାଏ ଟାଏ ବାଏ ବାଏ କହି ବିଦାୟ ଦେବା ଆଉ ଏଠାରେ ନୂଆ ସରକାର ଗଠନ କରିବା। ନଭେମ୍ବର ୨୩ ତାରିଖରେ ଝାରଖଣ୍ଡରେ ନୂଆ ସକାଳ ଆସିବ। ନୂଆ ସରକାର ଗଠନରେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଏଠାକାର ବିଧାୟକ ପ୍ରାର୍ଥୀ ଚମ୍ପାଇ ସୋରେନଙ୍କ ବଡ଼ ଭୂମିକା ନେବେ। ତେଣୁ ଚମ୍ପାଇଙ୍କୁ ବଡ଼ ବ୍ୟବଧାନରେ ବିଜୟୀ କରାଇ ଝାଡ଼ଖଣ୍ଡ ବିଧାନସଭାକୁ ପଠାଇବା ପାଇଁ ଅପିଲ୍ କଲେ ମୁଖ୍ୟମନ୍ତ୍ରୀ। ସେ କହିଛନ୍ତି, ଓଡ଼ିଶା, ଛତିଶଗଡ଼ ଓ ଝାଡ଼ଖଣ୍ଡକୁ ଭାରତର ୩ ଭଉଣୀ ବୋଲି କୁହାଯାଏ। କାରଣ ପୂର୍ବ ଭାରତର ଏହି ୩ଟି ରାଜ୍ୟ ବିନା ଦେଶର ପ୍ରଗତି କରିହେବ ନାହିଁ। ଭାରତରେ ଉତ୍ପାଦିତ ହେଉଥିବା ଯେତେ ପ୍ରକାର ଖଣିଜ ଦ୍ରବ୍ୟ ରହିଛି, ସେ ସବୁ ଏହି ୩ଟି ରାଜ୍ୟରୁ ଉତ୍ପାଦନ ହେଉଛି। ହେଲେ ଛତିଶଗଡ଼ର କଂଗ୍ରେସ ସରକାର ସେହି ଖଣିଜ ସମ୍ପତ୍ତି ଲୁଟ୍ କରୁଥିଲା। ଠିକ୍ ସେମିତି ଓଡ଼ିଶାରେ ବିଜେଡି ସରକାର ଲମ୍ବା ସମୟ ଧରି ରହି ଖଣିଜ ସମ୍ପତ୍ତି ଲୁଟ୍ କରୁଥିଲା। ହେଲେ ସାଧାରଣ ନିର୍ବାଚନରେ ଓଡ଼ିଶାର ଲୋକ ମନ ବଦଳାଇଲେ। ଆଉ ବିଜେଡି ସରକାରକୁ ହଟାଇ ଦେଲେ। ମହାପ୍ରଭୁଙ୍କ ଆଶୀର୍ବାଦରେ ଓଡ଼ିଶାରେ ଏବେ ବିଜେପି ସରକାର ଚାଲିଛି। ନୂଆ ସରକାର ଆସିବା ପରେ ୧୦୦ ଦିନ ଭିତରେ ସଂକଳ୍ପପତ୍ରରେ ଦିଆଯାଇଥିବା ସବୁ ପ୍ରତିଶ୍ରୁତି ପୂରଣ କରିଛୁ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ଝାଡ଼ଖଣ୍ଡରେ ଏକ ପରିବାରବାଦ ଦୁର୍ନୀତିଗ୍ରସ୍ତ ସରକାର ଚାଲିଛି। ଏ ସରକାରକୁ ହଟାଇବା ଏହି ପ୍ରକ୍ରିୟା ଷଢ଼େଇକଳାରୁ ଆରମ୍ଭ ହେବ। ଆଉ ଚମ୍ପାଇ ସୋରେନ୍‌ଙ୍କୁ ବହୁ ମତରେ ବିଜୟୀ କରାଇ ବିଧାନସଭା ପଠାଇବା। ଝାଡ଼ଖଣ୍ଡ ରାଜନୀତିରେ ଚମ୍ପାଇ ସୋରେନଙ୍କ ଯୋଗଦାନ ବହୁତ ରହିଛି। ଝାଡ଼ଖଣ୍ଡ ଗଠନରେ ତାଙ୍କର ବହୁତ ବଡ଼ ଭୂମିକା ରହିଛି। ଏ ସମ୍ପର୍କରେ ସମସ୍ତେ ଜାଣିଛନ୍ତି। ହେଲେ ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ଜେଲ୍‌ରୁ ଆସି ଚମ୍ପାଇ ସୋରେନଙ୍କୁ ବହୁତ ଅପମାନିତ କରିଛନ୍ତି। ଆଗାମୀ ନିର୍ବାଚନରେ ତାହାର ଜବାବ ଦିଅନ୍ତୁ ବୋଲି ମୁଖ୍ୟମନ୍ତ୍ରୀ ଅପିଲ୍ କରିଛନ୍ତି।

ସେ କହିଛନ୍ତି, ଅଟଳ ବିହାରୀ ବାଜପେୟୀ ପ୍ରଧାନମନ୍ତ୍ରୀ ଥିବା ସମୟରେ ଝାଡ଼ଖଣ୍ଡ ରାଜ୍ୟ ଗଠନ ହୋଇଥିଲା। ଆଦିବାସୀଙ୍କ ବିକାଶ କରିବା ପାଇଁ ଏହି ରାଜ୍ୟ ଗଠନ କରାଯାଇଥିଲା। ଆଉ ଏଠାରେ ବିଜେପି ସରକାର ଗଢ଼ିଥିଲା। ଆଶ୍ଚର୍ଯ୍ୟର କଥା ଆଜି ଆଦିବାସୀଙ୍କ ଜନସଂଖ୍ୟା କମି କମି ଯାଉଛି। ଆଦିବାସୀଙ୍କ ଜମିକୁ ହରଣଚାଲ କରାଯାଉଛି। ଜେଏମ୍‌ଏମ୍‌ର ହେମନ୍ତ ସୋରେନ ଓ କଂଗ୍ରେସ ମିଳିତ ଭାବେ ଆଦିବାସୀଙ୍କ ଜମିକୁ ହଡ଼ପ୍ କରୁଛନ୍ତି। ଆଦିବାସୀଙ୍କଠାରୁ ଜମିକୁ ନେଇ ବାଂଲାଦେଶୀ ଓ ରୋହିଙ୍ଗିଆମାନଙ୍କୁ ଦେଉଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସେ କହିଛନ୍ତି, ବିଜେପି ସରକାର ଅର୍ଥ ହେଉଛି ବିକାଶର ସରକାର। ଓଡ଼ିଶାରେ ଗତ ୫ ମାସ ହେଲା ଡବଲ୍ ଇଞ୍ଜିନ ସରକାର ଚାଲିଛି। ବର୍ଷେ ତଳେ ଛତିଶଗଡ଼ରେ ଡବଲ୍ ଇଞ୍ଜିନ ସରକାର ହୋଇଛି। ଏବେ ସମୟ ଆସିଛି। ଝାରଖଣ୍ଡରେ ଡବଲ ଇଞ୍ଜିନର ସରକାର କରିବା ପାଇଁ କିଛିଦିନ ତଳେ ଝାରଖଣ୍ଡ ନିର୍ବାଚନ ପାଇଁ ଗୃହମନ୍ତ୍ରୀ ସଂକଳ୍ପପତ୍ର ଉନ୍ମୋଚନ କରିଛନ୍ତି ବିଜେପିର ସଂକଳ୍ପପତ୍ର ହେଉଛି। ମୋଦିଜୀଙ୍କ ଗ୍ୟାରେଣ୍ଟି ଓଡ଼ିଶାରେ ୧୦୦ ଦିନ ଭିତରେ ସଂକଳ୍ପପତ୍ରରେ ଥିବା ସବୁ ଦାବି ପୂରଣ କରିଛୁ। ଠିକ୍ ସେମିତି ଝାରଖଣ୍ଡରେ ନୂଆ। ସରକାର ଗଠନ ହେଲା ପରେ ସଂକଳ୍ପପତ୍ରରେ ଦିଆଯାଇଥିବା ସବୁ ଦାବି ପୂରଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଓଡ଼ିଆ ଓ ହିନ୍ଦୀ ଭାଷଣ ଦେଲା ପରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସାନ୍ତାଳୀ ଭାଷାରେ ମଧ୍ୟ ଭାଷଣ ଦେଇଥିଲେ।

## ଶପଥ ନେଲେ ନୂଆ ସିଜେଆଇ



**ନୂଆଦିଲ୍ଲୀ, ୧୧।୧୧ (ମହାଭାରତ):** ସୁପ୍ରିମ୍‌କୋର୍ଟର ନୂଆ ବିଚାରପତି ଭାବେ ଶପଥ ନେଇଛନ୍ତି ଜଷ୍ଟିସ୍ ସଞ୍ଜୀବ ଖାନ୍ନା। ଜଷ୍ଟିସ୍ ଡି ୱାଇ ଚନ୍ଦ୍ରଚୁଡ଼ ଅବସର ନେବା ପରେ ଆଜି ରାଷ୍ଟ୍ରପତି ଭବନରେ ଦେଶର ୫୧ତମ ପ୍ରଧାନ ବିଚାରପତି ଭାବେ ଶପଥ ଗ୍ରହଣ କରିଛନ୍ତି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶପଥ ଗ୍ରହଣ କରାଇ ଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ଉପସ୍ଥିତ ଥିଲେ। ଜଷ୍ଟିସ୍ ଖାନ୍ନାଙ୍କ ନାମ ପୂର୍ବତନ ପ୍ରଧାନ ବିଚାରପତି ଡିଇ ଚନ୍ଦ୍ରଚୁଡ଼ ସୁପାରିସ୍ କରିଥିଲେ ଯିଏକି ନଭେମ୍ବର ୧୦ ତାରିଖରେ ୬୫ ବର୍ଷ ବୟସରେ ଏହି ପଦରୁ ଅବସର ନେଇଛନ୍ତି। ଜଷ୍ଟିସ୍ ସଞ୍ଜୀବ ଖାନ୍ନା ଆସନ୍ତାବର୍ଷ ମେ ମାସେ ୧୩ ତାରିଖ ପର୍ଯ୍ୟନ୍ତ କାର୍ଯ୍ୟ ଭାର ସମ୍ଭାଳିବେ।

## ମଣିପୁର ଅଶାନ୍ତ : ୧୧ କୁକି ଉଗ୍ରବାଦୀ ନିହତ

ନୂଆଦିଲ୍ଲୀ, ୧୧।୧୧ (ମହାଭାରତ): ଆଦିବାସୀ ଓ ଅଣଆଦିବାସୀଙ୍କ ସଂଘର୍ଷ ଯୋଗୁ ଅଶାନ୍ତ ହୋଇପଡ଼ିଥିବା ମଣିପୁରରେ ଆଜି ସୁରକ୍ଷାକର୍ମୀଙ୍କୁ ବଡ଼ ସଫଳତା ମିଳିଛି। ସୁରକ୍ଷାକର୍ମୀଙ୍କ ଗୁଳିରେ ଟଳିଛନ୍ତି ୧୧ ସନ୍ଦିଗ୍ଧ କୁକି ଉଗ୍ରବାଦୀ। ସେମାନଙ୍କ ନିକଟରୁ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ମିଳିଛି।

ମଣିପୁରର ଜିରିବାମ ଜିଲ୍ଲାରେ କୁକି ଉଗ୍ରବାଦୀମାନେ ଗୋଟିଏ ପୁଲିସ ଷ୍ଟେସନ ଉପରେ ଉଭୟ ପାର୍ଶ୍ୱରୁ ହମଲା କରିଥିଲେ। ସେହିପରି କିଛି କୁକି ଉଗ୍ରବାଦୀମାନେ ପାହାଡ଼ ଉପରେ ରହି ଗୁଳି ମାଡ଼ କରିଥିଲେ। ସୁରକ୍ଷାକର୍ମୀଙ୍କ ପକ୍ଷରୁ ମଧ୍ୟ ଏହାର ଜବାବ ଦିଆଯାଇଥିଲା।



ପୁଲିସ୍ ଓ ସିଆରପିଏଫ ଯବାନମାନେ କୁକି ଉଗ୍ରବାଦୀଙ୍କ ହମଲାକୁ ମୁକାବିଲା କରିଥିଲେ। ଫଳରେ ଉଭୟ ପକ୍ଷ ମଧ୍ୟରେ ବେଶ କିଛି ସମୟ ଗୁଳି ବିନିମୟ ହୋଇଥିଲା। ଏଥିରେ ୧୧ ଜଣ କୁକି ଉଗ୍ରବାଦୀଙ୍କ ମୃତଦେହ ମିଳିଛି।

ଏବେ ବି ସେଠାରେ ଆଉ କିଛି ଉଗ୍ରବାଦୀ ଲୁଚି ରହିଥିବାରୁ ସର୍ଚ୍ଚ ଅପରେସନ ଜାରି ରହିଛି।ସେହିପରି ସୁରକ୍ଷା ବ୍ୟବସ୍ଥାକୁ ମଧ୍ୟ କଡ଼ାକଡ଼ି କରାଯାଇଛି। କୁକି ଉଗ୍ରବାଦୀଙ୍କ ହମଲାରେ କିଛି ଯବାନ ଓ ପୁଲିସ୍ କର୍ମଚାରୀ ମଧ୍ୟ ଆହତ ହୋଇଛନ୍ତି। ଗୁରୁବାର ରାତିରେ ହମାର ଆଦିବାସୀ ସଂପ୍ରଦାୟର ଜଣେ ମହିଳାଙ୍କୁ ଜିରିବାମ ଜିଲ୍ଲାରେ ଦୁଷ୍କର୍ମ ପରେ ଗୁଳି କରି କରାଯାଇଥିଲା। ଏହାପରେ ତାଙ୍କୁ ପୋଡ଼ି ଦିଆଯାଇଥିଲା। ଘଟଣା ପଛରେ ମୈତେ ସଂପ୍ରଦାୟର ଆତଙ୍କବାଦୀଙ୍କ ହାତ ଥିବା ଅଭିଯୋଗ ହୋଇଥିଲା।ଘଟଣାର ଦିନକ ପରେ ମୈତେ ସଂପ୍ରଦାୟର ଜଣେ ମହିଳାଙ୍କୁ କୁକି ବିଦ୍ରୋହୀମାନେ ଗୁଳି କରି ହତ୍ୟା କରିଥିଲେ।

## ବିଧବାଙ୍କୁ ଦୁଷ୍କର୍ମ ଅଭିଯୋଗରେ ଯୋଗାଣ ସହାୟକ ଗିରଫ

**ବଲାଙ୍ଗିର, ୧୧।୧୧ (ମହାଭାରତ):** ରାସନ ଚାଉଳ ଦେବାର ପ୍ରଲୋଭନ ଦେଖାଇ ଜଣେ ବିଧବା ମହିଳାଙ୍କୁ ଡାକି ଦୁଷ୍କର୍ମ କରିବା ଅଭିଯୋଗରେ ବଲାଙ୍ଗିର ଜିଲ୍ଲା ଆଗଲପୁର ବ୍ଲକ ଅନ୍ତର୍ଗତ ବୁଦୁଲା ପଞ୍ଚାୟତର ଯୋଗାଣ ସହାୟକ ଗିରିଶଚନ୍ଦ୍ର ସାହୁଙ୍କୁ ଗିରଫ କରାଯାଇଛି। ଦୁଷ୍କର୍ମ, ଅଶ୍ଳୀଳ ଭିଡିଓ ଭାଇରାଲ ଭଳି ସଙ୍ଗୀନ ଅଭିଯୋଗରେ ତାଙ୍କ ନାଁରେ ମାମଲା ରୁଜୁ ହୋଇଛି।

ଗତ ୪ ତାରିଖରେ ଯୋଗାଣ ସହାୟକ ଗିରିଶଚନ୍ଦ୍ର ସାହୁଙ୍କ ନାଁରେ ଜଣେ ପୀଡିତା ଏଭଳି ଅଭିଯୋଗ ଆଣିଥିଲେ। ପ୍ରାୟ ଦେଢବର୍ଷ ତଳେ ଗିରିଶଚନ୍ଦ୍ର ପଞ୍ଚାୟତକୁ ଡାକି ସେଠାରେ କେହି ନ ଥିବା ବେଳେ ସେ ତାଙ୍କ ସହ ଦୁଷ୍କର୍ମ କରିଥିଲେ। ଏଥିସହ ମହିଳାଙ୍କ ନଗ୍ନ ଭିଡିଓ ଉତ୍ତୋଳନ କରିଥିବା ବେଳେ ତାହାକୁ ଭାଇରାଲ କରିବାର ଧମକ ଦେଇ ସେ ବହୁବାର ତାଙ୍କୁ ଡାକୁଥିଲେ। ମାତ୍ର ମହିଳା ଜଣଙ୍କ ନ ଶୁଣିବାରୁ ତାଙ୍କ ଭିଡିଓଟି ଭାଇରାଲ କରିଦେଇଥିବା ଅଭିଯୋଗ ହୋଇଥିଲା। ନିଜେ ପୀଡ଼ିତା ପୋଲିସ ନିକଟରେ ଏହି ଅଭିଯୋଗ ଆଣିଥିଲେ। ଏବେ ପୁରା ଘଟା ସାମ୍ନାକୁ ଆସିଲା ପରେ ଆଗଲପୁର ପୋଲିସ ଆଜି ସଂପୃକ୍ତ ଯୋଗାଣ ସହାୟକଙ୍କୁ ଗିରଫ କରିଛି।

## ବଦଳି-ନିଯୁକ୍ତି ପାଇଁ ଲବିରେ ଲାଗିବ ଛାଟ

**ଭୁବନେଶ୍ୱର, ୧୧।୧୧ (ମହାଭାରତ):** ରାଜ୍ୟରେ ସରକାର ପରିବର୍ତ୍ତନ ସହ ସରକାରୀ କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଆଣିବାକୁ ଉଦ୍ୟମ ଆରମ୍ଭ ହୋଇଛି। ଏବେ ବଦଳି ଓ ପୋଷ୍ଟିଂ ପାଇଁ ଚାପ ପକାଇହେବନି। ଏଣିକି ଏହି ଲବି କାର୍ଯ୍ୟ ପାଇଁ ଚାପ ପକାଉଥିବା କର୍ମଚାରୀଙ୍କ ହାକିମାତି। ଯିଏ ଟ୍ରାନ୍ସଫର ପାଇଁ ଚାପ ପକାଇଲେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏନେଇ ସବୁ ବିଭାଗର ସଚିବମାନଙ୍କୁ ଚିଠି ଲେଖି ଜଣାଇଛନ୍ତି ମୁଖ୍ୟ ସଚିବ ମନୋଜ ଆହୁଜା। ନେତା-ମନ୍ତ୍ରୀଙ୍କ ଲିଖିତ ସୁପାରିଶ ଆଣି ନିଜର ବଦଳି ଓ ପଦୋନ୍ନତି ପାଇଁ ଚାପ ପକାଇବା ଏଣିକି ସରକାରୀ କର୍ମଚାରୀଙ୍କୁ ମହଙ୍ଗା ପଡ଼ିବ।ମୁଖ୍ୟ ସଚିବ ଆଜି ସମସ୍ତ ବିଭାଗୀୟ ସଚିବ ଓ ଜିଲ୍ଲାପାଳମାନଙ୍କୁ ଚିଠି ଲେଖି ସରକାରୀ କର୍ମଚାରୀମାନଙ୍କ ଦ୍ୱାରା ବଦଳି ଓ ନିଯୁକ୍ତି ପାଇଁ ପକାଯାଉଥିବା ଅଯଥା ପ୍ରଭାବ ଓ ଚାପ ଉପରେ କଟକଣା ଜାରି କରିଛନ୍ତି। ଏହା ସହିତ ଏହି ଗାଇଡଲାଇନର ପ୍ରଭାବୀ ଢଙ୍ଗରେ କାର୍ଯ୍ୟକାରିତାକୁ ସୁନିଶ୍ଚିତ କରିବା ପାଇଁ ସଚିବ ଓ ଜିଲ୍ଲାପାଳମାନଙ୍କୁ ସେ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟ ସଚିବ ତାଙ୍କ ଚିଠିରେ ଲେଖିଛନ୍ତି, କିଛି ସରକାରୀ କର୍ମଚାରୀ ନିଜର ବଦଳି କିମ୍ବା ନିଯୁକ୍ତି ପାଇଁ ବାହ୍ୟ ଚାପ ପକାଇବାକୁ ପ୍ରୟାସ କରୁଛନ୍ତି। ଏଭଳି ଅଭ୍ୟାସ ଓଡ଼ିଶା ଗଭର୍ଣ୍ଣମେଣ୍ଟସରଭାଣ୍ଟ କଣ୍ଡକ୍ଟ ରୁଲସ୍-୧୯୫୯ର ରୁଲ-୨୩ର ସିଧାସଳଖ ଉଲ୍ଲଘଂନ।ସରକାରୀ କର୍ମଚାରୀମାନେ ନିଜର ଆଚରଣରେ ଉଚ୍ଚମାନର ନିଷ୍ଠା ବଜାୟ ରଖିବା ସହ ସମସ୍ତ ସେବା ପ୍ରସଙ୍ଗରେ ସ୍ୱଚ୍ଛତା ଓ ପାରଦର୍ଶିତାର ନୀତି ଅବଲମ୍ବନ କରିବା ଆବଶ୍ୟକ। ପ୍ରଶାସନିକ ଆବଶ୍ୟକତାକୁ ଦୃଷ୍ଟିରେ ରଖି ପ୍ରଚଳିତ ନୀତି ଆଧାରରେ ସ୍ୱାଭାବିକ ଭାବେ କର୍ମଚାରୀମାନଙ୍କ ବଦଳି ଓ ନିଯୁକ୍ତି କରାଯାଇଥାଏ। ତେଣୁ ଏହି ପ୍ରକ୍ରିୟାକୁ ପ୍ରଭାବିତ କରିବା ପାଇଁ ଯେକୌଣସି ପ୍ରକାରର ଉଦ୍ୟମକୁ ଗୁରୁତର ଖରାପ ଆଚରଣ ଭାବେ ବିଚାର କରାଯିବ ଓ ଏଥିପାଇଁ ସମ୍ପୃକ୍ତ କର୍ମଚାରୀଙ୍କୁ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହେବାକୁ ପଡ଼ିବ ବୋଲି ମୁଖ୍ୟ ସଚିବ ଚିଠିରେ ଦର୍ଶାଇଛନ୍ତି।

## ମହିଳା ସରକାରୀ କର୍ମଚାରୀଙ୍କୁ ଅତିରିକ୍ତ ଛୁଟି ନେଇ ବିଜ୍ଞପ୍ତି

ଭୁବନେଶ୍ୱର, ୧୧।୧୧ (ମହାଭାରତ): ମହିଳା ସରକାରୀ କର୍ମଚାରୀଙ୍କୁ ଅତିରିକ୍ତ ଛୁଟି ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ମହିଳା କର୍ମଚାରୀଙ୍କୁ ଋତୁସ୍ରାବ ସମୟରେ ହୋଇଥିବା ଶାରୀରିକ ଅସୁବିଧାକୁ ଧ୍ୟାନରେ ରଖି ଏକ ଅତିରିକ୍ତ ଆକସ୍ମିକ ଛୁଟି ଦିଆଯିବ । ଏଇଥି ପାଇଁ ବାର୍ଷିକ ୧୨ ଦିନର ଅତିରିକ୍ତ ଛୁଟି ନେଇ ଅର୍ଥ ବିଭାଗର ବିଜ୍ଞପ୍ତି ପ୍ରକାଶ ପାଇଛି। ସରକାରୀ ମହିଳା କର୍ମଚାରୀ ୫୫ ବର୍ଷ ବୟସ ପୂରଣ ଯାଏଁ ଛୁଟି ନେଇପାରିବେ ।ଗୋଟିଏ ମାସର ଦିନଟିଏ ଛୁଟି ଉକ୍ତ ମାସରେ ହିଁ ନେବାକୁ ପଡ଼ିବ ।

## ବିସ୍ଫୋରଣରେ ଉଡ଼ିଲା ଛାତ, ବର୍ତ୍ତିଲେ ୨୦ ମହିଳା

**ଭୁବନେଶ୍ୱର, ୧୧।୧୧ (ମହାଭାରତ):** ଭୁବନେଶ୍ୱରସ୍ଥିତ ଇନଫୋସିଟି ପଛପଟରେ ଥିବା ଚୁନୁକୋଳି ବସ୍ତି ନିକଟରେ ଏକ ବେଆଇନ୍ ବାଣ ଗୋଦାମରେ ବିସ୍ଫୋରଣ ଘଟି ଗୋଦାମର ଛାତ ଓ କାନ୍ଥ ଉଡି ଭାଙ୍ଗି ଛିନଛତ୍ର ହୋଇ ଯାଇଛି। କେବଳ ସେତିକି ନୁହେଁ ସେହି ବେଆଇନ୍ ଗୋଦାମ ଘରେ ଘରର ମାଲିକ ବାଣ ଗଚ୍ଛିତ ରଖିବା ଠାରୁ ଆରମ୍ଭ କରି ବାଣ ଭିଡ଼ିବା କାମରେ ସଂପୃକ୍ତ ଥାଇ ମଧ୍ୟ ତା ପାଖରେ ଆଉ ଏକ କୋଠରୀରେ ପ୍ରାୟ ୨୦ ଜଣ କର୍ମଜୀବୀ ମହିଳାଙ୍କ ପାଇଁ ହଷ୍ଟେଲ ଚଳାଉଥିଲେ। ଏହି ବିସ୍ଫୋରଣରେ ସୌଭାଗ୍ୟକ୍ରମେ ସେହି ମହିଳା ମାନଙ୍କର ଜୀବନ ରକ୍ଷା ହୋଇଯାଇଥିଲେ ମଧ୍ୟ ସେମାନଙ୍କର ଆସବାବପତ୍ର ପୋଡି ପାଉଁଶ ହୋଇ ଯାଇଛି। କାରଣ ଏହି କର୍ମଜୀବୀ ମହିଳା ମାନେ ବିସ୍ଫୋରଣ ପୂର୍ବରୁ ନିଜ ନିଜ କର୍ମସ୍ଥଳୀକୁ ଚାଲି ଯାଇଥିବାରୁ ସେମାନେ ଏହି ଦୁର୍ଘଟଣାରୁ ବର୍ତ୍ତି ଯାଇଛନ୍ତି। ଏହି ଖବର ପାଇ ଏହି ଅନ୍ତେବାସୀ ମାନେ ଆସି ତାଙ୍କର ଜିନିଷପତ୍ର ନଷ୍ଟ ହୋଇଥିବା ଦେଖି ବ୍ୟସ୍ତ ଓ ବିବ୍ରତ ହୋଇ ପଡ଼ିଥିବା ଦେଖାଯାଇଥିଲା। ସଂପୃକ୍ତ ବାଣ ବ୍ୟବସାୟୀ ଜଣଙ୍କ ଚୁନୁକୋଳି ବସ୍ତି ନିକଟରେ ଏକ ଜଙ୍ଗଲ ଜମିକୁ ଜବତରଦଖଲ କରି ସେଠାରେ ଏକ ଆଲିସାନ ବଙ୍ଗଳା ଭଳି ବେଆଇନ୍ କୋଠା କରିଥିଲେ। ବାଣ ତିଆରି ସାଙ୍ଗକୁ ସେଠାରେ ଏହି ମିହଳା ହଷ୍ଟେଲ ମଧ୍ୟ ଚଳାଉଥିଲେ। ଏହି ବାଣ କାରଖାନାରେ ବିସ୍ଫୋରଣ ବେଳେ ପ୍ରଚଣ୍ଡ ଶବ୍ଦରେ ସମଗ୍ର ଅଞ୍ଚଳ ଥରି ଉଠିଥିଲା ଏବଂ ଚାହୁଁ ଚାହୁଁ ସେହି ଅଞ୍ଚଳ ଧୂଆଁମୟ ହୋଇ ଯାଇଥିଲା। ଖବର ପାଇ ଦମକଳ ବାହିନୀ ସେଠାରେ ପହଞ୍ଚି ବହୁ ଉଦ୍ୟମ କରି ନିଆଁକୁ ଆୟତ କରିଛନ୍ତି। ଏହି ନିଆଁ ଲିଭା କାର୍ଯ୍ୟରେ ଦୁଇଟି ଦମକଳ ବାହିନୀ ନିୟୋଜିତ ଥିଲେ।

## ଦିଲ୍ଲୀରେ ବାଣ ବ୍ୟାନ କରିବାକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

**ନୂଆଦିଲ୍ଲୀ, ୧୧।୧୧ (ମହାଭାରତ):** ଦୀପାବଳି ପରେ ଅଣନିଶ୍ୱାସୀ ହୋଇପଡ଼ିଛି ଦିଲ୍ଲୀ । ବାୟୁର ମାନ ଅତି ନିମ୍ନ ସ୍ତରକୁ ଚାଲିଯିବା ଚିନ୍ତାର ବିଷୟ ପାଲଟିଛି । ଏହାକୁ ଦୃଷ୍ଟିରେ ରଖି ସୋମବାର ସହରରେ ବାଣ ବିକ୍ରି ଉପରେ ପ୍ରତିବନ୍ଧକ ଲଗାଇବା ପାଇଁ ଦିଲ୍ଲୀ ପୁଲିସକୁ ନିର୍ଦ୍ଦେଶ ଦେଇଛନ୍ତି ସୁପ୍ରିମକୋର୍ଟ । ବାଣ ବିକ୍ରି ଓ ବିସ୍ଫୋରଣ ବନ୍ଦ କରିବା ଦିଗରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି ସର୍ବୋଚ୍ଚ ନ୍ୟାୟାଳୟ ।

ଦିଲ୍ଲୀର ବାୟୁ ପ୍ରଦୂଷଣ ସମ୍ପର୍କିତ ଏକ ମାମଲାର ଶୁଣାଣି କରି ସୁପ୍ରିମକୋର୍ଟରେ ଜଷ୍ଟିସ ଅଭୟ ଏସ୍ ଓକା ଏବଂ ଜଷ୍ଟିସ ଅଗଷ୍ଟିନ ଜର୍ଜଙ୍କୁ ନେଇ ଗଠିତ ଦୁଇ ଜଣିଆ ଖଣ୍ଡପୀଠ ବାଣ ବିକ୍ରି ରୋକିବାରେ ଅପାରଗତା କାରଣରୁ ଦିଲ୍ଲୀ ପୁଲିସକୁ ଭର୍ତ୍ସନା କରିଛନ୍ତି ।



କୋର୍ଟ କହିଛନ୍ତି, 'କୌଣସି ଧର୍ମ ପ୍ରଦୂଷଣ ସୃଷ୍ଟିକାରୀ କୌଣସି କାର୍ଯ୍ୟକୁ ପ୍ରୋତ୍ସାହିତ କରେ ନାହିଁ । ଯଦି ଏହିଭଳି ବାଣ ଫୁଟାଯାଏ, ଏହା ନାଗରିକଙ୍କ ସ୍ୱାସ୍ଥ୍ୟଗତ ମୌଳିକ ଅଧିକାରକୁ ମଧ୍ୟ ପ୍ରଭାବିତ

କରୁଛି ।'ବାଣରେ ଥିବା ରାସାୟନିକ ଅବଶିଷ୍ଟାଂଶ ବିଷାକ୍ତ ଧୂଆଁରେ ପରିଣତ ହୋଇ ଦିଲ୍ଲୀ ବାୟୁକୁ ପ୍ରବଳ ମାତ୍ରାରେ ପ୍ରଦୂଷଣ କରିଛି । ଏଥିପାଇଁ ସହରବାସୀଙ୍କ ଦୈନନ୍ଦିନ ଜୀବନ ପ୍ରଭାବିତ ହେବା ସହିତ ସେମାନଙ୍କ ସ୍ୱାସ୍ଥ୍ୟ ପ୍ରତି ଗୁରୁତର ବିପଦ ସୃଷ୍ଟି ହୋଇଛି । ଏହି ପ୍ରସଙ୍ଗରେ ଚିନ୍ତା ପ୍ରକଟ କରି ଦିଲ୍ଲୀ ସରକାର ବାଣ ଉପରେ ସ୍ଥାୟୀ ନିଷେଧାଦେଶ ନେଇ ନିଷ୍ପତ୍ତି ନେବାକୁ କୋର୍ଟ ଦାବି କରିଛନ୍ତି । ଦିଲ୍ଲୀ ପୁଲିସ ଓ ଦିଲ୍ଲୀ ସରକାର କାହିଁକି ବାଣ ନିୟନ୍ତ୍ରଣ କରିବାରେ ବିଫଳ ହୋଇଛନ୍ତି ବୋଲି ପ୍ରଶ୍ନ କରି ସୁପ୍ରିମକୋର୍ଟ ଗତ ସପ୍ତାହରେ ଏକ ନୋଟିସ ଜାରି କରିଥିଲେ। ଏହାର ଜବାବରେ ଆଜି ଦିଲ୍ଲୀ ପୁଲିସ ମୁଖ୍ୟ ଏହି ପ୍ରସଙ୍ଗରେ ସୁପ୍ରିମକୋର୍ଟରେ ଏକ ସତ୍ୟପାଠ ଦାଖଲ କରିଥିଲେ । ଯେଉଁଥିରେ ପଦକ୍ଷେପ ନିଆଯାଇଛି ବୋଲି ଉଲ୍ଲେଖ ଥିଲା । କିନ୍ତୁ ଏହା କେବଳ ଲୋକ ଦେଖାଣିଆ ବୋଲି କହି କୋର୍ଟ ଏହାକୁ ଭର୍ତ୍ସନା କରିଛନ୍ତି ।

## ଆଜିଠୁ ପଞ୍ଚୁକ

**ପୁରୀ, ୧୧।୧୧ (ମହାଭାରତ):** ଆସନ୍ତାକାଲି ଠାରୁ ଶ୍ରୀମନ୍ଦିରରେ ଆରମ୍ଭ ହେବ ମହାପ୍ରଭୁଙ୍କ ପଞ୍ଚୁକ ନୀତି। ଏଥିପାଇଁ ଆଜିଠାରୁ ଶ୍ରୀକ୍ଷେତ୍ର ପୁରୀରେ ଭକ୍ତଙ୍କର ପ୍ରବଳ ଭିଡ଼ ଆରମ୍ଭ ହୋଇ ଯାଇଛି। ଚଳିତ ବର୍ଷ ପଞ୍ଚୁକ ପାଞ୍ଚଦିନ ପରିବର୍ତ୍ତେ ଚାରିଦିନ ପଡୁଛି। ତେଣୁ ଭକ୍ତମାନେ କିଭଳି ସୁରୁଖୁରୁରେ ଏବଂ ଶୃଙ୍ଖଳିତ ଭାବେ ଦର୍ଶନ କରିପାରିବେ ସେନେଇ ବିଶେଷ ଗୁରୁତ୍ୱ ଦିଆଯାଇଛି। ପଞ୍ଚୁକ ପାଇଁ ଭକ୍ତମାନେ ସିଂହଦ୍ୱାର ବାଟ ଦେଇ ମନ୍ଦିରକୁ ପ୍ରବେଶ କରିବେ ଏବଂ ଅନ୍ୟ ତିନି ଦ୍ୱାର ବାଟ ଦେଇ ବାହାରିବାର ବ୍ୟବସ୍ଥା କରାଯାଇଛି ।ମାର୍କେଟ ଛକ ଠାରୁ ନୋ ଭେହିକିଲ ଜୋନ କରାଯାଇଛି। ମର୍ଚ୍ଚିକୋଟ ଛକ ଠାରେ କରାଯାଇଥିବା ବ୍ୟାରିକେଡ଼ ଭିତରେ ଭକ୍ତମାନେ ପ୍ରବେଶ କରି ଶ୍ରୀମନ୍ଦିର ସିଂହଦ୍ୱାରରେ ପ୍ରବେଶ କରିବା ସହ ଅନ୍ୟ ଦ୍ୱାର ଦେଇ ପ୍ରସ୍ଥାନ କରିବେ। ସେହିପରି ହବିଷ୍ୟ ବ୍ରତଧାରୀଙ୍କ ପାଇଁ ମଧ୍ୟ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଇଛି। ଡାକ ବାଜି ଯନ୍ତ୍ର ଯୋଗେ ଠାକୁରଙ୍କ ନୀତିକାନ୍ତି ନେଇ ଭକ୍ତଙ୍କୁ ଅବଗତ କରାଯିବ।

## ରାଜ୍ୟରେ ପ୍ରତିଷ୍ଠା ହେବ ୪ ମହିଳା କୋର୍ଟ

**ଭୁବନେଶ୍ୱର, ୧୧।୧୧ (ମହାଭାରତ):** ରାଜ୍ୟରେ ମହିଳାମାନଙ୍କୁ ତୁରନ୍ତ ନ୍ୟାୟ ପ୍ରଦାନ ଲାଗି ରାଜ୍ୟ ସରକାର ଏକ ବଡ଼ ପଦକ୍ଷେପ ନେବାକୁ ଯାଉଛନ୍ତି। ମହିଳାଙ୍କ ବିରୋଧରେ ବଢ଼ିଚାଲିଥିବା ଅପରାଧକୁ ନ୍ୟାୟ ଦେବା ଲାଗି ରାଜ୍ୟରେ ଖୁବ୍‌ଶୀଘ୍ର ୪ଟି ମହିଳା କୋର୍ଟ ସ୍ଥାପନ କରିବେ। ରାଜ୍ୟର ବିଭିନ୍ନ ଅଞ୍ଚଳରେ ଏହି ୪ଟି କୋର୍ଟ ପ୍ରତିଷ୍ଠା ହେବ ବୋଲି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ଗଣମାଧ୍ୟମ ଆଗରେ ପ୍ରତିକ୍ରିୟା ରଖି ପୃଥ୍ୱୀରାଜ କହିଛନ୍ତି, ରାଜ୍ୟରେ ୪ଟି ମହିଳା କୋର୍ଟ ପ୍ରତିଷ୍ଠା ସମ୍ବନ୍ଧୀୟ ପ୍ରସ୍ତାବ ଖୁବ୍‌ଶୀଘ୍ର ଓଡ଼ିଶା ହାଇକୋର୍ଟକୁ ପଠାଯିବ। ଏହି ୪ଟି କୋର୍ଟ କେବଳ ମହିଳାଙ୍କ ବିରୋଧରେ ହେଉଥିବା ଅପରାଧର ବିଚାର କରିବେ। ଏଥିରେ ମହିଳା ବିଚାରପତି ଏବଂ ସରକାରୀ ଓକିଲ ରହିବେ।

## ହଟିଲେ ମହିଳା କମିଶନ ଅଧ୍ୟକ୍ଷା

**ଭୁବନେଶ୍ୱର, ୧୧।୧୧ (ମହାଭାରତ):** ମହିଳା କମିଶନ ଅଧ୍ୟକ୍ଷା ପଦରୁ ହଟିଲେ ମିନତୀ ବେହେରା ପଦଚ୍ୟୁତ ନେଇ ମହିଳା ଓ ଶିଶୁ ବିକାଶ ବିଭାଗର ବିଜ୍ଞପ୍ତି ପ୍ରକାଶ ପାଇଛି। ମିନତୀଙ୍କ କାର୍ଯ୍ୟ ସନ୍ତୋଷଜନକ ନଥିବାରୁ ତାଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଥିଲା। କାହିଁକି ପଦଚ୍ୟୁତ କରାନଯିବ, ସେନେଇ ଜାରି ହୋଇଥିଲା ନୋଟିସ୍



ହେଲେ ମୀନତିଙ୍କ ଜବାବ ସନ୍ତୋଷଜନକ ନୁହେଁ ବୋଲି ଦର୍ଶାଇଛି ବିଭାଗ।

ଅକ୍ଟୋବର ୨୦୨୨ରୁ ମହିଳା କମିଶନ ଅଧ୍ୟକ୍ଷା ଥିଲେ ମିନତୀ ବେହେରା ଏହି ସମୟରେ ମହିଳା କମିଶନଙ୍କ ପ୍ରଦର୍ଶନ ସହ ମାମଲା ଫଇସଲା ଓ କ୍ୟାମ୍ପ-କୋର୍ଟ ଆୟୋଜନ ସନ୍ତୋଷଜନକ ନଥିଲା ବୋଲି ତାଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଥିଲେ ରାଜ୍ୟ ସରକାର। ପଦଚ୍ୟୁତ ନେଇ ମିନତି ବେହେରା କହିଛନ୍ତି, ଆମକୁ ପ୍ରକ୍ରିୟା ଅନୁସାରେ ଏକ ଶୁଣାଣି କରି ପକ୍ଷ ରଖିବାକୁ ଗୋଟିଏ ସୁଯୋଗ ନଦେଇ ପଦଚ୍ୟୁତ କରାଯାଇଛି। ତେବେ ସେ ନିଜ କାମକୁ ନେଇ ସନ୍ତୋଷ ପ୍ରକାଶ କରିଛନ୍ତି।

ସେପଟେ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ତଥା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି ଯେ, ଯେଉଁ ଢଙ୍ଗରେ ମହିଳା କମିଶନ ଆସିବା କଥା, ତାହା ଅନୁସରଣ କରାଯାଇନଥିଲା। ମହିଳା କମିଶନଙ୍କ ଭୂମିକାକୁ ନେଇ ସରକାର ନୋଟିସ କରିଥିଲେ। ଏନେଇ ତାଙ୍କୁ ଶୋ-କଜ୍ ମଗାଯାଇଥିଲା, ସନ୍ତୋଷଜନକ ଉତ୍ତର ଦେଇନପାରିବାରୁ କାଲି ନିବୃତ କରାଯାଇଛି। ଖୁବଶୀଘ୍ର ନୂଆ ମହିଳା କମିଶନ ଦେଖିବ ଓଡ଼ିଶା।

## ଓଡ଼ିଶା ଅଗ୍ନିଶମ ସେବା ଆଧୁନିକୀକରଣ ପାଇଁ ୨୦୧ କୋଟି

**ନୂଆଦିଲ୍ଲୀ, ୧୧।୧୧ (ପିଆଇବି):** କେନ୍ଦ୍ର ଗୃହ ଏବଂ ସମବାୟ ମନ୍ତ୍ରୀ ଅମିତ ଶାହଙ୍କ ଅଧ୍ୟକ୍ଷତାରେ ଉଚ୍ଚସ୍ତରୀୟ ସମିତି ରାଜ୍ୟଗୁଡ଼ିକରେ ଅଗ୍ନିଶମ ସେବାର ବିସ୍ତାର ଓ ଆଧୁନିକୀକରଣ ଯୋଜନା ଅଧୀନରେ ଛତିଶଗଡ଼, ଓଡ଼ିଶା ଏବଂ ପଶ୍ଚିମବଙ୍ଗ ପାଇଁ ୭୨୫.୬୨ କୋଟି ଟଙ୍କାର ତିନୋଟି ପ୍ରକଳ୍ପକୁ ମଞ୍ଜୁର କରିଛି। ଏହି ସମିତି ଛତିଶଗଡ଼ପାଇଁ ୧୪୭.୭୬ କୋଟି ଟଙ୍କା, ଓଡ଼ିଶା ପାଇଁ ୨୦୧.୧୦ କୋଟି ଟଙ୍କା ଏବଂ ପଶ୍ଚିମବଙ୍ଗ ପାଇଁ ୩୭୬.୭୬ କୋଟି ଟଙ୍କା ମଞ୍ଜୁର କରିଛି। ଉଚ୍ଚସ୍ତରୀୟ ସମିତିରେ କେନ୍ଦ୍ର ଅର୍ଥ ମନ୍ତ୍ରୀ, କୃଷି ମନ୍ତ୍ରୀ ଏବଂ ନୀତି ଆୟୋଗର ଉପାଧ୍ୟକ୍ଷ ସଦସ୍ୟ ରୂପେ ସାମିଲ ହୋଇଥାନ୍ତି।




ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିପର୍ଯ୍ୟୟ ପ୍ରଶମନକ୍ଷମ ଭାରତ ନିର୍ମାଣ ଲକ୍ଷ୍ୟକୁ ପୂରଣ କରିବା ଲାଗି ଗୃହ ମନ୍ତ୍ରୀ ଅମିତ ଶାହଙ୍କ ମାର୍ଗଦର୍ଶନରେ ଦେଶରେ ବିପର୍ଯ୍ୟୟର ପ୍ରଭାବୀ ପ୍ରଶମନ ସୁନିଶ୍ଚିତ କରିବା ଲାଗି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଅନେକ ପଦକ୍ଷେପ ଗ୍ରହଣ କରିଛି ଭାରତରେ ବିପର୍ଯ୍ୟୟ ବିପତ୍ତି ହ୍ରାସ ପ୍ରଣାଳୀକୁ ମଜବୁତ କରି ବିପର୍ଯ୍ୟୟ ସମୟରେ ବ୍ୟାପକ ଧନଜୀବନ ହାନିକୁ ରୋକିବା ଲାଗି ଅନେକ ପଦକ୍ଷେପ ଗ୍ରହଣ କରାଯାଇଛି।କେନ୍ଦ୍ର ସରକାର ରାଜ୍ୟଗୁଡ଼ିକରେ ଅଗ୍ନିଶମ ସେବାର ବିସ୍ତାର ଏବଂ ଆଧୁନିକୀକରଣ ଯୋଜନା ଲାଗି ଏନଡିଆରଏଫ ଅଧୀନରେ ୫୦୦୦ କୋଟି ଟଙ୍କା ଆବଣ୍ଟନ କରିଛନ୍ତି। ଏଥିପୂର୍ବରୁ ୧୫ଟି ରାଜ୍ୟ ନିମନ୍ତେ ୨୫୪୨.୧୨ କୋଟି ଟଙ୍କାର ମୋଟ୍ ପରିବ୍ୟୟ ପ୍ରସ୍ତାବକୁ ମଞ୍ଜୁର କରାଯାଇସାରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱ ଏବଂ କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହଙ୍କ ମାର୍ଗଦର୍ଶନରେ ଚଳିତ ବର୍ଷ ରାଜ୍ୟଗୁଡ଼ିକୁ ୨୧ ହଜାର ୨୬ କୋଟି ଟଙ୍କାର ଅର୍ଥରାଶି ପୂର୍ବରୁ ଆବଣ୍ଟନ କରାଯାଇ ସାରିଛି। ଏଥିରେ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି (ଏସଡିଆରଏଫ)ରୁ ୨୬ଟି ରାଜ୍ୟକୁ ୧୪ ହଜାର ୮୭୮ କୋଟି ୪୦ ଲକ୍ଷ ଟଙ୍କା, ଜାତୀୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି (ଏନଡିଆରଏଫ)ରୁ ୧୫ଟି ରାଜ୍ୟକୁ ୪,୬୩୭ କୋଟି ଟଙ୍କା, ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପାଣ୍ଠି (ଏସଡିଏମଏଫ)ରୁ ୧୧ଟି ରାଜ୍ୟକୁ ୧୩୮୫ କୋଟି ୪୫ ଲକ୍ଷ ଟଙ୍କା ଏବଂ ଜାତୀୟ ବିପର୍ଯ୍ୟୟ ପରିଚାଳନା ପାଣ୍ଠି (ଏନଡିଏମଏଫ)ରୁ ତିନୋଟି ରାଜ୍ୟକୁ ୧୨୪ କୋଟି ୯୩ ଲକ୍ଷ ଟଙ୍କା ସାମିଲ ରହିଛି।

## ମସୁର ଡାଲି କଟ୍‌ଲେଟ



ଆବଶ୍ୟକ ସାମଗ୍ରୀ:
ପାଣିରେ ଭିଜା ହୋଇରହିଥିବା ମସୁର ଡାଲି, ସିଝା ଆଳୁ, ବ୍ରେଡ୍ କ୍ରମ୍ସ, କଟା ଧନିଆପତ୍ର, କଟା ଅଦା, କଟା କଞ୍ଚାଲଙ୍କା, ଧନିଆ ପାଉଡର, ଗରମ ମସଲା, ହେଙ୍ଗୁ, ଲଙ୍କା ଗୁଣ୍ଡ, ଲୁଣ ଓ ତେଲ।
ପ୍ରସ୍ତୁତି ପ୍ରଣାଳୀ:
ପ୍ରଥମେ ଏକ ପାତ୍ରରେ ସିଝା ଆଳୁ, ଭିଜା ମସୁର ଡାଲି, ଲଙ୍କା ଗୁଣ୍ଡ, ଲୁଣ, ଗରମ ମସଲା, କଟା ଅଦା, କଟା ଧନିଆ ପତ୍ର, ଧନିଆ ପାଉଡର, ହେଙ୍ଗୁ ଓ କଟା କଞ୍ଚା ଲଙ୍କାକୁ ନେଇ ଭଲ ଭାବେ ଗୋଳାଇ ଦିଅନ୍ତୁ। ବର୍ତ୍ତମାନ ଏହି ମିଶ୍ରଣକୁ ମନ ପସନ୍ଦର ଆକୃତି ଦେଇ ବ୍ରେଡ୍ କ୍ରମ ଲଗାଇ ରଖି ଦିଅନ୍ତୁ।
ଏବେ କଡ଼େଇରେ ତେଲ ଗରମ କରି ସେଗୁଡ଼ିକୁ ଛାଣିଦିଅନ୍ତୁ। ହାଲକା ଲାଲ୍ ହୋଇଗଲେ ସେଗୁଡ଼ିକୁ ଏକ ପ୍ଲେଟକୁ କାଢ଼ି ଦିଅନ୍ତୁ। ବର୍ତ୍ତମାନ ପ୍ରସ୍ତୁତ ହୋଇଗଲା ସ୍ୱାଦିଷ୍ଟ 'ମସୁର ଡାଲି କଟଲେଟ୍'। ଏହାକୁ ପୋଦିନା ଚଟଣୀ କିମ୍ବା ଟମାଟୋ ଓ ଚିଲି ସସ୍ ସହିତ ପରଷନ୍ତୁ।

## ଖବର

# ସୁଟିଂସେଟରେ ବେହୋସ୍ ହେଲେ ସମନ୍ଥା



ଅଭିନେତା ବରୁଣ ଧାୱନ ଏବଂ ଅଭିନେତ୍ରୀ ସମ୍ୟା ରଥପ୍ରଭୁ ସେମାନଙ୍କ ଫିଲ୍ମ 'ସିଟାଡେଲ ହନି ବନି'ରେ ନଜର ଆସିଛନ୍ତି। ସମ୍ୟା ଏବଂ ବରୁଣ ଧାୱନ ଏହି ଚଳଚ୍ଚିତ୍ର ବିଷୟରେ ଅନେକ ସମୟରେ ସୋସିଆଲ ମିଡିଆରେ ଆଲୋଚନା କରିଥାନ୍ତି। ଏବେ ବରୁଣ ଧାୱନ ତାଙ୍କ ସହ ଅଭିନେତ୍ରୀ ସମ୍ୟାଙ୍କ ବିଷୟରେ ଏକ ବଡ଼ ଖୁଲାସା କରିଛନ୍ତି।ବରୁଣ ଧାୱନ କହିଛନ୍ତି ସମ୍ୟା ମାୟୋସାଇଟିସ୍ ନାମକ ଏକ ବିପଜ୍ଜନକ ରୋଗରେ ପୀଡିତ ଅଛନ୍ତି। ଏହା ସତ୍ତ୍ୱେ ସେ ନିରନ୍ତର ପରିଶ୍ରମ କରନ୍ତି। ବରୁଣ କହିଛନ୍ତି ଯେ ଏକ ସୁଟିଂ ସମୟରେ ସେ ଚେତାଶୂନ୍ୟ ହୋଇ ପଡ଼ିଥିଲେ। ତାଙ୍କ ପାଇଁ ସେଟକୁ ଅମ୍ଳଜାନ ଟ୍ୟାଙ୍କ ମଗାଯାଇଥିଲା।ବରୁଣ ଧାୱନ ଏକ ବାର୍ତ୍ତାଳାପ ସମୟରେ କହିଥିଲେ ଯେ ସିଟାଡେଲ ସୁଟିଂ ସମୟରେ ସମ୍ୟା ମନ ଲଗାଇ କାମ କରିଥିଲେ। ବରୁଣ ଧାୱନ କହିଛନ୍ତି ଯେ ସୁଟିଂ ସମୟରେ ତାଙ୍କ ହୃଦୟ କୋହରେ ଭରିଯାଇଥିଲା। ସେ ହଠାତ୍ ଆଖି ବନ୍ଦ କରି ଦେଇଥିଲେ। ତେବେ ବରୁଣ ତାଙ୍କ ଅବସ୍ଥା ବିଷୟରେ ଅଧିକ କିଛି କହି ନାହାନ୍ତି। ଏହା ପରେ ସମ୍ୟା ଅମ୍ଳଜାନ ନେଇଥିଲେ ଯ ସୁଟିଂ ସେଟ୍ରେ ସମସ୍ତେ ଭାବୁଥିଲେ ସମ୍ୟା କିଛି ଦିନ ଛୁଟି ନେବେ କିନ୍ତୁ ସେ ସେପରି କିଛି କରି ନ ଥିଲେୟ ପୁଣି କାମ ଜାରି ରଖିଥିଲେ। ସର୍ବିଆର ରେଳ ଷ୍ଟେସନରେ ସୁଟିଂ ସମୟରେ ବରୁଣ ଅନ୍ୟ ଏକ ଘଟଣା ବିଷୟରେ କହିଥିଲେ । ସେ କହିଥିଲେ ଯେ ସମ୍ୟାଙ୍କୁ ତାଙ୍କ ପଛରେ ଦେଡ଼ିବାର ଥିଲା। ତେଣୁ ମୁଁ କ୍ୟାମେରା ଆଗରେ ଦେଡ଼ିଲିୟ ସେ ଫ୍ରେମରେ ଥିଲେ ଏବଂ ହଠାତ୍ ତଳେ ପଡ଼ିଗଲେ। ସମ୍ୟାଙ୍କ ଅବସ୍ଥା ଦେଖି ନିର୍ଦ୍ଦେଶକ ସୁଟିଂ ବନ୍ଦ କରିବାକୁ କହିଥିଲେସମ୍ୟା ଯନ୍ତ୍ରଣାରେ ଛଟପଟ ହୋଇ କାନ୍ଦୁଥିଲେୟ ସେ ତାଙ୍କ ସପୋର୍ଟ ଷ୍ଟାଫ୍‌ଙ୍କ ସହ ଥିଲେ, ତଥାପି ସେ ଦୃଶ୍ୟର ଅନ୍ତିମ ସୁଟିଂ ଶେଷ କରିଥିଲେ। ଏହି ଚଳଚ୍ଚିତ୍ରରେ କେ.କେ ମେନନ୍, ସାକିବ ସଲିମ୍, ସିକନ୍ଦର ଖେର, ସୋହମ୍ ମଜୁମଦାର, ଶିବାଙ୍କିତ ପ୍ୟାରୀହର ଏବଂ କାଶବି ମଜୁମଦାର ପ୍ରମୁଖ ଅଭିନୟ କରିଛନ୍ତି।

# ଅବିନାଶୀ ଆତ୍ମା



ଅନ୍ତବନ୍ତ ଇମେ ଦେହା ନିତ୍ୟସ୍ୟୋକାଃ ଶରୀରିଣଃ। ଅନାଶିନୋ ଅପ୍ରମେୟସ୍ୟ ତସ୍ମାଦ୍ୟୁଧ୍ୟସ୍ୱ ଭାରତ।" ଶ୍ରୀମଦ୍ ଭଗବତ ଗୀତାରେ ଭଗବାନ ଶ୍ରୀକୃଷ୍ଣ କହୁଛନ୍ତି, ଅବିନାଶୀ ଅର୍ଥାତ୍ ଯାହାର ବିନାଶ କରାଯାଇପାରିବ ନାହିଁ, ଅପ୍ରମେୟ ଅର୍ଥାତ ଯାହାର ପ୍ରମାଣ କରିବା ସମ୍ଭବ ନୁହେଁ, ସେହି ନିତ୍ୟସ୍ୱରୂପ ଆତ୍ମା ବାସ କରୁଥିବା ପ୍ରତ୍ୟେକ ଶରୀର ନାଶବାନ ଅଟେ। ସେଥିପାଇଁ ହେ ଭରତବଂଶୀ ଅର୍ଜୁନ, ତୁମେ ଯୁଦ୍ଧ କର। ଆତ୍ମା ହିଁ ଅମୃତ ଅଟେ। ଆତ୍ମା ହିଁ ଅବିନାଶୀ ଅଟେ। ତିନି ଲୋକରେ ଆତ୍ମାକୁ କେବେହେଲେ ନାଶ କରାଯାଇପାରିବ ନାହିଁ। ତେଣୁ ଆତ୍ମା ହିଁ ସତ୍ ଅଟେ। କିନ୍ତୁ ଶରୀର ନାଶବାନ, ଏହା ହେଉଛି ଅସତ୍ୟ, ଯାହାର ତିନି ଲୋକରେ କେଉଁଠି ହେଲେ ଅସ୍ତିତ୍ୱ ନାହିଁ। ତେଣୁ ତୁମେ ଯୁଦ୍ଧ ହିଁ କର। ଭଗବାନ ଏ ଯେଉଁ ଆଦେଶ ଅର୍ଜୁନଙ୍କୁ ଦେଇଛନ୍ତି, ତା'ର ଅର୍ଥ ନୁହେଁ ଯେ ସେ କେବଳ କୌରବମାନଙ୍କୁ ବଧ କରିବା ଲାଗି ପାଣ୍ଡୁପୁତ୍ରଙ୍କୁ କହୁଛନ୍ତି। ପାଣ୍ଡବ ପକ୍ଷରେ ମଧ ଶରୀର ଅଛନ୍ତି। ପାଣ୍ଡବଙ୍କ ଶରୀର କ'ଣ ଅବିନାଶୀ? ଯଦି ଶରୀର ଅବିନାଶୀ, ତା'ହେଲେ ଶ୍ରୀକୃଷ୍ଣ କାହାର ସୁରକ୍ଷା ପାଇଁ ଛିଡ଼ା ହୋଇଥିଲେ? ଅର୍ଜୁନ କ'ଣ ଅନ୍ୟକୌଣସି ଶରୀରଧାରୀ ଥିଲେ? ଶରୀର ଯାହା ଅସତ୍, ଯାହାର ଅସ୍ତିତ୍ୱ ନାହିଁ, ଯାହାକୁ ସୁରକ୍ଷା କରି ରଖିବା ସମ୍ଭବ ନୁହେଁ, ଶ୍ରୀକୃଷ୍ଣ କ'ଣ ସେହି ଶରୀରର ସୁରକ୍ଷା ପାଇଁ ସେଠାରେ ଉପସ୍ଥିତ ଥିଲେ? ତା'ହେଲେ ଶ୍ରୀକୃଷ୍ଣଙ୍କର କ'ଣ ଜ୍ଞାନ ନଥିଲା? ଏହି ପ୍ରଶ୍ନର ଉତ୍ତର ଶ୍ରୀକୃଷ୍ଣ ନିଜେ ହିଁ କହିଛନ୍ତି। ସେ କହିଛନ୍ତି, ଯିଏ କେବଳ ଶରୀର ପାଇଁ ପରିଶ୍ରମ କରିଥାଏ, ସେ ଅବିବେକୀ ଏବଂ ମୂଢ଼ ବୁଦ୍ଧି ଅଟେ। ତେଣୁ ଅର୍ଜୁନ କ'ଣ ଥିଲେ? ବସ୍ତୁତଃ ଅନୁରାଗ ହିଁ ଅର୍ଜୁନ ଅଟେ। ଅନୁରାଗୀ ବ୍ୟକ୍ତି ପାଇଁ ଇଷ୍ଟଦେବ ସର୍ବଦା ରଥୀ ହୋଇ ଛିଡ଼ା ହୋଇ ରହିଥା'ନ୍ତି। ମନୁଷ୍ୟ ଖାଲି ଶରୀର ନୁହେଁ, ଶରୀର ତ' ବାହ୍ୟ ଆବରଣ। ଏହି ଶରୀର ଦିନେ ଚାଲିଯିବ, ଆତ୍ମା ଆଉ ଏକ ଶରୀର ଧାରଣ କରିବ। ଏହି ସମ୍ପର୍କରେ ଶ୍ରୀକୃଷ୍ଣ ଗୀତାରେ କହିସାରିଛନ୍ତି- ଯେପରି ବାଲ୍ୟକାଳରୁ ଯୁବାବସ୍ଥା ଏବଂ ପରେ ବୃଦ୍ଧାବସ୍ଥା ଆସିଥାଏ, ସେହିପରି ଦେହାନ୍ତର(ମୃତ୍ୟୁ)ର ପ୍ରାପ୍ତି ମଧ ହୋଇଥାଏ। ଏ ଶରୀର ଚାଲିଗଲେ, ଜୀବାତ୍ମା ନୂଆ ବସ୍ତ୍ର ଧାରଣ କରିବ।

# ପିଲାଙ୍କ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ କ୍ଷତିକାରକ ଖେଳଣା




ପିଲାଙ୍କ ଜିଦ୍ ପୂରଣ ଏବଂ ଖୁସି ପାଇଁ ଆମେମାନେ ବଜାରରୁ ସେମାନଙ୍କ ନିମନ୍ତେ ଖେଳାଣା କିଣିଥାଉ। ହେଲେ ଏହି ଖେଳଣା ଯେ ସେମାନଙ୍କ ସ୍ୱାସ୍ଥ୍ୟ ଉପରେ ବଡ଼ ପ୍ରଭାବ ପକାଇଥାଏ ତାକୁ ଅଣଦେଖା କରିଥାଉ। ନିକଟରେ କ୍ୱାଲିଟି କାଉନସିଲ ଅଫ ଇଣ୍ଡିଆ ପକ୍ଷରୁ ଏକ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ ଭାରତୀୟ ବଜାରରେ ଉପଲବ୍ଧ ହେଉଥିବା ବିଦେଶୀ ଖେଳଣା ମଧ୍ୟରୁ ୬୭ ପ୍ରତିଶତ ଖେଳଣା ପିଲାଙ୍କ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ କ୍ଷତିକାରକ। କ୍ୱାଲିଟି କାଉନସିଲ ପକ୍ଷରୁ ଦିଲ୍ଲୀ ଏବଂ ଏନସିଆରର ବଜାରରେ ଉପଲବ୍ଧ ହେଉଥିବା ଖେଳଣାକୁ ନେଇ ପରୀକ୍ଷଣ କରାଯାଇଥିଲା। ଭାରତୀୟମାନଙ୍କ ଅନୁସାରେ ବଜାରରେ ବିକ୍ରି ହେଉଥିବା ୧୨୧ ପ୍ରକାରର ଖେଳଣାକୁ ଯାଞ୍ଚ ପାଇଁ ଲ୍ୟାବ ପଠାଯାଇଥିଲା। ହେଲେ ଏହି ଖେଳଣାର ଗୁଣବତ୍ତା କମ ଥିବା ଜଣାପଡ଼ିଥିଲା।
ରିପୋର୍ଟରେ କୁହାଯାଇଛି ଯେ , ଉପଲବ୍ଧ ହେଉଥିବା ୩୦ ପ୍ରତିଶତ ପ୍ଲାଷ୍ଟିକ ଖେଳଣା ପରୀକ୍ଷାରେ ଫେଲ ହୋଇଛି। ସଫ୍ଟ ଖେଳଣା ମଧ୍ୟରୁ ୪୫ ପ୍ରତିଶତ ଏବଂ ଇଲେକ୍ଟ୍ରିକ ଖେଳଣା ମଧ୍ୟରୁ ୭୫ ପ୍ରତିଶତ ବିଫଳ ହେଇଛି ପରୀକ୍ଷାରେ। ଏହି ଖେଳରା ଦ୍ୱାରା ପିଲାଙ୍କ ସ୍ୱାସ୍ଥ୍ୟ ଉପରେ କି ପ୍ରଭାବ ପଡ଼ିଥାଏ ସେ ନେଇ କୁହାଯାଇଛି ଯେ ଅନେକ ଖେଳଣା ପିଲାଙ୍କ ଚର୍ମ ଉପରେ ପ୍ରଭାବ ପକାଇଥାଏ।
ସେହିପରି ଆଉ କିଛି ଖେଳଣା ବିଶେଷ କରି ଇଲେକ୍ଟ୍ରିକ ଖେଳଣା ଶରୀରକୁ ପ୍ରଭାବିତ କରିଥାଏ। ପ୍ଲାଷ୍ଟିକ ଖେଳଣାରେ ବିଭିନ୍ନ ରସାୟନିକ ତତ୍ତ୍ୱର ଉପଯୋଗ ହେଉଥିବାରୁ ଛୋଟ ପିଲା ଏହାକୁ ପାଟିରେ ଲଗାଇବା ଦ୍ୱାରା ଅନେକ ଅସୁବିଧାର ସମ୍ମୁଖୀନ ହୋଇଥାଏ। ତେଣୁ ବଜାରରେ ଉପଲବ୍ଧ ଖେଳଣା କିଣିବା ପୂର୍ବରୁ ପିଲାର ସ୍ୱାସ୍ଥ୍ୟ ପ୍ରତି ଏହା ପ୍ରଭାବ ପକାଇବ ନା ନାହିଁ ସେଥିପ୍ରତି ଅଭିଭାବକମାନେ ଦୃଷ୍ଟି ଦେବା ଦରକାର।

# ଈଶ୍ୱରଙ୍କ ପ୍ରକୃତ ଉପାସନା



କୌଣସି ଦେବାଦେବୀଙ୍କୁ ପ୍ରସନ୍ନ କରିବା ଲାଗି ମୂଲ୍ୟବାନ ଧନରତ୍ନ ଦାନ କରିବାର ଆବଶ୍ୟକତା ନାହିଁ କିମ୍ବା ଅନେକ ଟଙ୍କା ଖର୍ଚ୍ଚ କରି ପୂଜାର୍ଚ୍ଚନା ମଧ କରିବା ଦରକାର ନାହିଁ । କେବଳ ସେହି ଦେବତାଙ୍କୁ ଖୁବ୍ ସରଳ ଭାବେ ନିଜ ହୃଦୟରେ ସ୍ମରଣ କରିବା ଆବଶ୍ୟକ । ଆମେ କୌଣସି ମାତୃଶକ୍ତିଙ୍କୁ ପ୍ରସନ୍ନ କରିବା ପୂର୍ବରୁ ପ୍ରଥମେ ନିଜ ଜନ୍ମଦାତ୍ରୀ ମାତାଙ୍କୁ ପ୍ରସନ୍ନ କରିବା ଆବଶ୍ୟକ । ମା'ର ସ୍ଥାନ ବହୁ ଉପରେ । ଧର୍ମଗ୍ରନ୍ଥରେ କୁହାଯାଇଛି ଯେ ଜନ୍ମଭୂମି ଏବଂ ଜନ୍ମ ମାଟି ସ୍ୱର୍ଗଠାରୁ ମଧ ଶ୍ରେଷ୍ଠ । ନିକିତିର ଗୋଟିଏ ପାର୍ଶ୍ୱରେ ସ୍ୱର୍ଗ ସୁଖ ଏବଂ ଅନ୍ୟ ପାର୍ଶ୍ୱରେ ମା'ର ମମତାକୁ ତଉଲିଲେ, ମମତା ଥିବା ପାର୍ଶ୍ୱଟି ଅଧିକ ଭାରୀ ହେବ । ଛୋଟ ଛୋଟ କଥାରେ ମା'କୁ ଅପମାନିତ କରି ହଜାର ଥର ଦେବୀ ଧାମ ଗଲେ ବି କିଛି ଫଳ ମିଳିବ ନାହିଁ । ଆତ୍ମୀୟସ୍ୱଜନଙ୍କ ଅଧିକାର ଛଡ଼ାଇ ନେବା, ଅନ୍ୟାୟପୂର୍ବକ ଅନ୍ୟର ଭାଗ ହାତେଇନେବା ପରେ ଯଜ୍ଞ-ହୋମ କରିବାରେ କୌଣସି ଲାଭ ନାହିଁ । ଏପରି କରୁଥିବା ଲୋକ ଯଜ୍ଞ-ହୋମ, ପୂଜାପାଠ କଲେ, ତା'ର ଓଲଟା ଫଳ ପାଇପାରେ । ଏପରି ଲୋକ ଯାହାର ଅଧିକାର ଛଡ଼ାଇ ନେଇଥିବ ପୁଣ୍ୟ ଫଳ ତା'କୁ ହିଁ ମିଳିଯିବ ।
ଅନେକ ଲୋକ କହିଥାନ୍ତି, ବହୁତ ତୀର୍ଥଯାତ୍ରା କଲି, ଯଜ୍ଞ-ଅନୁଷ୍ଠାନ କଲି, କିନ୍ତୁ କିଛି ଲାଭ ମିଳିଲା ନାହିଁ । ଆରେ! ଫଳ ତ' ମିଳିସାରିଛି । ହେଲେ ତୁମକୁ ନୁହେଁ, ଯାହା ପ୍ରତି ତୁମେ ଅନ୍ୟାୟ କରିଛ, ତା'କୁ! ଅନ୍ୟ କୌଣସି ସମ୍ବଳ ଦ୍ୱାରା ଭଗବାନଙ୍କୁ ପ୍ରଭାବିତ କରିହେବ ନାହିଁ । କାରଣ ସେ ସବୁକିଛି ଜାଣନ୍ତି । ତୁମେ ତାଙ୍କୁ ପ୍ରଲୋଭିତ କରିପାରିବ କି? ଈଶ୍ୱରଙ୍କୁ ପାଇବାକୁ ହେଲେ କେବଳ ଉତ୍ତମ ଆଚରଣ କରିବାକୁ ପଡ଼ିବ, ପ୍ରଲୋଭନ ନୁହେଁ । ଗୋଟିଏ ଲୋଟା ଜଳ ହେଲେ ଭଗବାନ ଶଙ୍କରଙ୍କୁ ପ୍ରସନ୍ନ କରିହେବ । କୁଟିଳତାର ପରିଚୟ ଦେଉଥିବା ଲୋକଟି ଯଦି ଚାହେଁ ଯେ ସମସ୍ତେ ତା'କୁ ଭଲ ପାଆନ୍ତୁ ବୋଲି, ତାହା କିପରି ସମ୍ଭବ ହେବ?
ଯଜ୍ଞ-ଅନୁଷ୍ଠାନ ଏବଂ ଦାନ କରିବା ତ' ଠିକ୍ ଅଛି । ତେବେ ମନ୍ଦ ଉଦ୍ଦେଶ୍ୟ ନେଇ ଏସବୁ କରିବା ଅନୁଚିତ୍ । ପ୍ରେମ, ସହଯୋଗ, ସଦ୍ଭାବ, କରୁଣା ଆଦି ବାଣ୍ଟିଲେ, ପରିବାର ଏବଂ ସମାଜରେ ଅଧିକ ଖୁସି ମିଳିପାରିବ । ସମାଜରେ ବ୍ୟକ୍ତିର ସମ୍ମାନ ବୃଦ୍ଧି ପାଇବ । ଉତ୍ତମ ସଂସ୍କାର ପ୍ରତି ସମର୍ପଣ ଭାବ ନେଇ ପୂଜା-ପାଠ କରିବା ଉଚିତ୍ । ଚାକିରି, ଜମି-ବାଡ଼ି, ଝଗଡ଼ା, ମୋକଦ୍ଦମା ଆଦିରେ ବିଜୟ ହାସଲ କରିବା ଲାଗି ପୂଜାର୍ଚ୍ଚନା କରିବାରୁ କ'ଣ ଲାଭ ମିଳିବ? କେବଳ ସ୍ୱାର୍ଥ ହାସଲ ପାଇଁ ଏସବୁ କରିବା କ'ଣ ଉଚିତ୍? ମନ୍ଦିର ଯାଉଥିବା ସମୟରେ ଆହତ ବ୍ୟକ୍ତି ଦେଖିଲେ ଛାଡ଼ି ଦେଇ ଦିଅଁ ଦର୍ଶନ ପାଇଁ ଯିବା ହୃଦୟହୀନତା । ଅତଏବ୍, ନିଜ କାର୍ଯ୍ୟ, ଚିନ୍ତାଧାରା, ଚାଲିଚଳନକୁ ସତ୍‌ମାର୍ଗରେ ପରିଚାଳିତ କଲେ ଭଗବାନଙ୍କ କୃପା ଲାଭ ହୋଇଥାଏ । ସେଥିପାଇଁ ଧର୍ମାତ୍ମା ହେବାର ଆତ୍ମପ୍ରଚାର, ଆଡ଼ମ୍ବର ଆଦି ନକାରାତ୍ମକ ମାନସିକତାର ପରିଚାୟକ ବୋଲି ବିଦ୍ୱାନମାନେ କହିଛନ୍ତି ।

# ପିଲାଙ୍କ ଷ୍ଟଡି ରୁମରେ ଥିବା ଜିନିଷ ପ୍ରତି ରଖନ୍ତୁ ଧ୍ୟାନ



ବାସ୍ତୁ ଶାସ୍ତ୍ର ଅନୁସାରେ ପାଠପଢ଼ାରେ ମନ ଲଗାଇବା ଏବଂ କ୍ୟାରିୟର ବନାଇବା ପାଇଁ ଧ୍ୟାନ କେନ୍ଦ୍ରିତ କରିବା ସବୁଠୁ ଅଧିକ ଜରୁରୀ। ପିଲାଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ପାଠପଢ଼ା ରୁମ୍ ଅର୍ଥାତ୍ ଷ୍ଟଡି ରୁମ୍ ଠିକ ଭାବେ ବ୍ୟବସ୍ଥିତ କରିବା ଉଚିତ୍। ଘରେ ବାସ୍ତୁ ଦୋଷ ହେବା ଦ୍ୱାରା ନକରାତ୍ମକତା ବଢ଼ିଥାଏ ଏବଂ ମନର ଏକାଗ୍ରତା ବଜାୟ ରହିପାରେ ନାହିଁ। ଯାହା ଦ୍ୱାରା ମାନସିକ ଚିନ୍ତା ବଢ଼ିଥାଏ ଏବଂ ପାଠପଢ଼ାରେ ଆଗ୍ରହ ବଢ଼ିଥାଏ। ବାସ୍ତୁ ଅନୁସାରେ ଷ୍ଟଡି ରୁମରେ କିଛି କଥା ପ୍ରତି ଧ୍ୟାନ ରଖି ପାଠପଢ଼ାରେ ମନ ଲଗାଯାଇପାରିବ।
ବାସ୍ତୁ ଅନୁସାରେ ପିଲାଙ୍କ ଷ୍ଟଡି ରୁମ୍ ଉତ୍ତର, ପୂର୍ବ କିମ୍ବା ଉତ୍ତର-ପୂର୍ବ ଦିଗରେ ହେବା ଉଚିତ୍।
ଷ୍ଟଡି ରୁମରେ ବହି ଆଲମାରି ପୂର୍ବ କିମ୍ବା ଉତ୍ତର ଦିଗରେ ହେବା ଉଚିତ୍। ଯଦି ଜାଗା ଅଭାବରେ ବେଡରୁମରେ ପାଠ ପଢ଼ିବାର ଅଛି ତେବେ ପଢ଼ିବା ସମୟରେ ପୂର୍ବ କିମ୍ବା ଉତ୍ତର ଦିଗରେ ମୁହଁ କରିବା ଉଚିତ୍।
ବାସ୍ତୁ ଅନୁସାରେ ପାଠପଢ଼ା ସମୟରେ ଦକ୍ଷିଣ ଆଡ଼କୁ ମୁହଁ କରନ୍ତୁ ନାହିଁ। କାରଣ ଏହା ଦ୍ୱାରା ଅଗ୍ନି ତତ୍ତ୍ୱର ପ୍ରାଧାନ୍ୟ ହେବା ଦ୍ୱାରା ପିଲା ଅନୁଶାସନହୀନ ହୋଇପାରନ୍ତି।
ଷ୍ଟଡି ଟେବୁଲରେ ଗ୍ଲୋବ୍ କିମ୍ବା ତମ୍ବାର ପିରାମିଡ ରଖିବା ଦ୍ୱାରା ଲାଭ ହୋଇଥାଏ। ଏହା ଦ୍ୱାରା ନକରାତ୍ମକ ଶକ୍ତି ଦୂର ହୋଇଥାଏ ଏବଂ ପାଠପଢ଼ା ପ୍ରତି ଧ୍ୟାନ କେନ୍ଦ୍ରିତ ହୋଇଥାଏ।
ଷ୍ଟଡି ରୁମରେ ଟିଭି, ଭିଡିଓ ଗେମ୍ ଏବଂ ସିଡି ପ୍ଲେୟର ଭଳି ବସ୍ତୁ ନ ରଖିବା ଉଚିତ୍। ଏହି ଜିନିଷଗୁଡ଼ିକ ଦ୍ୱାରା ପାଠପଢ଼ା ପ୍ରତି ଆଗ୍ରହ କମିଥାଏ।
ଷ୍ଟଡି ରୁମରେ ପାନୀୟ ଜଳ, ଘଣ୍ଟା ଉତ୍ତର କିମ୍ବା ପୂର୍ବ ଦିଗରେ ରଖିବା ଉଚିତ୍।
ଷ୍ଟଡି ରୁମରେ ଗଣେଶ ଏବଂ ମାତା ସରସ୍ୱତୀଙ୍କ ଫଟୋ ମଧ ଲଗାଇବା ଉଚିତ୍।
ଯେଉଁ ପିଲାଙ୍କ ପାଠପଢ଼ାରେ ମନ ଲାଗିନଥାଏ ସେମାନଙ୍କ ରୁମରେ ମୟୂର ପଙ୍ଖ ରଖନ୍ତୁ।

### ସୁରଟର ଜୈନ ବିଶ୍ୱଭାରତୀ ଅନୁଷ୍ଠାନର ସମାବର୍ତ୍ତନ ସମାରୋହରେ କେନ୍ଦ୍ରମନ୍ତ୍ରୀ

# ଚରିତ୍ର ନିର୍ମାଣ ଓ ଦକ୍ଷତା ବୃଦ୍ଧି ଶିକ୍ଷାର ମୂଳ ଉଦ୍ଦେଶ୍ୟ



**ଭୁବନେଶ୍ୱର,୧୧।୧୧ (ମହାଭାରତ):** ଚରିତ୍ର ନିର୍ମାଣ ଓ ଦକ୍ଷତା ବୃଦ୍ଧି କରିବା ହେଉଛି ଶିକ୍ଷାର ମୂଳ ଉଦ୍ଦେଶ୍ୟ । ଭାରତୀୟତା ମୂଲ୍ୟବୋଧ ଉପରେ ଆଧାରିତ ରାଷ୍ଟ୍ରୀୟ ଶିକ୍ଷା ନୀତି ; ଭବିଷ୍ୟତର ଶିକ୍ଷା ବ୍ୟବସ୍ଥା ପ୍ରସ୍ତୁତ କରିବା ଦିଗରେ ଏକ ଅନନ୍ୟ ପଦକ୍ଷେପ ବୋଲି ସୋମବାର ଗୁଜରାଟର ସୁରଟରେ ଜୈନ ବିଶ୍ୱଭାରତୀ ଅନୁଷ୍ଠାନର ୧୫ତମ ସମାବର୍ତ୍ତନ ସମାରୋହରେ ଯୋଗଦେବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ସମ୍ମାନ, ଡିଗ୍ରୀ ଏବଂ ପଦକଧାରୀ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ସହ ସେ କହିଥିଲେ ଯେ ଜୈନ ବିଶ୍ୱଭାରତୀ ଇନଷ୍ଟିଚ୍ୟୁଟ୍ ହେଉଛି ଅନୁଭୂତିମୂଳକ ଶିକ୍ଷାର ଏକ ବୃହତ ପ୍ରୟୋଗଶାଳା । ବିଶ୍ୱବିଦ୍ୟାଳୟ ସମାବର୍ତ୍ତନର ପରମ୍ପରା ଏହାର ଏକ ଜୀବନ୍ତ ଉଦାହରଣ । ଜୈନ ବିଶ୍ୱ ଭାରତୀ ଅନୁଷ୍ଠାନ ମୂଲ୍ୟବୋଧ ଭିତ୍ତିକ ଶିକ୍ଷାର ବଳବୃଦ୍ଧ ଭାବରେ ନିଜକୁ ପ୍ରତିଷ୍ଠିତ କରିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରାକୃତ ଭାଷାକୁ ଶାସ୍ତ୍ରୀୟ ଭାଷାର ମାନ୍ୟତା ଦେଇଛନ୍ତି । ଏହି ଅନୁଷ୍ଠାନରେ ପ୍ରାକୃତ ଭାଷା ଉପରେ ଏକ ସ୍ୱତନ୍ତ୍ର ଗବେଷଣା କେନ୍ଦ୍ର ପ୍ରତିଷ୍ଠା କରିବା ଆମର ଦାୟିତ୍ୱ ।

କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଆହୁରି କହିଛନ୍ତି ଯେ ଜୈନ ଧର୍ମର ମୂଲ୍ୟବୋଧ ଓ ଜୀବନ ଦର୍ଶନ ଆଜି ଏକ ବୈଶ୍ୱିକ ଆବଶ୍ୟକତା । ଜୈନ ବିଶ୍ୱଭାରତୀ ଅନୁଷ୍ଠାନ ବିକଶିତ ଭାରତର ଲକ୍ଷ୍ୟ ନେଇ ଆଗକୁ ବଢ଼ିବା ପାଇଁ ପ୍ରଚେଷ୍ଟା କରୁଥିବା ଏକ ସମାନଧର୍ମା ଶିକ୍ଷାନୁଷ୍ଠାନ । ୨୦୪୭ ମସିହା ସୁଦ୍ଧା ବିକଶିତ ଭାରତ ଗଠନ ନେଇ ଯେଉଁ ସବୁ ଲକ୍ଷ୍ୟ ରଖାଯାଇଛି, ସେ ସବୁକୁ ନିଶ୍ଚୟ ପୂରଣ କରାଯିବ । ତେବେ ପପିବର୍ତ୍ତିତ ଟେକ୍ନୋଲୋଜି ଯୁଗରେ ଏକ ବଡ଼ ଆହ୍ୱାନ ରହିଛି । ଆହ୍ୱାନଟି ହେଉଛି, ଆଗାମୀ ଦିନରେ 'ବିଜ୍ଞାନ ମଣିଷକୁ ଚଳାଇବ ନା ମଣିଷ ବିଜ୍ଞାନର ନିୟନ୍ତ୍ରକ ହେବ?' ତେବେ ମୂଲ୍ୟବୋଧ, ସଂସ୍କାର ଓ ଉତ୍ତମ ବ୍ୟକ୍ତିତ୍ୱ ଦ୍ୱାରା ହିଁ ଏହି ଦ୍ୱନ୍ଦ୍ୱକୁ ଦୂର କରାଯାଇପାରିବ । ତେଣୁ ଏହି ଆଧାରରେ ଉକ୍ତ ଆହ୍ୱାନର ସମାଧାନ ଦିଗରେ ଆଗରେଇ ହେବା ପାଇଁ କେନ୍ଦ୍ରମନ୍ତ୍ରୀ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀଙ୍କୁ ଆହ୍ୱାନ କରିଛନ୍ତି । ଜୈନ ବିଶ୍ୱଭାରତୀ ଅନୁଷ୍ଠାନ ଜ୍ଞାନର ବଡ ପୁଞ୍ଜି ହେଇ ମାନବତାକୁ ଏକ ନୂଆ ଜୀବନ ପ୍ରଦାନ କରିବା ନେଇ ସେ ଆଶାବ୍ୟକ୍ତ କରିଛନ୍ତି । ଜୈନ ବିଶ୍ୱ ଭାରତୀ ଅନୁଷ୍ଠାନର ସମାବର୍ତ୍ତନ ସମାରୋହ ଅବସରରେ ସେ ପ୍ରଧାନ ପରମ ପୂଜ୍ୟ ଆଚାର୍ଯ୍ୟ ଶ୍ରୀ ମହାଶ୍ରମଣଜୀଙ୍କ ଠାରୁ ଆଶୀର୍ବାଦ ଗ୍ରହଣ କରିଥିଲେ।

# ସାଇବର ସୁରକ୍ଷା ଶିକ୍ଷା କ୍ଷେତ୍ରରେ ସିକ୍ୟୁରଆଇସ୍ ଏବଂ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ମଧ୍ୟରେ ଐତିହାସିକ ଚୁକ୍ତି

**ଭୁବନେଶ୍ୱର,୧୧।୧୧ (ମହାଭାରତ):** ଏକ ପ୍ରମୁଖ ସାଇବର ସୁରକ୍ଷା ସଂଗଠନ ସିକ୍ୟୁରଆଇସ୍ ଏବଂ ଓଡ଼ିଶାର ଏକ ପ୍ରମୁଖ ଅନୁଷ୍ଠାନ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ଚୁକ୍ତି ସ୍ୱାକ୍ଷର ହୋଇଛି । ଗୁରୁଦେବ ଶ୍ରୀ ଶ୍ରୀ ରବିଶଙ୍କରଙ୍କ ଦ୍ୱାରା ଏହି କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଛି । ଏହି ଏମଓୟୁ ଶିକ୍ଷ ପ୍ରଫେସନାଲମାନଙ୍କୁ ବିକଶିତ କରିବା ପାଇଁ ଏକ ରଣନୀତିକ ଯୋଜନା । ଏହାକୁ କାର୍ଯ୍ୟକାରୀ କରିବା ପାଇଁ ଏକ ବିସ୍ତୃତ ରୋଡ ମ୍ୟାପ ଅନ୍ତର୍ଭୁକ୍ତ ହୋଇଛି। ଏହି ସହଭାଗୀତା ମାଧ୍ୟମରେ, ସଂଗଠନଗୁଡ଼ିକ ଆପରେନ୍ସିସ ଏମବୋଡେଡ ସ୍ନାତକ, ସ୍ନାତକୋତର ଏବଂ ଦକ୍ଷତା ପ୍ରମାଣୀକରଣ କାର୍ଯ୍ୟକ୍ରମ ଆରମ୍ଭ କରିବେ, ସହଯୋଗୀ ଅନୁସନ୍ଧାନ ଏବଂ ପରାମର୍ଶକୁ ବୃଦ୍ଧି କରିବେ।

ଭାରତ ଏବଂ ବିଶ୍ୱର ଦ୍ରୁତ ଡିଜିଟାଲ ବିସ୍ତାର ଏବଂ ସାଇବର ବିପଦ ବୃଦ୍ଧି ସହିତ ସାଇବର ନିରାପତ୍ତା କୌଶଳ ଦିନକୁ ଦିନ ଜରୁରୀ ହୋଇପଡୁଛି । ଏହି ଭଳି କ୍ଷେତ୍ର ବିଶେଷ ଜ୍ଞାନ ଆବଶ୍ୟକ କରେ



ଏବଂ ଏଥିରେ ତାଲିମ ପ୍ରାପ୍ତ ବ୍ୟକ୍ତିଙ୍କ ପାଇଁ ବିକଶିତ କ୍ଷେତ୍ରି ଅଭିବୃଦ୍ଧି ଏବଂ ନୂତନ ସୁଯୋଗ ପ୍ରଦାନ କରିବ। ଏହି ଅବସରରେ ସିକ୍ୟୁରଆଇସ୍‌ର ସିଇଓ କର୍ମେନ୍ଦ୍ର କୋହଲି କହିଲେ,ପରବର୍ତ୍ତୀ ପିଢ଼ିର ସାଇବର ସୁରକ୍ଷା ପ୍ରଫେସନାଲମାନଙ୍କୁ ପ୍ରତିପୋଷଣ କରିବା ପାଇଁ ଆମର ଜ୍ଞାନ ଆଦାନପ୍ରଦାନ କରିବା ଲାଗି ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ସହ ସହଭାଗୀ ହୋଇଥିବାରୁ ଆମେ ଅତ୍ୟନ୍ତ ଆନନ୍ଦିତ। ଆସନ୍ତାକାଲିର ଆହ୍ୱାନ ପାଇଁ ଛାତ୍ରଛାତ୍ରୀମାନଙ୍କୁ ପ୍ରସ୍ତୁତ କରି ଏହି ସହଯୋଗ ଶିଳ୍ପରେ ଦକ୍ଷତା ବ୍ୟବଧାନକୁ ଦୂର କରିବ। ଏହି ଅବସରରେ ସିକ୍ୟୁରଆଇସ୍‌ର ସିଟିଓ ସିମନ୍ତ ପଟ୍ଟନାୟକ କହିଲେ,ଏକାଡେମିକ ସହିତ ହ୍ୟାଣ୍ଡ-ଅନ ଟ୍ରେନିଂକୁ ଏକତ୍ର କରି ଆମେ କୁଶଳୀ ସାଇବର ସୁରକ୍ଷା ବୃତ୍ତିଗତଙ୍କ ପୁଲ ସୃଷ୍ଟି କରିବୁ। ଏହି ସହଭାଗୀତା ସାଇବର ସୁରକ୍ଷା କ୍ଷେତ୍ରରେ ନବସୃଜନ, ଅନୁସନ୍ଧାନ ଏବଂ ଅଭିବୃଦ୍ଧି ଘଟାଇବ।

# ଡ. ଧରଣୀଧର ନାଥ ପାଇଲେ ଡ. ନଗେନ୍ଦ୍ରନାଥ ପ୍ରଧାନ ସ୍ମୃତି ସମ୍ମାନ

**ଭୁବନେଶ୍ୱର,୧୧।୧୧ (ମହାଭାରତ):** ବିଶିଷ୍ଟ ସାହିତ୍ୟ ସାଧକ, ଗବେଷକ, ସମାଜସେବୀ ତଥା ସଂଗଠକ ସ୍ୱର୍ଗତଃ ପ୍ରଫେସର ଡକ୍ଟର ନଗେନ୍ଦ୍ରନାଥ ପ୍ରଧାନଙ୍କ ୮୯ତମ ଜନ୍ମ ଜୟନ୍ତୀ ପାଳନ କାର୍ଯ୍ୟକ୍ରମ ଅଖିଳ ଭାରତୀୟ ସାହିତ୍ୟ ପରିଷଦ, ଓଡ଼ିଶା ପକ୍ଷରୁ ଏହାର ଅନୁଗୋଳ ଜିଲ୍ଲା ଅଧ୍ୟକ୍ଷ ପ୍ରଫେସର ଶାନ୍ତନୁ କୁମାର ସରଙ୍କ ଅଧ୍ୟକ୍ଷତାରେ ଅନୁଗୋଳ ଗାନ୍ଧୀମାର୍ଗସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଅଛି। ଏହି ଅବସରରେ ବିଶିଷ୍ଟ ସାହିତ୍ୟିକ, ଗବେଷକ ତଥା କୃତବିଦ୍ୟ ସ୍ରଷ୍ଟା ଡକ୍ଟର ଧରଣୀଧର ନାଥଙ୍କୁ ୭ମ ନଗେନ୍ଦ୍ରନାଥ ସ୍ମୃତି ସମ୍ମାନ-୨୦୨୪ରେ ସମ୍ମାନିତ କରିବାସହ ମାନପତ୍ର, ଉପଢୌକନ, ନାରିକେଳ ସହିତ ଅର୍ଥରାଶି ପ୍ରଦାନ କରାଯାଇଅଛି।

କାର୍ଯ୍ୟକ୍ରମର ଆରମ୍ଭରେ ଅତିଥି ମାନଙ୍କ ଦ୍ୱାରା ଦୀପ ପ୍ରଜ୍ୱଳନ କରାଯାଇ ସଭାର ଶୁଭାରମ୍ଭ କରାଯାଇଥିଲା। ମଂଚରେ ଆସୀନ ଅତିଥି ମାନଙ୍କ ସ୍ୱାଗତ ଓ ପରିଚୟ ପ୍ରଦାନ ରାମକୃଷ୍ଣ ତ୍ରିପାଠୀ କରିଥିଲେ। ଉପଦେଷ୍ଟା ଶ୍ରୀ ବିଜୟ ମୋଦି ଶ୍ରୀ ନଗେନ୍ଦ୍ର ନାଥ ପ୍ରଧାନଙ୍କର ସରଳ ଓ ଅମାୟିକ ବ୍ୟବହାର ସମ୍ପର୍କରେ ନିଜର ଅନୁଭୂତି ବଖାଣି ଥିଲେ। ସମ୍ବର୍ଦ୍ଧନାର ଉତ୍ତରରେ ଡ. ଧରଣୀଧର ନାଥ ଅଖିଳ ଭାରତୀୟ ସାହିତ୍ୟ ପରିଷଦ ପ୍ରତି କୃତଜ୍ଞତା ପ୍ରକାଶ କରିବା ସହିତ ଡ. ନଗେନ୍ଦ୍ରନାଥ ପ୍ରଧାନଙ୍କ ଗବେଷଣାତ୍ମକ ସାହିତ୍ୟ ସାଧନା ଓ ସାଙ୍ଗଠନିକ ଦକ୍ଷତା ସମ୍ପର୍କରେ ଆଲୋକପାତ କରିବା ସହିତ ତାଙ୍କ ମାର୍ଗ ଦର୍ଶନରେ ସରସ୍ୱତୀ ଶିଶୁ ମନ୍ଦିର ଗୁଡ଼ିକ କିପରି ସର୍ବଶ୍ରେଷ୍ଠ ବିଦ୍ୟାଳୟ ହୋଇପାରିଥିଲା ତାହା ବର୍ଣ୍ଣନା କରିଥିଲେ। ଅଖିଳ ଭାରତୀୟ ସାହିତ୍ୟ ପରିଷଦ ଓଡ଼ିଶାର ସାଧାରଣ ସାମ୍ପାଦକ ଡ. ସନ୍ତୋଷ କୁମାର ମହାପାତ୍ର ଶ୍ରୀ ନଗେନ୍ଦ୍ର ନାଥ ପ୍ରଧାନଙ୍କର ସାମଗ୍ରିକ ଜୀବନ କିପରି ପ୍ରେରଣାଦାୟୀ ଥିଲା ।

# ଅନ୍ତର୍ଜାତୀୟ ଶ୍ରୀ ଅନ୍ନ ଓ ବିସ୍ମୃତ ଖାଦ୍ୟ ସମ୍ମିଳନୀ ଉଦ୍‌ଯାପିତ

**ଭୁବନେଶ୍ୱର,୧୧।୧୧ (ମହାଭାରତ):** କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ଭୁବନେଶ୍ୱରସ୍ଥିତ ଲୋକସେବା ଭବନରେ ଆୟୋଜିତ ଦୁଇଦିନିଆ ଅନ୍ତର୍ଜାତୀୟ ଶ୍ରୀ ଅନ୍ନ ଓ ବିସ୍ମୃତ ଖାଦ୍ୟ ସମ୍ମିଳନୀ ଉଦ୍‌ଯାପିତ ହୋଇଯାଇଛି । ଓଡ଼ିଶାର ଶ୍ରୀ ଅନ୍ନ ଓ କୃଷି ଐତିହ୍ୟ ଶୀର୍ଷକ ବିଷୟବସ୍ତୁକୁ ନେଇ ଆୟୋଜିତ ଏହି ସମ୍ମିଳନୀରେ ଶ୍ରୀ ଅନ୍ନ ଓ ବିସ୍ମୃତ ଖାଦ୍ୟକୁ ପ୍ରୋତ୍ସାହନ ଦେବା ଦିଗରେ ରୋଡ୍‌ମ୍ୟାପ ପ୍ରସ୍ତୁତ କରିବା ନେଇ ରାଜ୍ୟ, ଜାତୀୟ ଓ ଅନ୍ତର୍ଜାତୀୟସ୍ତରରୁ ଯୋଗ ଦେଇଥିବା ଅଂଶଗ୍ରହଣକାରୀମାନେ ମତବ୍ୟକ୍ତ କରିଥିଲେ ।

ଉଦ୍‌ଯାପନୀ ସମାରୋହରେ ଉପ ମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତି ମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଛନ୍ତି ଯେ, ଜଳବାୟୁ ସହନଶୀଳ ଓ ପାରମ୍ପରିକ ଖାଦ୍ୟକୁ ପୁନରୁଦ୍ଧାର କରିବା ଦିଗରେ ପ୍ରୟାସ ଜାରି ରଖିବୁ । ଚିରନ୍ତନ କୃଷି ଓ ଖାଦ୍ୟ ନିରାପତ୍ତାକୁ ସୁଦୃଢ଼ କରିବା ନେଇ ମିଳିମିଶି କାର୍ଯ୍ୟ କରିବୁ । ବିଭାଗର ଏହି ପ୍ରୟାସକୁ ସମର୍ଥନ କରୁଥିବା ହିତାଧିକାରୀ ଓ ସଂଗଠନମାନଙ୍କୁ ସେ ଧନ୍ୟବାଦ ଅର୍ପଣ କରିଥିଲେ । ଶ୍ରୀ ଅନ୍ନକୁ ପ୍ରୋତ୍ସାହିତ କରିବା ଦିଗରେ ଆମ ପ୍ରଧାନମନ୍ତ୍ରୀଙ୍କ ଦୂରଦୃଷ୍ଟି ଓଡ଼ିଶାରେ ଶ୍ରୀ ଅନ୍ନ ଓ ବିସ୍ମୃତ ଖାଦ୍ୟର ପୁନଃରୁଦ୍ଧାର କରିବାରେ ସହାୟକ ହେବ ବୋଲି ସେ ଆଶାବ୍ୟକ୍ତ କରିଥିଲେ ।



ସମ୍ମିଳନୀରେ ଉପ ମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ଓ ପର୍ଯ୍ୟଟନ ମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ଯୋଗଦେଇ କହିଛନ୍ତି ଯେ, ଶ୍ରୀ ଅନ୍ନ ଆମ ପାଇଁ ଖାଦ୍ୟର ଉତ୍ସ ହେବା ସହ ଏହା ଆମର ଐତିହ୍ୟ ଓ ଭବିଷ୍ୟତ ଅଟେ । ଏହାକୁ ପୁନରୁଦ୍ଧାର କରିବା ନିମନ୍ତେ ସମସ୍ତଙ୍କ ଖାଦ୍ୟଥାଳିରେ ସାମିଲ କରିବାକୁ ହେବ । ଗର୍ଭବତୀ ଓ ପ୍ରସୂତୀ ମା'ମାନଙ୍କୁ ଏବଂ ସ୍କୁଲ ଛାତ୍ରଛାତ୍ରୀଙ୍କୁ ଖାଦ୍ୟରେ ମାଣ୍ଡିଆ ଦିଆଯିବା ପାଇଁ ସରକାର ଯୋଜନା କରୁଛନ୍ତି । ପୁରୁଣା ସମୟର ଲୋକଙ୍କ ଖାଦ୍ୟାଭ୍ୟାସ ସବୁଠାରୁ ଉତ୍କୃଷ୍ଟ ଥିଲା କିନ୍ତୁ ଆଜିକାଲି ଆମେ ବିଦେଶୀ ଖାଦ୍ୟକୁ ଅନୁକରଣ କରି ଆମ ନିଜସ୍ୱ ଖାଦ୍ୟକୁ ଅବହେଳା କରୁଛେ । ତେଣୁ ନିଜସ୍ୱ ଖାଦ୍ୟକୁ ପ୍ରୋତ୍ସାହନର ଆବଶ୍ୟକତା ରହିଛି । ଯେତେବେଳେ ମା'ମାନେ ଶ୍ରୀ ଅନ୍ନକୁ ଆପଣାଇବେ, ସେତେବେଳେ ସ୍ୱାସ୍ଥ୍ୟ କ୍ଷେତ୍ରରେ ମଧ ଆହୁରି ଉନ୍ନତି ହେବ । ମିଲେଟ୍ ଶକ୍ତି କାଫେ, ଟିଫିନ ସେଂଟ ର ଏବଂ ମିଲେଟ୍ ମଦର କାର୍ଯ୍ୟକ୍ରମରେ ଆମେ ଆଦିବାସୀ ସମ୍ପ୍ରଦାୟଙ୍କୁ ସାମିଲ କରି ଏହି ଜଳବାୟୁ ସହନଶୀଳ ଶସ୍ୟକୁ ଆହୁରି ବ୍ୟାପକ କରିପାରିବା । ମିଶନ ଶକ୍ତିର ସ୍ୱୟଂ ସହାୟକ ଗୋଷ୍ଠୀମାନେ ୩୦ଟି ଜିଲ୍ଲାରେ ୧୭୭ଟି ବ୍ଲକ୍‌ରେ ମିଲେଟ୍‌ର ବିଭିନ୍ନ ଖାଦ୍ୟ ପ୍ରସ୍ତୁତ କରି ଲୋକଙ୍କୁ ଯୋଗାଇ ଦେଉଛନ୍ତି ଏବଂ ମିଶନ ଶକ୍ତି ଦ୍ୱାରା ପରିଚାଳିତ ୨୬୩ଟି ମିଲେଟ୍ ଟିଫିନ୍ ସେଂଟ ର ରାଜ୍ୟରେ ରହିଥିବାବେଳେ ୩୩ଟି ମିଲେଟ୍ କାଫେ ଖୋଲାଯାଇଛି ।

ସମ୍ମିଳନୀରେ ଅନ୍ୟତମ ଅତିଥିଭାବେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ, ମିଳିତ ଜାତିସଂଘ ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମର ରାଷ୍ଟ୍ର ନିର୍ଦ୍ଦେଶିକା ଏଲିଜାବେଥ ଫୌର, ଉଦ୍ୟାନ କୃଷି ନିର୍ଦ୍ଦେଶକ ଶ୍ରୀ ନିଖିଲ ପଓ୍ୱନ କଲ୍ୟାଣ, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ କୁଳପତି ଶ୍ରୀ ପ୍ରଭାତ କୁମାର ରାଉଳ, କୃଷି ନିର୍ଦ୍ଦେଶକ ଶ୍ରୀ ପ୍ରେମଚନ୍ଦ୍ର ଚୌଧାରୀ ପ୍ରମୁଖ ଯୋଗ ଦେଇଥିଲେ ।

ଏହି ଦ୍ୱିଦିବସୀୟ ସମ୍ମିଳନୀର ୨ୟ ଦିବସରେ ବିସ୍ମୃତ ଖାଦ୍ୟ ଶସ୍ୟର ଜୈବିକ ଚାଷ ପଦ୍ଧତି ସମ୍ପର୍କରେ ଜନଜାତି ସମ୍ପ୍ରଦାୟଙ୍କ ଅଭିଜ୍ଞତା, ଅବହେଳିତ ଫସଲକୁ ବ୍ୟାପକ କରିବା ଏବଂ ବିସ୍ମୃତ ଖାଦ୍ୟଶସ୍ୟର ବିହନ ଉତ୍ପାଦନକୁ ପ୍ରୋତ୍ସାହନ ଦେବା, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ/ ଉଦ୍ୟୋଗୀଙ୍କ ଦ୍ୱାରା ଅବହେଳିତ ଖାଦ୍ୟଶସ୍ୟ ଓ ବିସ୍ମୃତ ଖାଦ୍ୟର ବ୍ୟବସାୟୀକରଣ ଓ ଉଦ୍ୟୋଗୀକରଣ, ପୁଷ୍ଟିଶସ୍ୟ ସେବା କେନ୍ଦ୍ରର ସ୍ଥାୟିତ୍ୱ ପାଇଁ ଦୀର୍ଘମିଆଦି ଆଭିମୁଖ୍ୟ, ଖାଦ୍ୟ ସଂସ୍କୃତିର ବିସ୍ମୃତ ଖାଦ୍ୟଶସ୍ୟ ଓ ସମ୍ପ୍ରଦାୟର ଯୋଗଦାନ ଭଳି ୫ଟି ବିଷୟବସ୍ତୁକୁ ନେଇ ଆୟୋଜିତ ଅଧିବେଶନରେ ଆଲୋଚନା କରାଯାଇଥିଲା । ସମ୍ମିଳନୀ ମାଧ୍ୟମରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, କୃଷକ ଉତ୍ପାଦକ ସଂଗଠନ, ନୀତି ନିର୍ଦ୍ଧାରକ, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗୀ, ଗବେଷଣା ପ୍ରତିଷ୍ଠାନ, ସ୍ୱାସ୍ଥ୍ୟ ଅନୁଷ୍ଠାନ, ହୋଟେଲ ଆସୋସିଏସନ୍, ସେଫ୍ ସଂଗଠନ, ବ୍ଲଗ ଏବଂ ଛାତ୍ରଛାତ୍ରୀଙ୍କ ସମେତ ବହୁ ହିତାଧିକାରୀଙ୍କୁ ସାମିଲ କରାଯାଇ ଶ୍ରୀ ଅନ୍ନ ଏବଂ ବିସ୍ମୃତ ଖାଦ୍ୟକୁ ପ୍ରୋତ୍ସାହିତ କରିବା ଦିଗରେ ଏକ ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରିବା ନେଇ ଲକ୍ଷ୍ୟ ରଖାଯାଇଥିଲା ।

# ଆଜିଠାରୁ ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'

**ଭୁବନେଶ୍ୱର,୧୧।୧୧ (ମହାଭାରତ):** ଶିଶୁ ଦିବସ ଉପଲକ୍ଷେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ଆରମ୍ଭ ହେଉଛି । ନଭେମ୍ବର ୧୨ ରୁ ୧୪ ତାରିଖ ଯାଏଁ ଭୁବନେଶ୍ୱରସ୍ଥିତ କ୍ୟାପିଟାଲ ହାଇସ୍କୁଲ, ୟୁନିଟ୍-୩ ପରିସରରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହେଉଛି । ଏହି ମହୋତ୍ସବରେ ବ୍ଲକ ଓ ଜିଲ୍ଲାସ୍ତରରେ ବିଭିନ୍ନ ପ୍ରତିଯୋଗିତାରେ ବିଜେତା ଛାତ୍ରଛାତ୍ରୀମାନେ ଯୋଗ ଦେବେ । ପ୍ରାୟ ୨୦୦୦ ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଏଥିରେ ଅଂଶଗ୍ରହଣ କରିବେ ।

ଏହି ତିନିଦିନିଆ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନଙ୍କ ପାଇଁ ବିଭିନ୍ନ ପ୍ରତିଯୋଗିତା, ସ୍ଥାନୀୟ ପରିଭ୍ରମଣ, ବିଶିଷ୍ଟ ବ୍ୟକ୍ତିଙ୍କ ସହ ସାକ୍ଷାତକାର, ଶ୍ରେଷ୍ଠ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନୀ, କର୍ମଶାଳା ଓ ବିଭିନ୍ନ ପ୍ରଦର୍ଶନୀ ଏବଂ ଦଳଗତ ସାଂସ୍କୃତିକ କାର୍ଯ୍ୟମାନ ଆୟୋଜନ କରାଯାଇଛି ।

ମଙ୍ଗଳବାର ସନ୍ଧ୍ୟାରେ 'ସୁରଭି' କାର୍ଯ୍ୟକ୍ରମର ଉଦଘାଟନୀ ଉତ୍ସବରେ ମନ୍ତ୍ରୀ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ନିତ୍ୟାନନ୍ଦ ଗଣ୍ଡ, ମେୟର ଭୁବନେଶ୍ୱର ମହାନଗର ନିଗମ ଶ୍ରୀମତୀ ସୁଲୋଚନା ଦାସ, ବିଧାୟକ ଅନନ୍ତ ନାରାୟଣ ଜେନା, ବିଧାୟକ ସୁଶାନ୍ତ କୁମାର ରାଉତ, ବିଧାୟକ ବାବୁ ସିଂ, ଉନ୍ନୟନ ଆୟୁକ୍ତ ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ ଅତିଥି ଭାବରେ ଯୋଗ ଦେବେ । ଉତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ଓ ମନ୍ତ୍ରୀ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ନିତ୍ୟାନନ୍ଦ ଗଣ୍ଡ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି ।

ସୂଚନାଯୋଗ୍ୟ, ନଭେମ୍ବର ୧୪ ଶିଶୁ ଦିବସ ସମାରୋହରେ ମୁଖ୍ୟ ଅତିଥି ଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ସମ୍ମାନନୀୟ ଅତିଥି ଭାବେ ମନ୍ତ୍ରୀ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ନିତ୍ୟାନନ୍ଦ ଗଣ୍ଡ, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ମାନନୀୟା ଭୁବନେଶ୍ୱର ସାଂସଦ ଶ୍ରୀମତୀ ଅପରାଜିତା ଷଡ଼ଙ୍ଗୀ, ବିଧାୟକ ବାବୁ ସିଂ ଓ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ପ୍ରମୁଖ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି ।

# ବିସ୍ମୃତ ଖାଦ୍ୟକୁ ଲୋକାଭିମୁଖୀ କରିବାକୁ ପ୍ରକ୍ରିୟାକରଣ ଓ ମୂଲ୍ୟଯୋଗକୁ ପ୍ରାଧାନ୍ୟ

**ଭୁବନେଶ୍ୱର,୧୧।୧୧ (ମହାଭାରତ):** ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଆଜି ଭୁବନେଶ୍ୱରସ୍ଥିତ କନଭେନସନ୍ ସେଂର୍ଟଠାରେ 'ଅନ୍ତର୍ଜାତୀୟ ଶ୍ରୀ ଅନ୍ନ ଓ ବିସ୍ମୃତ ଖାଦ୍ୟ ସମ୍ମିଳନୀ ୨୦୨୪' ଉଦ୍‌ଘାଟିତ ହୋଇଯାଇଛି । ସମ୍ମିଳନୀ ଅବସରରେ ଶ୍ରୀ ଅନ୍ନର ବହୁଳ ବ୍ୟବହାର ଏବଂ ଏହାର ଗୁଣାତ୍ମକ ଦିଗ ବାବଦରେ ବିଭିନ୍ନ ବୈଷୟିକ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି । ଏକ ବୈଷୟିକ ଅଧିବେଶନରେ ବିସ୍ମୃତ ଖାଦ୍ୟଶସ୍ୟର ପ୍ରକ୍ରିୟାକରଣ ଓ ମୂଲ୍ୟଯୋଗକୁ ନେଇ ବିସ୍ତୃତ ଆଲୋଚନା । ଏହି ଆଲୋଚନାରେ ବିସ୍ମୃତ ଖାଦ୍ୟକୁ ଲୋକାଭିମୁଖ କରିବା ଉଦ୍ଦେଶ୍ୟରେ ଏହାକୁ କିପରି ନୂତନ ଉପାୟରେ, ନୂତନ ପ୍ରଣାଳୀ ମାଧ୍ୟମରେ ଅଧିକ ଲୋକପ୍ରିୟ କରାଯାଇପାରିବ ସେ ନେଇ ଆଲୋଚନା କରାଯାଇଥିଲା। ବୈଠକର ମୁଖ୍ୟବକ୍ତା ଭାବେ ଯୋଗଦେଇ ଓୟୁଏଟିର ଅଧ୍ୟାପକ ଡ. ନିହାର ରଞ୍ଜନ ସାହୁ ନୂତନ ପ୍ରକ୍ରିୟାକରଣ ଓ ମୂଲ୍ୟଯୋଗ ଦ୍ୱାରା ବିସ୍ମୃତ ଖାଦ୍ୟକୁ କିଭଳି ପୁଣି ଲୋକପ୍ରିୟ କରାଯାଇପାରିବ ସେ ନେଇ ମତ ରଖିଥିଲେ । ମହାରାଷ୍ଟ୍ରରୁ ଆସିଥିବା ସୃଜନ ସଂସ୍ଥାର ଟିମ୍ ଲିଡର ସନ୍ଦୀପ ଭୂଜେଲ ଆଡ ଉତ୍ପାଦନରେ ଆଣିଥିବା ବୈପ୍ଳବିକ ପରିବର୍ତ୍ତନ ଓ ନିଜର ଅନୁଭୂତି ସମ୍ପର୍କରେ ଆଲୋଚନା କରିଥିଲେ । ଏମ୍. ଏସ୍. ସ୍ୱମୀନାଥାନ ରିସର୍ଚ୍ଚ ଫାଉଣ୍ଡେସନର ବୈଜ୍ଞାନିକ ଡ କାର୍ତ୍ତିକ ଚରଣ ଲେଙ୍କା ପୋଷଣୀୟ ଶକ୍ତି ବୃଦ୍ଧିରେ ବିସ୍ମୃତ ଖାଦ୍ୟର ଭୂମିକା ସମ୍ପର୍କରେ ସୂଚନା ଦେଇଥିଲେ ।

# ଫିନୋ ବ୍ୟାଙ୍କ ପ୍ରଚଳନ କଲା 'ଗୁଲ୍ଲକ' ଆକାଉଣ୍ଟ

**ଭୁବନେଶ୍ୱର,୧୧।୧୧ (ମହାଭାରତ):** ବ୍ୟାଙ୍କିଙ୍ଗକୁ ସହଜ, ସରଳ ଏବଂ ସ୍ୱାଚ୍ଛନ୍ଦ୍ୟପୂର୍ଣ୍ଣ କରି ଫିନୋ ପେମେଣ୍ଟସ୍ ବ୍ୟାଙ୍କ ସମ୍ପ୍ରତି ଗ୍ରାହକମାନେ ଯେଭଳି ଅଧିକ ସଞ୍ଚୟ କରିବେ ତାହା ଉପରେ ଦୃଷ୍ଟିନିବଦ୍ଧ କରୁଛି । ଗ୍ରାହକମାନଙ୍କ ପାଇଁ ମୂଲ୍ୟ ସୃଷ୍ଟି କରିବା ପ୍ରୟାସ ଜାରି ରଖି ଫିନୋ ବ୍ୟାଙ୍କ ଏକ ନୂଆ ସଞ୍ଚୟ ଆକାଉଣ୍ଟ 'ଗୁଲ୍ଲକ' ପ୍ରଚଳନ ସମ୍ପର୍କରେ ଘୋଷଣା କରିଛି, ଯାହା ଗ୍ରାହକଙ୍କର ସ୍ୱତନ୍ତ୍ର ଆବଶ୍ୟକତା ପୂରଣ କରିବା ନିମନ୍ତେ ଡିଜାଇନ କରାଯାଇଥିବା ଏବଂ ଏକାଧିକ ଫାଇଦା ଯୋଗାଇଦେଇ ସଞ୍ଚୟରେ ଉନ୍ନତି ସାଧନ କରିବା ଲକ୍ଷ୍ୟ ରଖିଛି।

ଜଣେ ଫିନୋ ବ୍ୟାଙ୍କର ସାରା ଓଡ଼ିଶାରେ ପରିବ୍ୟାପ୍ତ ପାଖାପାଖି ୧୬୫୦୦ ମର୍ଚ୍ଚାଣ୍ଟ ପଏଣ୍ଟ ମଧ୍ୟରୁ ଯେକୌଣସିଟିରେ ଗୁଲ୍ଲକ ଆକାଉଣ୍ଟ ଖୋଲି ଫାଇଦା ଉପଭୋଗ କରିପାରିବେ। ମାତ୍ର ୧୦୦୦ ଟଙ୍କା ବାଲାନ୍ସ ସହିତ ଗୁଲ୍ଲକ ଆକାଉଣ୍ଟଧାରୀଙ୍କୁ ଅନ୍ୟ କୌଣସି ବାର୍ଷିକ ପ୍ଲାନ ଦେୟ ଦେବାକୁ ପଡିବ ନାହିଁ, କୌଣସି ଚାର୍ଜ ବିନା ନଗଦ ଅର୍ଥ ଜମା କରିବା, ଅଣ ମେଟ୍ରୋ ସହରଗୁଡିକରେ ୭ଟି ମାଗଣା ଏଟିଏମ କାରବାର କରିବା ଏବଂ ରୂପେ ଡେବିଟ କାର୍ଡରେ ଅଫରଗୁଡିକ ଉପଭୋଗ କରିପାରିବେ। ଏଥିରେ ଏକ ଆକର୍ଷଣୀୟ ବିଷୟ ହେଉଛି କେତେକ ନିର୍ଦ୍ଦିଷ୍ଟ ସର୍ତ୍ତ ପୂରଣ କରିବା ପରେ ସର୍ବନିମ୍ନ ଆକାଉଣ୍ଟ ବାଲାନ୍ସ ଛାଡ ପାଇବା।

ଏଗୁଡିକ ମଧ୍ୟରେ ରହିଛି ଫିନୋପେ ମୋବାଇଲ ଆପ୍ ଜରିଆରେ ଗୋଟିଏ ମାସରେ ୫୦୦ ଟଙ୍କା ମୂଲ୍ୟର ପାଞ୍ଚଟି ୟୁପିଆଇ ଦେଣନେଣ ଅଥବା ଫିନୋ ସହଭାଗୀ ବ୍ୟାଙ୍କ ଦ୍ୱାରା ଜାରି ଅନ୍ୟୁନ ୫୦୦୦ ଟଙ୍କାର ଏକ ବର୍ଷ ଅବଧିର ଫିକ୍ସଡ ଜମା ଅଥବା ଉକ୍ତ ଆକାଉଣ୍ଟରେ ଯେକୌଣସି ସରକାରୀ କଲ୍ୟାଣକାରୀ ଯୋଜନାର ଫାଇଦା ବାବଦ ଅର୍ଥ ଜମା ହୋଇଥିବା ଆଦି। ଗ୍ରାହକମାନେ ଯଦି ଏହି ତିନିଟି ସର୍ତ୍ତ ମଧ୍ୟରୁ କୌଣସି ଗୋଟିଏ ପୂରଣ କରୁଥିବେ, ତେବେ ଯଦି ଆକାଉଣ୍ଟରେ ବାଲାନ୍ସ ୧୦୦୦ ଟଙ୍କାରୁ କମ୍ ରହିଥିବ, ସେ କ୍ଷେତ୍ରରେ ସର୍ବନିମ୍ନ ବାଲାନ୍ସ ବଜାୟ ନରଖିବା କ୍ଷେତ୍ରରେ କୌଣସି ଚାର୍ଜ ଲାଗୁ କରାଯିବ ନାହିଁ।

ବର୍ତ୍ତମାନ ପରିପ୍ରେକ୍ଷୀରେ ଗୁଲ୍ଲକ (ପିଗି ବ୍ୟାଙ୍କ) ଗୁରୁତ୍ୱ ବହନ କରୁଛି ଯେଉଁଠାରେ ଲୋକମାନେ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟରୁ ସମସ୍ତ ଅଥବା ଅଧିକାଂଶ ଟଙ୍କା ଉଠାଇ ନେଉଛନ୍ତି, ଏବଂ ତଦ୍ଦ୍ୱାରା ସଞ୍ଚୟ ଓ ନିବେଶ କରିବାର ସୁଯୋଗ ହାତଛଡା କରୁଛନ୍ତି।

# ବେଦାନ୍ତ ଦ୍ୱିତୀୟ ତ୍ରୈମାସିକରେ ଟିକସ ପରବର୍ତ୍ତୀ ଲାଭ ୨୩୦% ବୃଦ୍ଧି

**ଭୁବନେଶ୍ୱର,୧୧।୧୧ (ମହାଭାରତ):** ବେଦାନ୍ତ ଲିମିଟେଡ ପକ୍ଷରୁ ୨୦୨୪-୨୫ ଆର୍ଥିକ ବର୍ଷର ସେପ୍ଟେମ୍ବର ୩୦ ସୁଦ୍ଧା ଶେଷ ହୋଇଥିବା ଦ୍ୱିତୀୟ ତ୍ରୈମାସିକର ଆର୍ଥିକ ଫଳାଫଳ ଘୋଷଣା କରାଯାଇଛି। ଏହି ସମୟରେ କମ୍ପାନିର ରାଜସ୍ୱ ୩୭,୧୭୧ କୋଟି ଟଙ୍କା ହୋଇଛି ଯାହା ତ୍ରୈମାସିକରେ ୫% ଓ ବାର୍ଷିକଭିତିରେ ୧୦% ଅଧିକ। କମ୍ପାନିର ଇବିଆଇଟିଡିଏ ୧୦,୩୬୪କୋଟି ଟଙ୍କା ହୋଇଛି ଯାହା ଲଗାତାର ଦ୍ୱିତୀୟ ତ୍ରୈମାସିକରେ ୧୦ ହଜାର କୋଟି ଟଙ୍କାରୁ ଅଧିକ ହୋଇଥିବା ବେଳେ ବାର୍ଷିକ ଭିତିରେ ୪୪% ବୃଦ୍ଧି ପାଇଛି। ଇବିଆଇଟିଡିଏ ମାର୍ଜିନ ୩୪% ବୃଦ୍ଧି ପାଇଛି।

ବେଦାନ୍ତ ଲିମିଟେଡର ନିଟ ଋଣ ସେପ୍ଟେମ୍ବର ୩୦ ସୁଦ୍ଧା ୫୬,୯୨୭ କୋଟି ଟଙ୍କା ହୋଇଛି ଯାହା ୨୦୦୪ ଜୁନ ତୁଳନାରେ ୪,୪୦୦ କୋଟି ଟଙ୍କା କମ୍। କମ୍ପାନି ଏଚଜେଡଏଲର ଅଫର ଫର ସେଲ୍‌ରେ ୩୧୩୩ କୋଟି ଟଙ୍କା ଓ କ୍ୟୁଆଇପି ଜରିଆରେ ୮୫୦୦ କୋଟି ଟଙ୍କା ସଂଗ୍ରହ କରିଛି। ଇକ୍ରା ପକ୍ଷରୁ କମ୍ପାନିର ରେଟିଂକୁ ଏଏକୁ ବୃଦ୍ଧି କରାଯାଇଥିବା ବେଳେ କ୍ରିସିଲ ରେଟିଂସ୍ ଏହାର ଆଉଟ୍‌ଲୁକ୍‌କୁ ସକାରାତ୍ମକ ଆଡ଼କୁ ଉନ୍ନତି ଆଣିଛି।

ଏହି ସମୟରେ ବେଦାନ୍ତ ରିସୋର୍ସେସ ଲିମିଟେଡ (ଭିଆରଏଲ) ବଣ୍ଡ ଜାରି କରି ୧.୨ ବିଲିୟନ ଡଲାର ସଂଗ୍ରହ କରିପାରିଛି ଏବଂ ଋଣ ଉପରେ ସୁଧ ଖର୍ଚ୍ଚକୁ ଏହା ୩ ପ୍ରତିଶତ କମ୍ କରିପାରିଛି। ମୂଳ କମ୍ପାନିର ନିଟ୍ ଋଣ ପ୍ରଥମ ଅର୍ଦ୍ଧବାର୍ଷିକୀରେ ୧ ବିଲିୟନ ଡଲାର ହ୍ରାସ ପାଇଛି ଯାହା ଦଶନ୍ଧି ମଧ୍ୟରେ ସର୍ବନିମ୍ନ। କମ୍ପାନିର ଡିମର୍ଜର ଚୂଡ଼ାନ୍ତ ପର୍ଯ୍ୟାୟରେ ଓ ସଠିକ୍ ପଥରେ ରହିଛି।

# ଆଇଆଇଟି ଭୁବନେଶ୍ୱର ପକ୍ଷରୁ ଯୁବା ମନ୍ଥନ ୨୦୨୪ ଆୟୋଜିତ

**ଭୁବନେଶ୍ୱର,୧୧।୧୧ (ମହାଭାରତ):** ଭାରତୀୟ ପ୍ରଦ୍ୟୋଗିକ ସଂସ୍ଥାନ (ଆଇଆଇଟି) ଭୁବନେଶ୍ୱର ପକ୍ଷରୁ ନିକଟରେ ଯୁବା ମନ୍ଥନ ୨୦୨୪ ର ଆୟୋଜନ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଅଧୀନରେ ଏକ ମଡେଲ ମିଳିତ ଜାତିସଂଘ (ୱାଇମୁନ), ଯୁବ ସଂସଦୀୟ ବିତର୍କ (ୱାଇପିଡି) ଏବଂ ଯୁବା ମନ୍ଥନ ହ୍ୟାକାଥନ୍ ଆଦି ବିଶେଷ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଛାତ୍ର ଜିମଖାନାର ସାମାଜିକ-ସାଂସ୍କୃତିକ ଏବଂ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ପରିଷଦ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନେ ବିତର୍କ, ନୀତିଗତ ଆଲୋଚନା ଏବଂ ଅଭିନବ ପ୍ରତିଯୋଗିତାର ଏକ ପ୍ରେରଣାଦାୟକ ମିଶ୍ରଣ ପାଇଁ ଏକତ୍ରିତ ହୋଇଥିଲେ । ଚଳିତ ବର୍ଷର ଯୁବା ମନ୍ଥନର ବିଷୟବସ୍ତୁ ଥିଲା '୨୦୪୭ ପର୍ଯ୍ୟନ୍ତ ଭାରତର ଯାତ୍ରାର ଉଦ୍ଦୀପନା: ଏକ ବିକଶିତ ଭାରତର ଲକ୍ଷ୍ୟ'। ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ, ନିର୍ଦ୍ଦେଶ ଅନୁଯାୟୀ ଏହି କାର୍ଯ୍ୟକ୍ରମର ଆୟୋଜନ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗଙ୍କ ଅଧୀନରେ କରାଯାଇଥିଲା।

ଏହି କାର୍ଯ୍ୟକ୍ରମଟି ୯ ନଭେମ୍ବର ୨୦୨୪ ରେ ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ଶ୍ରୀପଦ କରମଲକର, ନିର୍ଦ୍ଦେଶକ ଙ୍କ ଦ୍ୱାରା ଉଦ୍ଘାଟିତ ହୋଇଥିଲା। ଏହି ଅବସରରେ, ଭାରପ୍ରାପ୍ତ ଡିନ୍ (ଛାତ୍ର ବ୍ୟାପାର) ପ୍ରଫେସର ଏସ.କେ. ପଣ୍ଡା, ଛାତ୍ର ଜିମଖାନାର ସଭାପତି କୋଦଣ୍ଡରାମ ମର୍ଙ୍ଗପୁଡି, ତଥା ଅଧ୍ୟାପକ ଉପଦେଷ୍ଟା ଡକ୍ଟର ଦେବେଶ ପୁନେରା ଏବଂ ଡକ୍ଟର ସୁବ୍ରଦୀପ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ, ପ୍ରଫେସର କରମଲକର ଦେଶର ଯୁବଗୋଷ୍ଠୀର ବୌଦ୍ଧିକ ବିକାଶରେ 'ଯୋଗାଯୋଗ, ସହଯୋଗ ଏବଂ ସମାଲୋଚନାମୂଳକ ଚିନ୍ତାଧାରା'ର ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ, ଯାହା ପରବର୍ତ୍ତୀ ସମୟରେ ଦେଶର ବିକାଶକୁ ସମର୍ଥନ କରିବ ବୋଲି ସେ ମତ ବ୍ୟକ୍ତ କରିଥିଲେ। ମାନ୍ୟଗଣ୍ୟ ବ୍ୟକ୍ତିମାନେ ଯୁବ-ଚାଳିତ ନବସୃଜନ ଏବଂ ସମସ୍ୟା ସମାଧାନର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରି ଅଂଶଗ୍ରହଣକାରୀମାନଙ୍କୁ ସେମାନଙ୍କର ପୂର୍ଣ୍ଣ ସାମର୍ଥ୍ୟର ଅନ୍ୱେଷଣ ଓ ଉପଯୋଗ କରିବାକୁ ଉତ୍ସାହିତ କରିଥିଲେ ।

ଏହି କାର୍ଯ୍ୟକ୍ରମଟି ମଡେଲ୍ ମିଳିତ ଜାତିସଂଘ (ୱାଇମୁନ) ରୁ ଆରମ୍ଭ ହୋଇଥିଲା, ଯେଉଁଥିରେ ତିନୋଟି କମିଟିରେ ୬୦ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ଆନ୍ତର୍ଜାତୀୟ ପ୍ରେସ (ଆଇପି) କମିଟିରେ ଯୁବ ସାମ୍ବାଦିକ ଏବଂ ଭିଡିଓଗ୍ରାଫରମାନେ ସମସ୍ତ ଆଲୋଚନାର ସ୍ୱଚ୍ଛତା ଏବଂ ନିରପେକ୍ଷ ରିପୋର୍ଟ ନିଶ୍ଚିତ କରିଥିଲେ। ମିଳିତ ଜାତିସଂଘର ବିକାଶ କାର୍ଯ୍ୟକ୍ରମ (ୟୁଏନଡିପି) କମିଟି ଉତ୍ସାହୀ ପ୍ରତିନିଧୀଙ୍କୁ ବିଭିନ୍ନ ଦେଶରେ ପ୍ରତିନିଧିତ୍ୱ କରୁଥିବାବେଳେ ବିତର୍କରେ ସର୍ବଭାରତୀୟ ରାଜନୈତିକ ଦଳ ମିଟ୍ (ଏଆଇପିପିଏମ) କମିଟି ଛାତ୍ରମାନଙ୍କୁ ସ୍ଥାନୀୟ ରାଜନୈତିକ ନେତାଙ୍କ ପ୍ରତିନିଧିତ୍ୱ କରିବାକୁ ଅନୁମତି ଦେଇ ସମସାମୟିକ ଭାରତୀୟ ରାଜନୀତି ତଥା ନୀତି ବିଷୟରେ ତର୍ଜମା କରିଥିଲା। ପ୍ରତ୍ୟେକ କମିଟିର ପ୍ରଦର୍ଶନକୁ ବିଚାରପତିଙ୍କ ଦ୍ୱାରା ମୂଲ୍ୟାଙ୍କନ କରାଯାଇଥିଲା ଏବଂ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ଚାରୋଟି ବର୍ଗରେ ପୁରସ୍କାର ପ୍ରଦାନ କରାଯାଇଥିବାବେଳେ ସମସ୍ତ ଅଂଶଗ୍ରହଣକାରୀ ସେମାନଙ୍କ ଯୋଗଦାନକୁ ସ୍ୱୀକୃତି ପ୍ରଦାନ କରିଥିଲେ।

ନଭେମ୍ବର ୧୦ ରେ ଆୟୋଜିତ ଯୁବ ସଂସଦୀୟ ବିତର୍କ (ୱାଇପିଡି), ଛାତ୍ରଛାତ୍ରୀମାନଙ୍କ ପାଇଁ ସଂସଦୀୟ ଶୈଳୀରେ ଆଲୋଚନା ପାଇଁ ଏକ ନୂତନ ପ୍ଲାଟଫର୍ମ ପ୍ରଦାନ କରିଥିଲା। ଅଂଶଗ୍ରହଣକାରୀମାନେ ନିର୍ବାଚନ ସଂସ୍କାର ପରି ବିଷୟ ଉପରେ ସୁଚିନ୍ତିତ ଭାଷଣ ପ୍ରଦାନ କରିଥିଲେ, ଏବଂ ପରେ ଖୋଲା ବିତର୍କ ଦ୍ୱାରା ଏହା ସମ୍ପୃକ୍ତ ଅଂଶଗ୍ରହଣକାରୀଙ୍କ ପାଇଁ ଏକ ଆକର୍ଷଣୀୟ ଚିନ୍ତାଧାରାର ପଥ ପ୍ରଶସ୍ତ କରିଥିଲା ।

ୱାଇମୁନ ଏବଂ ୱାଇପିଡି ସହିତ ଯୁବା ମନ୍ଥନ୍ ହାକାଥନ୍ ମଧ୍ୟ ଆୟୋଜିତ ହୋଇଥିଲା, ଯାହାର ବିଷୟବସ୍ତୁ ଥିଲା 'ଅଭିନବତା ଏବଂ ବିକାଶ ମାଧ୍ୟମରେ ଯୁବ ଉଦ୍ଭାବନ ଏବଂ ଦର୍ଶନର ଉନ୍ମୋଚନ' । ବିଶ୍ଳେଷଣ ଏବଂ ନୀତି ନିର୍ଦ୍ଧାରଣ କୌଶଳକୁ ଉତ୍ସାହିତ କରିବା ପାଇଁ ପରିକଳ୍ପିତ ଚ୍ୟାଲେଞ୍ଜରେ ପ୍ରତିଯୋଗିତା କରି ହ୍ୟାକଥନରେ ୧୨ ଟି ଦଳ ରହିଥିଲେ, ପ୍ରତ୍ୟେକରେ ୫ ଜଣ ସଦସ୍ୟ ରହିଥିଲେ। ପ୍ରଥମ ଦିନରେ ପ୍ରବନ୍ଧ ଲିଖନ, ସ୍ଲୋଗାନ ଲିଖନ, ଏବଂ ପୋଷ୍ଟର ପ୍ରସ୍ତୁତି ଆଦି ପ୍ରତିଯୋଗିତା ପ୍ରାଥମିକ ରାଉଣ୍ଡ ଭାବରେ ପ୍ରଦର୍ଶିତ ହୋଇଥିଲା, ଏବଂ ଦ୍ୱିତୀୟ ଦିନରେ ଅର୍ଥନୈତିକ ନୀତି ନିର୍ବାହ ରାଉଣ୍ଡ ସଂଚାଳିତ ହୋଇଥିଲା, ଯେଉଁଥିରେ ଦଳମାନେ ଭାରତରେ ଆର୍ଥିକ ଆହ୍ୱାନର ସମାଧାନ ପାଇଁ ସମାଧାନର ପନ୍ଥା ପ୍ରସ୍ତୁତ କରିଥିଲେ।

ଛାତ୍ର ଜିମଖାନାର ଉପସଭାପତି ଯୁବରାଜ ପ୍ରତାପ ସିଂଙ୍କ ଧନ୍ୟବାଦ ଅର୍ପଣ ସହିତ ଏହି କାର୍ଯ୍ୟକ୍ରମ ଶେଷ ହୋଇଛି।

## ଭିଜିଲାନ୍ସ ଚଢ଼ଉ

ଭିଜିଲାନ୍ସ ଚଢ଼ଉ ବେଳେ ଆଖି ଖୋସିହେଲା ଭଳି ସମ୍ପତ୍ତି ଧରାପଡୁଛି। ଉଭା ଯେତେ ପୋତା ସେତେ ଭଳି ଉପରକୁ ଯେତିକି ସମ୍ପତ୍ତି ଠାବ ହେଉଛି, ବେନାମୀ ଭାବେ ତାହାଠାରୁ ଢେର ଅଧିକ ରହିଛି। ଦୁର୍ନୀତିରେ ସମ୍ପୃକ୍ତ ବ୍ୟକ୍ତି ବେଶ ଅୟସ ବିଳାସରେ ଜୀବନ ବିତାନ୍ତି, ଭଲ ଖାଇବା, ପିନ୍ଧିବା ଏବଂ ବୁଲିବାରେ କାଣି ଭଳି ଖର୍ଚ୍ଚ କରନ୍ତି। ଏହାର ହିସାବ ଭିଜିଲାନ୍ସ ପାଖରେ ନାହିଁ। ଟମାଟୋ ଦର ୧୦୦ ଟଙ୍କା ହେଲେ ବି ସେମାନଙ୍କ ପାଇଁ ବିଶେଷ ଫରକ ନାହିଁ। ପେଟ୍ରୋଲ, ଡିଜେଲ ଦର ବଢ଼ିଲେ ସେମାନେ ନିର୍ଲିପ୍ତ ରହନ୍ତି। କାରଣ ସେମାନେ କଳାଧନର ପାହାଡ଼ ଉପରେ ବସିଥାନ୍ତି। କଳାଟଙ୍କା ଖର୍ଚ୍ଚ କରିବାକୁ ସେମାନଙ୍କୁ ଚିନ୍ତା ଏବଂ ଯୋଜନା କରିବାକୁ ପଡ଼ିଥାଏ। ଅନେକ ସମୟରେ ସେମାନେ ଦରବୃଦ୍ଧିରେ ଖୁସି ହୁଅନ୍ତି। ଏହାର କାରଣ ଦୁଇଟି। ପ୍ରଥମ କାରଣ ହେଲା ନିଜର କଳାଟଙ୍କା ଖର୍ଚ୍ଚ ହେବ। ଦ୍ୱିତୀୟରେ ସାଧାରଣ ଲୋକେ ଯେଉଁ ସାମଗ୍ରୀ କିଣିବାକୁ ଅସମର୍ଥ ହୁଅନ୍ତି, ସେମାନେ ଏହାକୁ ସହଜରେ କିଣି ଆତ୍ମବଡ଼ିମା ଦେଖାନ୍ତି। ବାହାରକୁ ଗଲେ ଏମାନେ ପଞ୍ଚତାରକା ହୋଟେଲରେ ରହିବାକୁ ପସନ୍ଦ କରନ୍ତି। ବିମାନ ଯାତ୍ରାଠାରୁ ଆରମ୍ଭ କରି ଅନ୍ୟାନ୍ୟ ବାବଦରେ ବିପୁଳ ଖର୍ଚ୍ଚ କରନ୍ତି। ଦାମୀ ଗାଡ଼ି କିଣିବା ଏମାନଙ୍କର ସଉକ। ସବୁଠାରୁ ବଡ଼ କଥା ହେଲା ଏମାନେ ନିର୍ବାଚନ ବେଳେ ନେତାଙ୍କୁ ମୋଟା ଅଙ୍କର ଚାନ୍ଦା ଦିଅନ୍ତି। ଭଲ ଯାଗାରେ ପୋଷ୍ଟି ହେବାକୁ ଉପରିସ୍ଥ ଅଧିକାରୀ ଏବଂ ନେତାଙ୍କୁ ମଧ୍ୟ ଲାଞ୍ଚ ଦିଅନ୍ତି। ଏମାନଙ୍କ ପାଇଁ ମୁଦ୍ରାସ୍ଫୀତି ବଢୁଛି। କୌଣସି ସାମଗ୍ରୀର ଦର ବଢ଼ିଲେ ଏମାନେ ଏହାକୁ ସହଜରେ କିଣିପାରନ୍ତି। ତେଣୁ ବେପାରୀ କାହିଁକି ଦର କମାଇବ ? ଏଥିରେ ଗରିବ ଓ ସାଧାରଣ ବ୍ୟକ୍ତିଟିଏ ଶୋଷଣରୁ ଶିକାର ହୋଇଥାଏ। ଏହା ଅର୍ଥନୀତି ପ୍ରତି ବିପଦ ସୃଷ୍ଟି କରିଥାଏ। ନିକଟରେ ଲୋୟର ସୁକତେଲ ପ୍ରକଳ୍ପର ମୁଖ୍ୟଯନ୍ତ୍ରୀ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ଯାଞ୍ଚ ବେଳେ ତାଙ୍କର ଯେଉଁ ସ୍ଥାବର ଏବଂ ଅସ୍ଥାବର ସମ୍ପତ୍ତି ଠାବ ହୋଇଛି ତାହା ଅବିଶ୍ୱାସନୀୟ। ଜଣେ ଲୋକ ନିଜର ଚାକିରୀ କାଳ ଭିତରେ ନ୍ୟାୟସଙ୍ଗତ ଆୟରୁ ଏତେ ସମ୍ପତ୍ତି ଠୁଳ କରିବା ଅସମ୍ଭବ। ତାଙ୍କର ୩୪ଟି ପ୍ଲଟ, ବିପୁଳ ପରିମାଣର ସୁନା, ଘର, ଫ୍ଲାଟ ଏବଂ ଦାମୀ କାର ତଥା ଫାର୍ମ ହାଉସ ରହିଛି। ସେହିପରି ଜଣେ ଯୁଗ୍ମ ଅବକାରୀ କମିଶନରଙ୍କୁ ଦୁର୍ନୀତି ଅଭିଯୋଗରେ ଭିଜିଲାନ୍ସ ବାନ୍ଧିଛି। ତାଙ୍କ କଳାଧନ ଆଗରେ ଯନ୍ତ୍ରୀ ପଛରେ ପଡ଼ିଯିବେ। ଜଟଣୀର ଜଣେ ମହିଳା ସହକାରୀ ଯନ୍ତ୍ରୀ ଠିକାଦାରଙ୍କଠାରୁ ୫୦ ହଜାର ଟଙ୍କା ଲାଞ୍ଚ ନେବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ଆଳୁ ଖୋଳୁ ଖୋଳୁ ମହାଦେବ ବାହାରିଲା ଭଳି ତାଙ୍କ ବିଳାସପୂର୍ଣ୍ଣ ଜୀବନ ସମ୍ପର୍କରେ ବେଶ ରୋଚକ ତଥ୍ୟ ମିଳିଛି। ଠିକାଦାରଙ୍କ ବିଲ୍ ପାସ୍ କରାଇବା ଲାଗି ସେ କେବଳ ପିସି ଆଦାୟ କରୁନଥିଲେ, ଠିକାଦାରଙ୍କୁ ଇଲିସି ମାଛଠାରୁ ଆରମ୍ଭ କରି ବାଲକାଟି ମଟନ ମଧ୍ୟ ମାଗୁଥିଲେ। ସତେ ଯେମିତି ସରକାର ତାଙ୍କୁ ଦରମା ଦେଉନାହାଁନ୍ତି ବା ଏସବୁ କିଣିବାକୁ ତାଙ୍କର ସାମର୍ଥ୍ୟ ନାହିଁ! ଜଣେ ଠିକାଦାର ଏତେ ଟଙ୍କା ଲାଞ୍ଚ ବାବଦରେ ଖର୍ଚ୍ଚ କଲେ ସେ ନିଜ କାମରେ ନିଶ୍ଚୟ ଠକିବ। ନଚେତ ତାଙ୍କର ଲାଭ କେଉଁଠୁ ବାହାରିବ ? ସେ କିପରି ଚଳିବେ ? ସେ ଯେଉଁ କାମ ପାଇଁ ପ୍ରାପ୍ୟ ପାଉଛନ୍ତି, ତାହା ସାଧାରଣ ଲୋକଙ୍କ ଟିକସ ଅର୍ଥରୁ ଖର୍ଚ୍ଚ ହେଉଛି। ଅର୍ଥାତ ସାଧାରଣ ଲୋକଙ୍କ ଅର୍ଥକୁ ଦୁର୍ନୀତିଗ୍ରସ୍ତ ବ୍ୟକ୍ତିମାନେ ଅପବ୍ୟୟ କରୁଛନ୍ତି। ସେମାନଙ୍କୁ ଲୁଟେରା ବୋଲି କହିଲେ ଭୁଲ ହେବ ନାହିଁ। ଭିଜିଲାନ୍ସ ଯେତିକି ଲୋକଙ୍କୁ ଧରୁଛି, ତାହାର ଶହେ ଗୁଣ ଲୋକ ଦୁର୍ନୀତି କରି ଖସି ଯାଉଛନ୍ତି। ଯେଉଁମାନେ ଭିଜିଲାନ୍ସ ଦ୍ୱାରା ଧରାପଡୁଛନ୍ତି ଏବଂ ସସପେଣ୍ଡ ହେଉଛନ୍ତି, ସେମାନଙ୍କ ଭିତରୁ ଖୁବ କମ ଲୋକ ଦଣ୍ଡିତ ହେଉଛନ୍ତି।

## ସତ୍ୟନାମର ମାହାତ୍ମ୍ୟ

> “ *ସଦଗୁରୁ ନାମମୟ ହୋଇଥିବାରୁ ଦର୍ପଣବତ୍ ହୋଇଥାନ୍ତି। ସେଥିପାଇଁ ଯେଉଁ ବ୍ୟକ୍ତି ଯେଉଁ ଭାବ ନେଇ ସଦଗୁରୁଙ୍କ ନିକଟରେ ଉପସ୍ଥିତ ହୁଅନ୍ତି, ସେ ସଦଗୁରୁଙ୍କ ନିକଟରୁ ସେହି ଭାବ ପ୍ରାପ୍ତ ହୋଇଥାନ୍ତି ଏବଂ ତାଙ୍କ ଭିତରର ସେହି ଭାବ ସଦଗୁରୁଙ୍କ ଦର୍ଶନ ସ୍ପର୍ଶନରେ ଉତ୍ତେଜିତ ଓ ଜାଗ୍ରତ ହୋଇ ପ୍ରକାଶ ପାଏ, ଯଥା କାମକ୍ରୋଧାଦି। କିନ୍ତୁ ସେହି ସୁପ୍ତଭାବ ସମୂହ ଜାଗ୍ରତ ହୋଇ ପ୍ରକାଶିତ ହେବାରୁ ସେମାନେ ଯେଉଁ ପରିମାଣରେ ଭିତରେ ଥିଲେ ସେହି ପରିମାଣରେ ରହିପାରନ୍ତି ନାହିଁ, ବହିର୍ଗତ ହୋଇଯାଆନ୍ତି।*


।। ଉମେଶ ଚନ୍ଦ୍ର ପାତ୍ର ।।


ସତ୍ୟନାମରେ ତ୍ରିତାପଜ୍ୱାଳା ବିଦୂରିତ ହୁଏ। ଏହି ନାମ ଦ୍ୱାରା ଯେପରି ଆଧ୍ୟାତ୍ମିକ ଉନ୍ନତ ବା ଆତ୍ମାର ଉନ୍ନୟନ ଅତି ସତ୍ୱର ଅତି ସହଜରେ ହୁଏ, ସେହିପରି ସାଂସାରିକ ଦୁଃଖ-କଷ୍ଟ, ଯନ୍ତ୍ରଣା, ବିପଦ-ଆପଦ, ରୋଗଶୋକାଦି ମଧ ଶୀଘ୍ର ବିଦୂରିତ ହୁଏ। ସାଧାରଣତଃ ଦେଖାଯାଏ ଯେ କୌଣସି ଜଣେ ଲୋକକୁ ଯଦି ଗୋଟିଏ ଅଙ୍କ କରିବାକୁ ଦିଆଯାଏ, ସେ ସେହି ଅଙ୍କଟି କଠିନ ଏକଥା ଶୁଣିଲେ ବା ଅଙ୍କଟି କଠିନ ମନେ କଲେ ତା'ପକ୍ଷରେ ସେ ଅଙ୍କ କରିବା ଆଉ ସାଧ୍ୟ ହୁଏନାହିଁ। 'ଅଙ୍କଟି କରିପାରିବି ନାହିଁ' – ଏହି ଭାବ ମନରେ ଆସିଲେ ସେହି ଅଙ୍କରେ ସେ ଆଉ ମନୋନିବେଶ କରିପାରେନା। ମନଟି ନିବଷ୍ଟ ନ ହେଲେ ଆଉ ତାହାଦ୍ୱାରା ସେ ଅଙ୍କ ହୋଇପାରେନା। ହୁଏତ ଅଙ୍କଟି ସେ କରିପାରିବ ବିଶ୍ୱାସ କରି ଆରମ୍ଭ କଲେ ସେଥିରେ ତାର ମନ ନିବିଷ୍ଟ ହୁଅନ୍ତା, ଫଳରେ ସେ ଚେଷ୍ଟା କରି ହୁଏତ ସଫଳତା ଲାଭ କରିପାରନ୍ତା। ବିଶ୍ୱାସରେ ମନୋନିବେଶ ହୁଏ ଏବଂ ତଦ୍ୱାରା ଆଭ୍ୟନ୍ତରୀଣ ସୁପ୍ତଶକ୍ତିର ଉଦବୋଧନରେ କାର୍ଯ୍ୟରେ ସଫଳତା ଲାଭ ହୁଏ। ସେଥିପାଇଁ ଭଗବାନ କୃଷ୍ଣ ଶ୍ରୀମଦ ଭଗବତ ଗୀତାରେ କହିଛନ୍ତି – ଯୋଗ କର୍ମସୁ କୌଶଳଂ।

ସେହିପରି ଆମେ ଯେତେବେଳେ ବିଶ୍ୱାସର ସହିତ ଯେକୌଣସି ଉଦ୍ଦେଶ୍ୟରେ ଭଗବାନଙ୍କ ନାମ କରୁ ସେତେବେଳେ ଆମର ମନ ଅନ୍ତର୍ମୁଖୀ ହୁଏ ଏବଂ ସେହି କାର୍ଯ୍ୟରେ ମନୋନିବେଶ ହୁଏ। ନାମ ଜପ କଲେ ନାମର ଗୋଟିଏ ସ୍ପନ୍ଦନ ଉପସ୍ଥିତ ହୁଏ। ସେହି ସ୍ପନ୍ଦନ ଆମର ସର୍ବାଙ୍ଗରେ, ସମସ୍ତ ତନ୍ତୁ, କୋଷ, ସ୍ନାୟୁ ତଥା ସମସ୍ତ ଯନ୍ତ୍ରରେ, କ୍ରମେ କ୍ରମେ ଅନ୍ତଃରାଜ୍ୟରେ ପ୍ରବେଶ କରି ଅନ୍ତରପ୍ରଦେଶକୁ କମ୍ପିତ କରିବା ଦ୍ୱାରା ମର୍ମ୍ମସ୍ଥାନ ସଞ୍ଜିବନୀ ଶକ୍ତି କମ୍ପନ ଦ୍ୱାରା ଉତ୍ତେଜିତ ହୋଇପଡ଼େ। ମର୍ମସ୍ଥାନ ବା ଜୀବନୀ ଶକ୍ତି ଉତ୍ତେଜିତ ହେଲେ ଗୋଟାଏ ପ୍ରବାହ ଉପସ୍ଥିତ ହୁଏ, ଏବଂ ସେହି ପ୍ରବାହ ଦ୍ୱାରା ସମସ୍ତ ଯନ୍ତ୍ର, ଶରୀର ଓ ମନର କାର୍ଯ୍ୟକାରିତା ବୃଦ୍ଧି ପାଏ। ଆମ ଶରୀର ମଧ୍ୟରେ ହିଁ ଆରୋଗ୍ୟକାରୀ ଶକ୍ତି ବର୍ତ୍ତମାନ ଅଛି। କୌଣସି ପ୍ରକାର ଔଷଧ ବା ଉଷ୍ଣତା ବା ଶୈତ୍ୟାଦି ପ୍ରୟୋଗ ଦ୍ୱାରା ରୋଗ ଭଲ ହୁଏ ନାହିଁ। ଏଗୁଡ଼ିକର ପ୍ରୟୋଗ ଦ୍ୱାରା ସେହି ସୁପ୍ତ ଆରୋଗ୍ୟକାରୀ ଶକ୍ତିକୁ ଉଦବୋଧିତ ବା ଜାଗ୍ରତ କରିଦିଏ ବୋଲି ରୋଗ ଆରୋଗ୍ୟ ହୁଏ। ସେହିପରି ଭାବରେ ଜୀବନୀଶକ୍ତି ଉତ୍ତେଜିତ ହେଲେ ଆମ୍ଭମାନଙ୍କ ଶରୀରର ସମସ୍ତ ଯନ୍ତ୍ର କାର୍ଯ୍ୟକ୍ଷମ ହୁଏ। ସେମାନଙ୍କର କାର୍ଯ୍ୟକାରୀ ଶକ୍ତି ଉତ୍ତେଜିତ ହେବା ଦ୍ୱାରା ଆମର ଆଳସ୍ୟ, ମୋହ ଇତ୍ୟାଦି ଦୂରୀଭୂତ ହୋଇ ଆମେ ଖୁବ କାର୍ଯ୍ୟକ୍ଷମ ହେଉ। ପୁଣି ଠିକ୍ ସେହି ହିସାବରେ ଆମ ଦେହର ବା ଦେହ ଯନ୍ତ୍ରର ପୀଡ଼ା ଦୂରୀଭୂତ ହୁଏ। ପୀଡ଼ା ଯଦି ସାଧାରଣ ହୋଇଥାଏ ତେବେ କେବଳ ନାମ ଜପ ଦ୍ୱାରା ତାହାର ନିରାକରଣ ହୋଇପାରେ। ଯେତେ ପରିମାଣର ରୋଗାକ୍ରମଣ ସେତେ ପରିମାଣର ନାମ କମ୍ପନରେ ହିଁ ଉପକାର ହୋଇପାରେ, ଅଥବା ତତପେକ୍ଷା ଉଚ୍ଚ ଡିଗ୍ରୀର ନାମରେ ମଧ ହୋଇପାରେ, କିନ୍ତୁ ନିମ୍ନ ଡିଗ୍ରୀର ନାମରେ ହୋଇପାରେନା। ଯେପରି ଓଁର ଏକ ନିର୍ଦ୍ଦିଷ୍ଟ ଡିଗ୍ରୀର କମ୍ପନ ଅଛି। ସେହି ଓଁ ଜପ କଲେ ବାୟୁମଣ୍ଡଳରେ ନାମକାରୀର ଦେହରେ ବା ଶ୍ରୋତାର ଦେହରେ ଓଁ ଡିଗ୍ରୀର ଯେଉଁ କମ୍ପନ ଅଛି ତାହା ହିଁ ସ୍ପନ୍ଦିତ ହେବ। ଭାବାତ୍ମକ ବା ବର୍ଣ୍ଣାତ୍ମକ ନାମ ଦ୍ୱାରା ସ୍ଥୂଳ କମ୍ପନ ହୁଏ, କିନ୍ତୁ ଧ୍ୱନ୍ୟାତ୍ମକ ନାମ, ଅନାହତ ନାଦ ବା ବୀଜମନ୍ତ୍ର ଦ୍ୱାରା ସୂକ୍ଷ୍ମ କମ୍ପନ ହୁଏ। ପୁଣି ଯେଉଁ ବୀଜମନ୍ତ୍ର ଯେତେ ସୂକ୍ଷ୍ମତର ଓ ସୂକ୍ଷ୍ମତମ ଅର୍ଥାତ୍ ସତ୍ୟାଦି ଉଚ୍ଚତମ ଧାମର ବୀଜ, ତାହା ଜପ କରିବା ଦ୍ୱାରା ସେତେ ଅଧିକ ସୂକ୍ଷ୍ମଦେଶ, ଇଥର ବା ଇଲେକଟ୍ରନାଦି ପର୍ଯ୍ୟନ୍ତ ଏବଂ ନର ଦେହର ସେତେ ଅଧିକ ସୂକ୍ଷ୍ମଦେଶ ବା ମର୍ମସ୍ଥାନ ପର୍ଯ୍ୟନ୍ତ କମ୍ପିତ ହୁଏ ଏବଂ ସେତେ ବେଶୀ ଶକ୍ତିର କମ୍ପନ ଉପସ୍ଥିତ ହୁଏ, ସୁତରାଂ କଠିନ ରୋଗ ଆରୋଗ୍ୟ ପାଇଁ ବା କୌଣସି କଠିନ କାର୍ଯ୍ୟ ସାଧନ ଅଥବା ଉଚ୍ଚତମ ଆଧ୍ୟାତ୍ମିକତା ଲାଭ କରିବା ପାଇଁ ଉଚ୍ଚତମ ସ୍ତରର ବୀଜ ଜପ କରିବା ଦରକାର। ସେଥିପାଇଁ ସାଧକ ଗାଇଛନ୍ତି – 'ନାମେ ଶୁଷ୍କତରୁ ମୁଞ୍ଜରିଲା।' ଅର୍ଥାତ୍ ନାମ ଦ୍ୱାରା ଶୁଷ୍କତରୁ ପଲ୍ଲବିତ ହୁଏ। ସେଥିପାଇଁ ନାମ ଦ୍ୱାରା ମୃତ ମଣିଷ ମଧ ବଞ୍ଚିପାରେ। ଯେଉଁମାନେ ରୋଗୀ, ସେମାନଙ୍କୁ ସତ୍ୟନାମ ଜପ କରାଇବା ଦ୍ୱାରା ଉପରୋକ୍ତ କାରଣରୁ ଏବଂ ସେଥି ସହିତ ବିଶ୍ୱାସ ବଳରେ ଆରୋଗ୍ୟ ଲାଭ ଘଟିଥାଏ। ଯେ ଯେଉଁ ଉଦ୍ଦେଶ୍ୟରେ ଯେପରି ଭାବରେ ନାମ କରେ, ସେହି କାର୍ଯ୍ୟରେ ତାହାର ମନୋଯୋଗ ହୋଇ ମନ ସଂଯତ ଓ ସଂଯୁକ୍ତ ହୁଏ ଏବଂ ତାହା ଫଳ ଲାଭ କରିବାରେ ସହାୟତା କରେ। କିନ୍ତୁ ଯେଉଁ ରୋଗୀର ସଂଜ୍ଞାଶୂନ୍ୟାବସ୍ଥା ହୋଇଥାଏ, ତାକୁ ନାମ ଦ୍ୱାରା ଆରୋଗ୍ୟ କରିବାକୁ ହେଲେ, ନାମକାରୀ ବ୍ୟକ୍ତିକୁ ଉଚ୍ଚତମ ଶକ୍ତିମାନ ନାମ ଜପ କରି ନାମମୟ ହୋଇ ରୋଗୀକୁ ସ୍ପର୍ଶ କରି ଏକାନ୍ତ ମନରେ ନାମ କରିବାକୁ ହେବ। ତଦ୍ୱାରା ତାହାର ନାମକାରୀର ଶରୀରରେ ଯେ କମ୍ପନ ହୁଏ ତାହା ବୈଦ୍ୟୁତିକ ଶକ୍ତି ଧାରା ପରି ରୋଗୀର ଶରୀରର ସମଜାତୀୟତା ବଶତଃ ଆଭ୍ୟନ୍ତରରେ ପ୍ରବେଶ କରି ପୂର୍ବୋଲ୍ଲିଖିତ ପ୍ରଣାଳୀ କ୍ରମେ ରୋଗ ନିରାମୟ କରେ। ଏହା ସଙ୍ଗେ ସଙ୍ଗେ ତାହାର ନିରାମୟ ଭାବର ଇଚ୍ଛାଶକ୍ତିର କ୍ରିୟା ମଧ ହୋଇଥାଏ। ମଣିଷର ଶାଖା ଅର୍ଥାତ୍ ହସ୍ତପଦର ଅଙ୍ଗୁଳି ନେଗେଟିଭ ପୋଲର କାର୍ଯ୍ୟ କରେ। ସେହି ଅଙ୍ଗୁଳି ସମୂହରେ ଅନ୍ତର୍ବାହୀ ଓ ବହିର୍ବାହୀ ସ୍ନାୟୁ ରହିଛି, ତଦ୍ୱାରା ଚୈତନ୍ୟ ଶକ୍ତିଧାରା ବାହିତ ହୋଇଥାଏ। ଉତ୍ତମାଙ୍ଗ ବା ଦେହ ପଜିଟିଭ ପୋଲ କାର୍ଯ୍ୟ କରେ। ସୁତରାଂ ଯେ ବ୍ୟକ୍ତି ନାମମୟ ହୋଇ ନାମ କରେ ତାହାର ହସ୍ତ ରୋଗୀର ଉତ୍ତମାଙ୍ଗରେ ବା ଦେହରେ ସଂସ୍ଥାପିତ ହେଲେ ଭଲ କାର୍ଯ୍ୟ ହୁଏ। ନାମର କମ୍ପନ ରୋଗୀର ଗୃହ, ତନ୍ମଧ୍ୟସ୍ଥ ବାୟୁ, ଅଣୁ-ପରମାଣୁ ଓ ଇଥର ଇତ୍ୟାଦିକୁ ମଧ ସ୍ପନ୍ଦିତ କରିଦିଏ। ତାହାର ଫଳ ମଧ ରୋଗୀ ଲାଭ କରିଥାଏ। ଯେପରି କୌଣସି ସ୍ଥାନରେ କୌଣସି ଅସତ୍ କାର୍ଯ୍ୟ କଲେ ବା ଅସତ୍ ବାକ୍ୟ ଉଚ୍ଚାରିତ ହେଲେ ସେହି ସ୍ଥାନର ଅଣୁ-ପରମାଣୁ ଓ ଇଥର ପ୍ରଭୃତିରେ ସେହି ଅସତ୍ ଭାବର କମ୍ପନ ଯେପରି ବିସ୍ତାର ଲାଭ ଘଟିଥାଏ, ନାମ କମ୍ପନରେ ମଧ ତଦ୍ରୁପ ହୋଇଥାଏ। ଗୋଟିଏ ସତ୍ୟ ଘଟଣା ଅଛି। କୌଣସି ଏକ ସ୍ଥାନରେ ଗୋଟିଏ ଛୁରୀ ଦ୍ୱାରା ନରହତ୍ୟା ହୋଇଥିଲା। ତାପରେ ଦେଖାଗଲା, ସେହି ନରହତ୍ୟା ଭାବ କମ୍ପନ ସେହି ଛୁରୀରେ ଏପରି ଭାବରେ ପ୍ରବେଶ କରିଥିଲା ଯେ, ଯେ କେହି ବ୍ୟକ୍ତି ସେହି ଛୁରୀ ହାତରେ ଧରିଲେ ତାହାର ନରହତ୍ୟା କରିବାର ଇଚ୍ଛା ହେଉଥାଏ। ସେହିପରି ସାଧୁପୁରୁଷ ଓ ମହାପୁରୁଷଗଣ ନାମମୟ ରହୁଥିବାରୁ ସେମାନଙ୍କ ଅଙ୍ଗ ସଂଶ୍ଲିଷ୍ଟ ପ୍ରତ୍ୟେକ ବସ୍ତୁ ହିଁ ନାମ କମ୍ପନମୟ ହୋଇଥାଏ। ସେତେବେଳେ ସେହିସବୁ ବସ୍ତୁ ଦ୍ୱାରା ଅନେକଙ୍କର ଅନେକ ଉଦ୍ଦେଶ୍ୟ ସଫଳ ହୁଏ। ଯେପରି ସାଧୁ ପିଟରଙ୍କ ଗାମୁଛା ସ୍ପର୍ଶ ଦ୍ୱାରା ବହୁ ବ୍ୟକ୍ତିଙ୍କର ରୋଗ ଆରୋଗ୍ୟ ହେଉଥିଲା। ସାଧୁଙ୍କ ଚରଣଧୂଳି ବା ଚରଣାମୃତରେ ଅନେକ ରୋଗ ଆରୋଗ୍ୟ ହୋଇଥାଏ। ଜଣେ ଜଜକୋର୍ଟର ଓକିଲ ପୂର୍ଣ୍ୟପୋଥିର ଭାଷ୍ୟକାର ଲେଖିଛନ୍ତି ଜଣେ ଭଦ୍ରଲୋକର ହାତ ଧରି ମୋର ମନ ହେଉଥିଲା – ଯେପରି ତାଙ୍କର ସମସ୍ତ ଶିରାକମ୍ପନ ସେହି ଓଁକାର ଧ୍ୱନି ଶୁଣା ଯାଉଛି। ଉପରୋକ୍ତ ଉପାୟରେ ସତ୍ୟନାମର ଶକ୍ତିରେ ମୃତ ବ୍ୟକ୍ତିର ଜୀବନ ଲାଭ ହୋଇପାରେ। ଯଦି ମୃତ୍ୟୁର ସମ ସମୟରେ ବା ଠିକ ଅବ୍ୟବାହିତ ପରେ ସତ୍ୟନାମର ଶକ୍ତି ପ୍ରୟୋଗ କରାଯାଏ, ତା'ହେଲେ ତାହାର ସେହି ଅନ୍ତରତମ ମର୍ମସ୍ଥାନ ମସ୍ତିଷ୍କରେ ଚୈତନ୍ୟ ଶକ୍ତି ଉତ୍ତେଜିତ ହୋଇ ବୈଦ୍ୟୁତିକ ଶକ୍ତି ସ୍ରୋତ ଓ କୃତ୍ରିମ ଶ୍ୱାସ ପ୍ରକ୍ରିୟା ଦ୍ୱାରା ଯେପରି ହୁଏ ସେହିପରି ଭାବରେ ସମସ୍ତ ଯନ୍ତ୍ର ଏକ ସଙ୍ଗରେ କାର୍ଯ୍ୟ କରିବା ଦ୍ୱାରା ଜୀବନଲାଭ ଘଟିଥାଏ – ଅବଶ୍ୟ ଯଦି ଅଭ୍ୟନ୍ତରସ୍ଥ କୌଣସି ଯନ୍ତ୍ର ଧ୍ୱଂସପ୍ରାପ୍ତ ନ ହୋଇଥାଏ। ଏକଥା ବିଜ୍ଞାନଶାସ୍ତ୍ର ସମ୍ମତ ଓ ପ୍ରତ୍ୟକ୍ଷ ପରୀକ୍ଷିତ।

ସଦଗୁରୁ ନାମମୟ ହୋଇଥିବାରୁ ଦର୍ପଣବତ୍ ହୋଇଥାନ୍ତି। ସେଥିପାଇଁ ଯେଉଁ ବ୍ୟକ୍ତି ଯେଉଁ ଭାବ ନେଇ ସଦଗୁରୁଙ୍କ ନିକଟରେ ଉପସ୍ଥିତ ହୁଅନ୍ତି, ସେ ସଦଗୁରୁଙ୍କ ନିକଟରୁ ସେହି ଭାବ ପ୍ରାପ୍ତ ହୋଇଥାନ୍ତି ଏବଂ ତାଙ୍କ ଭିତରର ସେହି ଭାବ ସଦଗୁରୁଙ୍କ ଦର୍ଶନ ସ୍ପର୍ଶନରେ ଉତ୍ତେଜିତ ଓ ଜାଗ୍ରତ ହୋଇ ପ୍ରକାଶ ପାଏ, ଯଥା କାମକ୍ରୋଧାଦି। କିନ୍ତୁ ସେହି ସୁପ୍ତଭାବ ସମୂହ ଜାଗ୍ରତ ହୋଇ ପ୍ରକାଶିତ ହେବାରୁ ସେମାନେ ଯେଉଁ ପରିମାଣରେ ଭିତରେ ଥିଲେ ସେହି ପରିମାଣରେ ରହିପାରନ୍ତି ନାହିଁ, ବହିର୍ଗତ ହୋଇଯାଆନ୍ତି। ଏହି କାରଣରୁ ଦେଖାଯାଏ ଯେ ସଦଗୁରୁଙ୍କର ଦର୍ଶନ ଓ ସ୍ପର୍ଶନ ପରେ ବ୍ୟକ୍ତିର ଚରିତ୍ରରେ ଉନ୍ନତି ହୁଏ। ସତଭାବ ନେଇ ତାଙ୍କ ନିକଟସ୍ଥ ହେଲେ ସଦଭାବର ଉଦବୋଧନ ହୁଏ, ବୃଦ୍ଧି ହେବାକୁ ଲାଗେ। ପୁଣି ତାଙ୍କ ମଧ୍ୟରେ ନାମର ଶକ୍ତିର କମ୍ପନ ବର୍ତ୍ତମାନ ଥିବାରୁ ତାଙ୍କର ଦର୍ଶନ ସ୍ପର୍ଶନରେ ଅଥବା ତାଙ୍କର ଅଙ୍ଗ ସଂଲଗ୍ନ ଶକ୍ତି ସଞ୍ଚାରିତ ବସ୍ତୁ ଦ୍ୱାରା ନାନାବିଧ ଅଦ୍ଭୁତ ଘଟଣା ସଙ୍ଘଟିତ ହୋଇଥାଏ। ବିଶ୍ୱାସରେ ରୋଗ ଆରୋଗ୍ୟ ହୁଏ ବୋଲି ଶୁଣାଯାଏ, ସେ କଥା ସତ୍ୟ। କିନ୍ତୁ ସେହି ବିଶ୍ୱାସ ସହିତ ଯଦି ସତ୍ୟନାମ ଜପ କରାଯାଏ, ତା'ହେଲେ ବହୁ ଅସାଧ୍ୟ ବ୍ୟାଧି ଆରୋଗ୍ୟ ହୋଇ ମୁମୂର୍ଷୁ ଓ ମୃତ ବ୍ୟକ୍ତିର ଜୀବନଲାଭ ହୁଏ। ନାମ ପ୍ରୟୋଗର ଆହୁରି କେତେ ଗୁଡ଼ିଏ ପ୍ରକ୍ରିୟା ଅଛି ତାହା ସଦଗୁରୁ ଉପଦେଶଗମ୍ୟ। ସେହି ପ୍ରଣାଳୀ ଅବଗତ ନ ହେଲେ ପ୍ରକୃତ ଭାବରେ କାର୍ଯ୍ୟରେ ସଫଳତା ଆସେନାହିଁ। ଆୟୁର୍ବେଦ ଶାସ୍ତ୍ରୋକ୍ତ ଚିକିତ୍ସା ପ୍ରଣାଳୀରେ ରୋଗ ଆରୋଗ୍ୟ ହୋଇଥାଏ। ପୁଣି ଏଲୋପ୍ୟାଥିକ ଚିକିତ୍ସା ପ୍ରଣାଳୀରେ ମଧ ରୋଗାରୋଗ୍ୟ ହୁଏ। ମାନସିକ ଶକ୍ତି ବା ହିପନଟିଜମ ଦ୍ୱାରା ରୋଗାରୋଗ୍ୟ ହୋଇଥାଏ। ସୂକ୍ଷ୍ମତ୍ତ୍ୱ ହୋମିଓପ୍ୟାଥିର ଉଚ୍ଚଶକ୍ତିର ଏକ ମାତ୍ରାରେ ମଧ ରୋଗାରୋଗ୍ୟ ହୁଏ। ପୁଣି ଶତସହସ୍ର ଔଷଧ ଦ୍ୱାରା ଚିକିତ୍ସା ନକରି ମଧ ମାତ୍ର ବାରଗୋଟି ବାଇଓକେମିକ ବା ଟିସୁରେମିଡ଼ି ଦ୍ୱାରା ରୋଗାରୋଗ୍ୟ ହେଉଛି।


**ପ୍ରଫେସର, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭**


## ଭୃଙ୍ଗରାଜର ଔଷଧୀୟ ଗୁଣ


।। ନଳିନୀ କୁମାର ପଣ୍ଡା ।।


ଭୃଙ୍ଗରାଜର ଉପକାରିତା:

ଙ୍ଗରାଜ ଏକ ବାର୍ଷିକ ବା ବହୁ ବର୍ଷୀୟ ତୃଣ। ଭାରତରେ ସର୍ବତ୍ର ଦେଖିବାକୁ ମିଳୁଥିବା ଏହି ତୃଣ ବା ଲତା ଜାତୀୟ ବନସ୍ପତିଟି ସାଧାରଣତଃ ପାଣି ଜମୁଥିବା ବା ସନ୍ତସନ୍ତିଆ ଜାଗାମାନଙ୍କରେ, କ୍ଷେତବାଡ଼ିରେ କିମ୍ବା ଗୋବର ଗଦାମାନଙ୍କରେ ଉଠିଥାଏ। ପ୍ରତ୍ୟେକ ଗଣ୍ଠିରୁ ଚେର ବାହାରି ଭୂମିରେ ମାଡ଼ି ବିସ୍ତାରିତ ହୋଇ ବଢ଼ିଥାଏ। କାଣ୍ଡ କୃଷ୍ଣାଭ, ଲୋମଶ ଅଟେ। ପତ୍ର ବିପରୀତ, ୨-୧୦ ସେ.ମି. ଲମ୍ବ, ୧-୨.୫ ସେ.ମି. ଚଉଡ଼ା, ଆୟତାକାର, ବର୍ଚ୍ଛାକାର, ପତ୍ରର ଉଭୟ ପୃଷ୍ଠ ଲୋମଶ। ଅଗଷ୍ଟରୁ ଏପ୍ରିଲ ମାସ ମଧ୍ୟରେ ଫୁଲ ଓ ଫଳ ଦେଖାଯାଏ। ଭୃଙ୍ଗରାଜକୁ 'କେଶରାଜ ବା ଭୀମରାଜ' ମଧ କୁହାଯାଇଥାଏ। କାରଣ ଏହା ମୁଣ୍ଡରେ ବାଳ ଉଠିବାରେ ଏବଂ ତାହା କଳା ଓ ଘଂଚ ହୋଇ ବଢ଼ିବାରେ ସାହାର୍ଯ୍ୟ କରେ। 'ଭୃଙ୍ଗଇବ ରାଜତେ ଇତି ଭୃଙ୍ଗରାଜ'। ଅର୍ଥାତ୍ ଏହା ଭ୍ରମର ପରି ସୁଶୋଭିତ ହୋଇଥିବାରୁ ଏହାକୁ ଭୃଙ୍ଗରାଜ କୁହାଯାଏ। 'ଚରକ'ଙ୍କ ପରାମର୍ଶ ଅନୁସାରେ, ଭୃଙ୍ଗରାଜ ପତ୍ରରସ ମହୁ ସହିତ ସେବନ କଲେ, ଜରା ଓ ବାର୍ଦ୍ଧକ୍ୟ ଆଗମନ ପ୍ରତିହତ ହୋଇଥାଏ। ଆସନ୍ତୁ ଆମେ ଏହାର ଆଉ କେତେକ ଉପକାର ବିଷୟରେ ଜାଣିବା।

୧) ଭୃଙ୍ଗରାଜ ସର୍ବାଙ୍ଗକୁ ଚିକ୍କଣ କରି ବାଟି ସେହି କଳ୍କ ୫ଗ୍ରାମ ମାତ୍ରାରେ ବା ପତ୍ରର ତାଜା ରସ ୫ ମି.ଲି. ମହୁ ସହିତ ପ୍ରତ୍ୟହ ତିନିଥର ଲେଖାଏଁ ସେବନ କଲେ ଅମ୍ଳପିତ ନାଶ ହୋଇଥାଏ। ୨) ଦୁଇ ଭାଗ ଭୃଙ୍ଗରାଜ ସର୍ବାଙ୍ଗ, ଏକ ଭାଗ ରାଶି ଓ ଏକ ଭାଗ ଅଁଳା ଫଳ ମଞ୍ଜାକୁ ଚୂର୍ଣ୍ଣ ପ୍ରସ୍ତୁତ କରି ଭଲ ଭାବରେ ମିଶାଇ ଏକ ଚାମଚ ମାତ୍ରାରେ ପ୍ରତ୍ୟହ କ୍ଷୀର ଓ ଚିନି ସହିତ ଦୁଇଥର ଲେଖାଏଁ ସେବନ କଲେ କେଶର ଅକାଳ ପକ୍ୱତା ଦୂର ହୋଇ କେଶ କୃଷ୍ଣବର୍ଣ୍ଣ ଦେଖାଯାଏ। ୩) ଭୃଙ୍ଗରାଜ ଗଛରୁ ପ୍ରସ୍ତୁତ ଟନିକ୍ ଯକୃତ ଓ ପ୍ଳୀହାକୁ ଅଧିକ କାର୍ଯ୍ୟକ୍ଷମ କରାଇଥାଏ। ହାଡ଼, ଦାନ୍ତ, ଦୃଷ୍ଟି ଶକ୍ତି ଓ ସ୍ମରଣ ଶକ୍ତି ଅଧିକ କ୍ରିୟାଶୀଳ କରାଇବାରେ ମଧ ସାହାଯ୍ୟ କରେ। ୪) ଯକୃତ ଗୋଳମାଳରୁ ସୃଷ୍ଟି ହେଉଥିବା କାମଳରୋଗର ସଂଭାବନା ଦୂର କରିବା ପାଇଁ ଅଧ ଚାମଚ ପତ୍ରରସ, ପାଂଚ, ଛଅଟି ଗୋଲମରିଚ ଏବଂ ଅଳେଇଚ ଚୂର୍ଣ୍ଣ ଏକ ଚାମଚ ଗୋଳାଇ ଦିନକୁ ଦୁଇଥର କିଛିଦିନ ପାଇଁ ସେବନ କରିବାକୁ ପଡ଼େ। ୫) ଭୃଙ୍ଗରାଜ ଚେରକୁ ଲୁଣ ସହ ବାଟି ପିଇବା ଦ୍ୱାରା ପରିସ୍ରା ପୋଡ଼ା ଦୂର ହୁଏ। ୬) ୨ଗ୍ରାମ ମୂଳର ଚୂର୍ଣ୍ଣ ପାଣି ସହିତ ମିଶାଇ ଦିନକୁ ଦୁଇଥର ସେବନ କଲେ, ଅତିସାର ରୋଗ ଉପଶମ ହୁଏ। ୭) ମୂଳ ଚୂର୍ଣ୍ଣ ଓ ରାଶି ତେଲ ଲଗାଇ କପାଳରେ ଘଷିଲେ ବା ଲଗାଇଲେ ମୁଣ୍ଡବ୍ୟଥା ଦୂର ହୁଏ। ୮) ଭୃଙ୍ଗରାଜ ପତ୍ର ରସ ସହ ବଚ ଚେରର ଚୂର୍ଣ୍ଣ ମିଶାଇ ମଣ୍ଡ ପ୍ରସ୍ତୁତ କରି ଦୈନିକ ଗୋଟିଏ ଥର ଲଗାଇଲେ, କିଛିଦିନ ପରେ ବ୍ରଣ ଦୂର ହୁଏ।

ଭୃଙ୍ଗରାଜର ଚାଷ ପ୍ରଣାଳୀ:

ମୃତିକା ଓ ଜଳବାୟୁ :- କର୍ଦ୍ଦମାକ୍ତ ମାଟି ଭୃଙ୍ଗରାଜ ଚାଷ ପାଇଁ ଉପଯୁକ୍ତ। କର୍ଦ୍ଦମାକ୍ତ ମାଟିରୁ ଏହା ଭଲ ବଢୁଥିବା ସତ୍ୱେ ଜମି ଚୟନ ସମୟରେ ଏହା ଯେପରି ନାଲି, ଦୋରସା ଓ ଜୈବସାର ସମୃଦ୍ଧ ହୋଇଥିବ

ସେଥିପ୍ରତି ଦୃଷ୍ଟି ଦେବା ନିହାତି ଆବଶ୍ୟକ। ଏହା ଛଡା ୧୦ ଡିଗ୍ରୀ ସେଲସିୟସ୍‌ରୁ ୧୫ ଡିଗ୍ରୀ ସେଲସିୟସ ତାପମାତ୍ରା ଥିବା ଅଂଚଳରେ ଏହା ଦ୍ରୁତବେଗରେ ବୃଦ୍ଧି ପାଏ। କିନ୍ତୁ ତାପମାତ୍ରାର ତାରତମ୍ୟରେ ମଧ ଏହି ତୃଣ ଜାତୀୟ ଉଦ୍ଭିଦଟି ଖାପଖୁଆଇ ପାରେ।

ନର୍ସରୀ ପ୍ରସ୍ତୁତି:- ଭୃଙ୍ଗରାଜ ଉଭୟ ମଞ୍ଜି ବା କଟିଙ୍ଗରୁ ବଢ଼ି ପାରେ। ଫସଲ କରିବା ପାଇଁ ମଞ୍ଜିକୁ ଅଧିକ ପସନ୍ଦ କରାଯାଏ। ସଦ୍ୟ ପରିପକ୍ୱ ମଞ୍ଜି ଗୁଡ଼ିକ ଭଲ ଭାବରେ ପ୍ରସ୍ତୁତ ହୋଇଥିବା ପଟାଳିରେ ବୁଣିଲେ ୭୫-୮୫% ଅଙ୍କୁରୋଦ୍ଗମ ହୋଇଥାଏ। ଫେବୃୟାରୀ-ମାର୍ଚ୍ଚ ବା ବର୍ଷା ଋତୁ ହେଉଛି ମଞ୍ଜି ବୁଣିବାର ପ୍ରକୃଷ୍ଟ ସମୟ। ଏପ୍ରିଲ-ମେ ବା ଅଗଷ୍ଟ ମାସରେ ଚାରା ଗୁଡ଼ିକୁ ଭଲଭାବରେ ପ୍ରସ୍ତୁତ ହୋଇଥିବା ଜମିରେ ୨୦, ୨୦ ସେ.ମି. ଦୂରତାରେ ରୋପଣ କରିଦିଆଯାଏ। ପରିରୋପଣରେ କୌଣସି ବିଳମ୍ବ ହେଲେ ଗଛ ଭଲ ବଢ଼େ ନାହିଁ ଫଳରେ ଅମଳ କମିଯାଏ।

ଚାରାର ହାର ଓ ପ୍ରାକ ଉପଚାର:- ୧ ହେକଟର ଜମି ପାଇଁ ପ୍ରାୟ ୪୫୦-୫୦୦ ଗ୍ରାମ ମଞ୍ଜି ବା ୨୫,୦୦୦ ଚାରା ଆବଶ୍ୟକ ହୁଏ। ମଞ୍ଜିର କୌଣସି ପ୍ରାକ ଉପଚାର ଦରକାର ହୁଏ ନାହିଁ।

ଜମି ପ୍ରସ୍ତୁତି ଓ ସାର ପ୍ରୟୋଗ:- ଜମିର ମାଟିକୁ ଭଲ ଭାବରେ ଦୁଇ ତିନି ଥର ହଳକରି ଗୁଣ୍ଡକରି ମହାଦିଆଯାଏ। ପରିରୋପଣ ପୂର୍ବରୁ ଜମିକୁ ଅନାବନା ଘାସରୁ ପରିଷ୍କାର କରାଯାଏ। ଅଶ୍ୱଗନ୍ଧା ଫସଲ ବହୁତ ଖତସାର ଦରକାର କରେ ନାହିଁ। ଏଥିରେ ଯବକ୍ଷାରଜାନ, ଫସଫରସ, ପଟାସକୁ ହେକ୍ଟର ପିଛା ଯଥାକ୍ରମେ ୩୦, ୪୦ ଓ ୨୦ କି.ଗ୍ରା. ହିସାବରେ ୧୫ ଟନ୍ ଗୋବର ଖତ ସହିତ ଜମି ପ୍ରସ୍ତୁତି ସମୟରେ ମୂଳ ସାର ଭାବରେ ପ୍ରୟୋଗ କରାଯିବା ଉଚିତ୍।

ଜଳସେଚନ:- ଏଥିରେ ଆବଶ୍ୟକତା ଅନୁଯାୟୀ ଜଳସେଚନ କରାଯଇଥାଏ।

ଉପଯୁକ୍ତ ଯତ୍ନ ଓ ରକ୍ଷଣାବେକ୍ଷଣ:- ଭୃଙ୍ଗରାଜ ଏକ ୩ ମାସିଆ ଫସଲ। ପରିରୋପଣର ୨୦-୩୦ ଦିନ ପରେ ପ୍ରଥମ କିସ୍ତିରେ ୨୦ କି.ଗ୍ରା. ଯବକ୍ଷାରଜାନ, ଦ୍ୱିତୀୟ କିସ୍ତିରେ ଅର୍ଥାତ ପରିରୋପଣର ୫୦ ଦିନ ପରେ ୧୦କି.ଗ୍ରା. ଯବକ୍ଷାରଜାନ ଫସଲର ଉତ୍କୃଷ୍ଟ ଅଭିବୃଦ୍ଧି ଓ ଅମଳ ପାଇଁ ପ୍ରୟୋଗ କରାଯାଇପାରେ। ଆବଶ୍ୟକ ସମୟରେ ହାତରେ ଘାସ ବଛାବଛି ହୁଏ।

ରୋଗ ଓ ପୋକ ନିୟନ୍ତ୍ରଣ:- ଫସଲର ପ୍ରାରମ୍ଭିକ ଅବସ୍ଥାରେ କେତେକ ପୋକ ଆକ୍ରମଣକୁ ଛାଡ଼ିଦେଲେ, ଏଥିରେ କୌଣସି ରୋଗ ଦେଖାଯାଏ ନାହିଁ। ପୋକ ମାନଙ୍କୁ ୧୫ଦିନ ଅନ୍ତରରେ ୦.୩୦% ରୋଗର-୩୦ ଇ.ସି. (୨-୩ ଥର)ପ୍ରୟୋଗ ଦ୍ୱାରା ନିୟନ୍ତ୍ରଣ କରାଯାଇପାରେ।

ଫସଲ ପରିପକ୍ୱତା ଓ ଅମଳ:- ପରିରୋପଣର ୯୦ ଦିନ ପରେ ପସଲ ଅମଳ କରାଯାଏ।

ଅମଳ ପରର ପକ୍ରିୟାକରଣ:- ଭୂ-ଉପରିସ୍ଥ ଅଂଶକୁ ଭଲଭାବରେ ପରିଷ୍କାର କରି, ଛାଇରେ ଶୁଖାଇ, ଝୋଟ ବସ୍ତାରେ ଭର୍ତିକରି ଶୀତଳ ଓ ଶୁଷ୍କ ସ୍ଥାନରେ ରଖାଯାଏ। ଗଚ୍ଛିତ ଅବସ୍ଥାରେ ଫଙ୍ଗସ୍ ଲାଗି ନଯିବା ପାଇଁ ବିଶେଷ ଧ୍ୟାନ ଦିଆଯାଏ।

ଅମଳ ଓ ଲାଭ:- ଭୃଙ୍ଗରାଜ ଚାଷରୁ ୨ ଦଫାରେ ଏକ ହେକଟରରୁ ପ୍ରାୟ ୮୦୦୦ ରୁ ୧୧,୦୦୦ କି.ଗ୍ରା. ଶୁଷ୍କ ଫସଲ ମିଳିଥାଏ। ଏଥିରୁ ଏକ ହେକଟରରୁ ପ୍ରାୟ ୨୨,୦୦୦.୦୦ ଟଙ୍କା ଲାଭ ମିଳିଥାଏ।


ବନ ଗବେଷକ, ସ୍ନାତକତର, ଓ.ୟୁ.ଏ.ଟି., ମୋ: ୮୦୧୮୧୮୮୧୨୮


## ବିଜ୍ଞାନ ଓ ଆଧ୍ୟାତ୍ମିକତା


।। ଅନୀତା ପଟ୍ଟନାୟକ ।।


ସରଳ ତାର ବାପା ମାଆଙ୍କର ଅତ୍ୟନ୍ତ ଆଜ୍ଞାବହ ପୁତ୍ର ଥିଲା। ତାର ଶାନ୍ତ ସ୍ୱଭାବ ଓ ପ୍ରୀତିକର ଆଚରଣ ପାଇଁ ସମସ୍ତଙ୍କର ପ୍ରିୟପାତ୍ର ହୋଇପାରିଥିଲା। ତାର ବାପା ଜଣେ ସଚ୍ଚୋଟ ଓ ନ୍ୟାୟପରାୟଣ ବ୍ୟକ୍ତି ଥିଲେ। ଧନୀ ଦରିଦ୍ରଙ୍କୁ ସମାନ ଚକ୍ଷୁରେ ଦେଖୁଥିଲେ। ମାଆ ଅତ୍ୟନ୍ତ ଭକ୍ତିପରାୟଣ ଥିଲା ଓ ଭଗବାନଙ୍କ କଥା ବେଶି ଭାବୁଥିଲେ। ଆଖିବୁଜି ଧ୍ୟାନ କରୁଥିଲେ ଓ ସ୍ତୁତିମନ୍ତ୍ର ପାଠ କରୁଥିଲେ। ସରଳ ଅନୁଭବ କରୁଥିଲା ବିଶ୍ୱାସ, ଭକ୍ତି ଓ ପ୍ରାର୍ଥନାରେ ଆରୋଗ୍ୟପ୍ରଦ ଶକ୍ତି ଅଛି। ସେ ପୁଣ୍ୟାତ୍ମା ମାନଙ୍କର ଜୀବନୀ ପଢ଼ିବାକୁ ଭାରି ଭଲ ପାଉଥିଲା। ସରଳ ଦିନେ ତା ମାଆଙ୍କୁ ପଚାରିଲା ଶିକ୍ଷାରେ ବୁଦ୍ଧି ଓ ଦକ୍ଷତାର ବିକାଶ ଉପରେ ଗୁରୁତ୍ୱ ଦିଆଯାଉଛି। ଉତ୍ତମ ଗୁଣର ଅଭିବୃଦ୍ଧି ନିମନ୍ତେ କାହିଁକି ଗୁରୁତ୍ୱ ଦିଆଯାଉନାହିଁ? ଆମର ପଞ୍ଚେନ୍ଦ୍ରିୟ ଦ୍ୱାରା ଆମର ଚରିତ୍ରଗଠନ ହୋଇଥାଏ। ପଞ୍ଚେନ୍ଦ୍ରିୟ ମାଧ୍ୟମରେ ଯେତିକି ଶିକ୍ଷା କରୁ, ତାହାହିଁ ଆମର ଚରିତ୍ରରେ ପ୍ରତିଫଳିତ ହୋଇଥାଏ। ଆଶ୍ଚର୍ଯ୍ୟର ବିଷୟ ପଞ୍ଚେନ୍ଦ୍ରିୟ ଦ୍ୱାରା ଗ୍ରହଣ କରିଥିବା ଅନେକ ବିଷୟ ପରବର୍ତ୍ତୀ ସମୟରେ ଆମେ ଭୁଲିଯାଇଥାଉ। ସେଗୁଡ଼ିକ ଆମର ଚରିତ୍ରଗଠନରେ ସାହାଯ୍ୟ ହୋଇନଥାଏ। ସରଳ ଦିନେ ସ୍କୁଲରୁ ଫେରି ଖୁସି ହୋଇ ତା ମାଆଙ୍କୁ କହିଲା ମାଆ ଆଜି ବିଜ୍ଞାନ ଶିକ୍ଷକ ନିଉଟନ ବାହାର କରିଥିବା ମାଧ୍ୟାକର୍ଷଣ ଶକ୍ତି ବିଷୟରେ ପଢ଼ାଇଲେ। ସେ କୁଆଡ଼େ କହିଥିଲେ 'ମୁଁ ମାଧ୍ୟାକର୍ଷଣ ଶକ୍ତି ଆବିଷ୍କାର କରିଥିଲେ ବି ଏହି ଶକ୍ତି ମୋର ଆବିଷ୍କାର ପୂର୍ବରୁ ସଦା ବିଦ୍ୟମାନ ରହିଛି। ମୁଁ ମାଧ୍ୟାକର୍ଷଣ ଶକ୍ତିକୁ ଚିହ୍ନିପାରିଲି ସେତେବେଳେ ମୁଁ ଏହା ସୃଷ୍ଟି କରିନଥିଲି। ମାଧ୍ୟାକର୍ଷଣ ଶକ୍ତିର କିଏ ଜଣେ ସ୍ରଷ୍ଟା ଅଛି ନିଶ୍ଚୟ।'

ସରଳର ବାପା ଏକଥା ଶୁଣି କହିଲେ ବିଜ୍ଞାନ ଶିକ୍ଷକ ଠିକ କହିଛନ୍ତି। ଶିକ୍ଷା ହୃଦୟର ରୂପାନ୍ତରଣ ପାଇଁ ଉଦ୍ଦିଷ୍ଟ। ମନୁଷ୍ୟ ପ୍ରଥମେ ଶିକ୍ଷାର ପ୍ରକୃତ ମୂଲ୍ୟ ନିରୂପଣ କରିବା ଦରକାର। ମନୁଷ୍ୟ ପାର୍ଥିବ ବିଜ୍ଞାନାତୀତ ଜ୍ଞାନକୁ ବୁଝି ପାରିଲେ ହିଁ ବିଜ୍ଞାନ ଦ୍ୱାରା ପୂର୍ଣ୍ଣ ଲାଭାନ୍ୱିତ ହୋଇପାରିବ। ସରଳର ମାଆ କହିଲେ ମାଧ୍ୟାକର୍ଷଣ ଶକ୍ତିର ସ୍ରଷ୍ଟା ହେଉଛନ୍ତି ଭଗବାନ ବା ଈଶ୍ୱର ବା ଆଲ୍ଲା। ସରଳ ଦ୍ୱିତୀୟ ଦିନ ସ୍କୁଲରୁ ଆସି ଭାରି ପ୍ରଫୁଲ୍ଲିତ ଦେଖାଯାଉଥିଲା। ସେ ମାଆଙ୍କୁ କହିଲା ଆଜି ବିଜ୍ଞାନ ଶିକ୍ଷକ ଆଇନଷ୍ଟାଇନଙ୍କ ବିଷୟରେ ପଢ଼ାଇଲେ। ପ୍ରକୃତିର କ୍ରିୟାଶୀଳତା ବିଷୟରେ କହି ସେ କହିଥିଲେ ଏହି ମହାନ ବୈଜ୍ଞାନିକ ଆଧ୍ୟାତ୍ମିକ ଅନ୍ୱେଷଣ ପାଇଁ ସତସଙ୍ଗ ଆବଶ୍ୟକ ବୋଲି ଉପଲବ୍ଧି କରିଥିଲେ। ସତସଙ୍ଗ ମାନବୀୟ ଦଶାର ରୂପାନ୍ତରଣ କରିଥାଏ। ଆଇନଷ୍ଟାଇନ କହୁଥିଲେ ତୁମର ସାଙ୍ଗ କିଏ କହ? ମୁଁ କହିଦେବି ତୁମେ କି ପ୍ରକାର ଲୋକ। ଆମେ ଯେଉଁ ଲୋକ ମାନଙ୍କ ସହ ସଂପୃକ୍ତ ସେମାନଙ୍କର ଚରିତ୍ର ଅନୁସାରେ ଆମର ବିଚାର କରାଯାଏ। ମୁଁ ଏସବୁ ଠିକ ଭାବରେ ବୁଝି ପାରିଲି ନାହିଁ। ମାଆ କହିଲେ କାଗଜରେ ମଲ୍ଲୀଫୁଲ ବାନ୍ଧିଲେ ତାହା ମଲ୍ଲୀଫୁଲ ପରି ବାସେ। ଏଥିରେ ବାରମଜା ବାନ୍ଧିଲେ ତାହା ବାରମଜା ପରି ବାସେ। ତେଣୁ ସତସଙ୍ଗୀ ଖୋଜିବା ଏକ ଦୁରୁହ ବ୍ୟାପାର।

ବାପା କହିଲେ ନା ଏହା ଅତ୍ୟନ୍ତ ସହଜ। ସତର ଅର୍ଥ ଯାହା ଆଗରୁ ଥିଲା, ବର୍ତ୍ତମାନ ରହିଛି ଓ ଭବିଷ୍ୟତରେ ରହିବ। ସେ ହେଉଛନ୍ତି ଭଗବାନ, ଯାହାଙ୍କର ଜନ୍ମ ନାହିଁ କିମ୍ବା ମୃତ୍ୟୁ ନାହିଁ। ତାଙ୍କ ସହିତ ସାଙ୍ଗ ହେବା, ଜୀବନରେ ଭଗବାନଙ୍କର କଥାକୁ ପାଳନ କରିବାକୁ ସତସଙ୍ଗ କୁହାଯାଏ। ତାପର ଦିନ ବିଜ୍ଞାନ ଶିକ୍ଷକ ଦାର୍ଶନିକ ଆଇଜେନବର୍ଗଙ୍କ ପଦାର୍ଥ ବିଜ୍ଞାନ ଓ ଆଧ୍ୟାତ୍ମିକ ମଧ୍ୟରେ ଥିବା ସମ୍ପର୍କ ସୂତ୍ର ଉପରେ କିପରି ଗବେଷଣା କରିଥିଲେ ତାହା କହିଥିଲେ। ସେ ଦିନ ତାଙ୍କ ବିଷୟରେ ବୁଝାଇବାକୁ ଯାଇ ସାର କହିଥିଲେ ମନକୁ ଆୟତ୍ତ କର ଓ ବିରାଟ ମନରେ ପରିଣତ ହୁଅ। ବିଜ୍ଞାନ ଶିକ୍ଷକ ସେଦିନ ଆଉ ଜଣେ ବୈଜ୍ଞାନିକଙ୍କ ଶ୍ରୋଡ଼ିଙ୍ଗରଙ୍କ କଥା ପଢ଼ାଇଲେ ବିଜ୍ଞାନ ଓ ଆଧ୍ୟାତ୍ମିକତା ମଧ୍ୟରେ କିପରି ଅଖଣ୍ଡ ସମ୍ପର୍କ ଅଛି ଓ ଆଧ୍ୟାତ୍ମିକତା ହିଁ ବସ୍ତୁତଃ ବିଜ୍ଞାନର ଆଧାର ଏକଥା ପଢ଼ାଇଥିଲେ। ସରଳ ଏ ବିଷୟରେ ମାଆଙ୍କୁ କହିବାରୁ ମାଆ କହିଲେ ଶ୍ରୋଡ଼ିଙ୍ଗର ଏହା ମଧ କହିଥିଲେ 'ଅଧିକ କାମନା ଅର୍ଥ ଅଧିକ ନୈରାଶ୍ୟ'। ବାପା କହିଲେ ଆମେ ପଢୁଥିବାବେଳେ ଜଣେ ଭାବୁକ ଡାଇରାକଙ୍କ ବିଷୟରେ ପଢ଼ା ଯାଉଥିଲା। ସେ ବିଜ୍ଞାନ ଓ ଆଧ୍ୟାତ୍ମିକତା ମଧ୍ୟରେ ଥିବା ସମ୍ପର୍କକୁ ଜାଣିବାକୁ ଚେଷ୍ଟା କରିଥିଲେ। ସେ ମହର୍ଷି ବ୍ୟାସଙ୍କର ଅଷ୍ଟାଦଶ ପୁରାଣ ପଢ଼ିନଥିଲେ ମଧ ସେ କହିଥିଲେ ସବୁବେଳେ ପ୍ରେମକର କାହାର କ୍ଷତି କରନାହିଁ। ବ୍ୟାସ ଅଷ୍ଟାଦଶ ପୁରାଣକୁ ବୁଝାଇବାକୁ ଯାଇ କହିଥିଲେ 'ଅଷ୍ଟାଦଶପୁରାଣେଷୁ ବ୍ୟାସସ୍ୟ ବଚନଂଦ୍ୱୟଂ, ପରୋପକାରାୟ ପୁଣ୍ୟାୟ ପାପାୟ ପରପୀଡ଼ନମ୍'। ସରଳ ଶେଷରେ ସବୁ ବୁଝି କହିଲା ମାଆ ମୁଁ ବାପାଙ୍କ ପରି ବଡ଼ ମଣିଷ ହେଲେ ବୁଦ୍ଧି ଓ ଦକ୍ଷତାର ବିକାଶ ସହିତ ଆଧୁନିକ ଶିକ୍ଷାରେ ଉତ୍ତମଗୁଣର ବିକାଶ ଉପରେ ଗୁରୁତ୍ୱ ଦେବି।


ଅବସରପ୍ରାପ୍ତ ପ୍ରଧାନିକା, ସେକ୍ଟର-୧୦, ସିଡିଏ, କଟକ, ଦୂରଭାଷ : ୯୬୯୨୯୮୦୦୨୬

## ସମ୍ପର୍କୀୟଙ୍କ ଘରେ ଚ଼ ମୁଡ଼ି ଖାଇଲେ ମନ୍ତ୍ରୀ ରବି ନାରାୟଣ ନାୟକ



ପରଜଙ୍ଗ ( ମହାଭାରତ ) ଆଜି ଢେଙ୍କାନାଳ ଜିଲ୍ଲା ଗସ୍ତ ରେ ଆସିଥିଲେ ରାଜ୍ୟ ସରକାରଙ୍କ ପଞ୍ଚାୟତ ରାଜ, ପାନୀୟଜଳ,ଓ ଗ୍ରାମ ଉନୟନ ବିଭାଗ ମନ୍ତ୍ରୀ ରବିନାରାୟଣ ନାୟକ ବିଭିଭ କାର୍ଯ୍ୟ କ୍ରମ ରେ ଯୋଗ ଦେବା ସହ ଅପରାହ୍ନ ରେ ପରଜଙ୍ଗ ବିଧାୟକ ବିଭୁତି ଭୂଷଣ ପ୍ରଧାନ ଓ ମନ୍ତ୍ରୀ ରବି ନାରାୟଣ ନାୟକ ପରଜଙ୍ଗ ନିର୍ବାଚନ ମଣ୍ଡଳୀର ପରଜଙ୍ଗ ବ୍ଲକ୍ କଙ୍କଡାସୋଡ଼ା ଗାଁ ରେ ପହଂଚି ଥିଲେ ସେଠାରେ ତାଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦେଇ ପାଛୋଟି ନେଇଥିଲେ ବ୍ଲକ ଅଧକ୍ଷା ଶର୍ମିଷ୍ଠା ଦଳବେହେରା, ବିଡ଼ିଓ ସଞ୍ଜୟ କୁମାର ପଣ୍ଡା, ଗ୍ରାମ ଉନୟନ ବିଭାଗ ଅଧିକାରୀଙ୍କ ସହ ବିଜେପି ରାଜ୍ୟ ଯୁବ ମୋର୍ଚ୍ଚା ସାଧାରଣ ସମ୍ପାଦକ ଦିପକ କୁମାର ଗୋଛାୟତ,ଲୋକେଶ ଦଳବେହେରା, ବନଲାତା ମହାନ୍ତି, ସମାଜ ସେବୀ ପ୍ରଶାନ୍ତ ଦଳବେହେରା ଙ୍କ ସମେତ ଦଳୀୟ ନେତା ଓ କର୍ମୀ ଯୋଗଦେଇଥିଲେ ତେବେ ମନ୍ତ୍ରୀ ଶ୍ରୀ ନାୟକ ପ୍ରଥମେ ଗାଁ ରେ ଥିବା କଙ୍କଡାସୋଡ଼ା ସେବାଶ୍ରମ ବିଦ୍ୟାଳୟ କୁ ଯାଇ ବୁଲି ଦେଖିବା ସହ ଛାତ୍ର ଛାତ୍ରୀଙ୍କ ସହ ମଧ୍ୟାହ୍ନ ଭୋଜନ,ଶିକ୍ଷା ସମ୍ବଧୀୟ ସମସ୍ୟା ବିଷୟରେ ପଚାରି ବୋଝିବା ପରେ ଶିକ୍ଷକ ଶିକ୍ଷୟତ୍ରୀ ଙ୍କ ସହ ସେବାଶ୍ରମ ର ସମସ୍ୟା ସମ୍ପର୍କ ରେ ଆଲୋଚନା କରିଥିଲେ। ଏହା ପରେ ସେହି ଗାଁ ରେ ଥିବା ତାଙ୍କ ସମ୍ପର୍କୀୟ ସତୁ ଅକ୍ଷୟ ସିଂ ଙ୍କ ଘରେ ପହଁଚି ଚ଼ ମୁଡ଼ି ଖାଇବା ସହ ଦଳୀୟ କାର୍ଯ୍ୟକର୍ତା ଙ୍କ ସହ ବିଭିଭ ବିଷୟ ରେ ଆଲୋଚନା କରିଥିଲେ ସେଠାରୁ ସେ ସିଧାସଳଖ ଭୁବନେଶ୍ୱର ଅଭିମୁଖେ ବାହାରି ଯାଇଥିଲେ ଏ ନେଇ ମନ୍ତ୍ରୀ ଙ୍କ ଗସ୍ତ କୁ ନେଇ ଗ୍ରାମବାସୀଙ୍କ ସହ ଦଳୀୟ କାର୍ଯ୍ୟକର୍ତା ଙ୍କ ମଧ୍ୟରେ ବେଶ ଉତ୍ସାହ ଦେଖିବାକୁ ମିଳିଥିଲା ।

## ଦେବଗଡ଼ ଜିଲ୍ଲାପାଳ ଙ୍କ ଯୁଗ୍ମ ଅଭିଯୋଗ ଶୁଣାଣୀୟୟ

ଦେବଗଡ଼ (ମହା ଭାରତ).: ଦେବଗଡ ଜିଲ୍ଲା ରିଆମାଳ ବ୍ଲକ କଲ୍ୟାଣ ମଣ୍ଡପ ଠାରେ ଆଜି ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁ ଯୋଗଦେଇ ୨୦ଟି ଅଭିଯୋଗ ଗ୍ରହଣ କରିବା ସହ ଆବଶ୍ୟକ ପଦକ୍ଷେପ ନେବା ପାଇଁ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଅଭିଯୋଗ ମଧ୍ୟରେ ୧୦ଟି ବ୍ୟକ୍ତିଗତ ଏବଂ ୧୦ଟି ସାମୁହିକ ଅଭିଯୋଗ ହୋଇଥିବା ଜଣାପଡିଛି । ବିଶେଷ କରି ଧାନ ମରୁଡ଼ି ସମସ୍ୟା, ପାନୀୟ ଜଳ, ନୂତନ ରାସ୍ତା ନିର୍ମାଣ ଓ ବିଦ୍ୟୁତ ସମସ୍ୟା ନିମନ୍ତେ ପ୍ରମୁଖ ସମାଧାନ ପାଇଁ ଅଭିଯୋଗ ହୋଇଥିଲା । ଅଭିଯୋଗ ଗୁଡିକ ଶୁଣିବା ପରେ ତୁରନ୍ତ ସମାଧାନ ପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ଯ ଏହି ଶିବିରରେ ଆରକ୍ଷୀ ଅଧିକ୍ଷକ ଅନିଲ କୁମାର ମିଶ୍ର, ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଧର୍ମାନନ୍ଦ ବେହେରା, ଉପ ଜିଲ୍ଲାପାଳ ପରକ୍ଷିତ ସାହୁ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ରିଆମାଳ ଉଗ୍ରସେନ ଓରାମ, ତହସିଲଦାର ଜ୍ୟୋସ୍ନା ରାଣୀ ନାଏକ, ଡେପୁଟି କଲେକ୍ଟର ଅଞ୍ଜୁନୀ କୁଜୁର ସମେତ ସମସ୍ତ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ।

## ଜାତୀୟ ପ୍ରେସ୍ ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ

ଯୋଡା, (ମହାଭାରତ) ଯୋଡା ଗଣମାଧ୍ୟମ ପକ୍ଷରୁ ରବିବାର ସନ୍ଧ୍ୟାରେ ଜାତୀୟ ପ୍ରେସ୍ ଦିବସ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ହୋଟେଲ ମ୍ୟାରିଅଟ ଠାରେ ଅନୁଷ୍ଠିତ ହୋଇଯାଇଛି । ଯୋଡା ପ୍ରେସର ସଭାପତି ପ୍ରକାଶ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ସନ୍ଧ୍ୟା ୭ଟାରେ କାର୍ଯ୍ୟକ୍ରମ ଆରମ୍ଭ କରାଯିବାର ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ଏଥିରେ ଯୋଡା ଅ□ଳରେ କାର୍ଯ୍ୟରତ ଗଣମାଧ୍ୟମ ପ୍ରତିନିଧିମାନେ ଯୋଗଦେଇ ଜାତୀୟ ପ୍ରେସ୍ ଦିବସ ପାଳନ ନିମନ୍ତେ ନିଜ ନିଜର ମତବ୍ୟକ୍ତ କରିଥିଲେ । ଚଳିତ ବର୍ଷ ଟାଟା ଷ୍ଟିଲ ଯୋଡା ୱେଷ୍ଟ ଅଡିଟୋରିଏମରେ ଏହି ଦିବସ ପାଳନ କରାଯିବାର ସ୍ଥିର କରାଯାଇଛି । ଏହା ସହିତ ଅତିଥିମାନଙ୍କ ଚୟନ କରାଯାଇ ସେମାନଙ୍କୁ ନିମନ୍ତ୍ରଣ କରାଯିବା ସହ ଅନ୍ୟ କାର୍ଯ୍ୟକ୍ରମ ଗୁଡ଼ିକର ଦାୟିତ୍ୱ ବଣ୍ଟନ କରାଯାଇଥିଲା ।

## ଜିଲ୍ଲାସ୍ତରୀୟ ଶିଶୁବାଟିକା ଆଲୋଚନା ଚକ୍ର

କୋରାପୁଟ(ମହାଭାରତ):କୋରାପୁଟ ଜିଲ୍ଲା ଜୟପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଶାରଦା ବିହାର, ଜୟପୁର ଠାରେ ଜିଲ୍ଲାସ୍ତରୀୟ ଶିଶୁବାଟିକା ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଶ୍ରୀଯୁକ୍ତ ସୁରେନ୍ଦ୍ର କୁମାର ପଟ୍ଟନାୟକ, ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ, ବାଳକ ଉଚ୍ଚ ବିଦ୍ୟାଳୟ, ମୁଖ୍ୟ ବକ୍ତା ରୂପେ ଶ୍ରୀମତୀ ଉମାକାନ୍ତି ବାଇପାଇ, ଅଧ୍ୟାପିକା, ଜିଲ୍ଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନ, ଜୟପୁର, ସମ୍ମାନିତ ଅତିଥି ରୂପେ କଳ୍ପନା ମହାକୁଡ଼, ଭାରପ୍ରାପ୍ତ ଉଉଚଙ୍ଗ, ସମ୍ଭାଗ ସଂଯୋଜକ ସୁକାନ୍ତ କୁମାର ବେହେରା, ବିଦ୍ୟାଳୟର ଯୁଗ୍ମ ସଂପାଦକ ଶ୍ରୀଯୁକ୍ତ ତପନ କିରଣ ତ୍ରିପାଠୀ ଏବଂ ପ୍ରଧାନାଚାର୍ଯ୍ୟ ସତ୍ୟନାରାୟଣ ସେଠୀ ଉପସ୍ଥିତ ରହିଥିଲେ । ଏହି କାର୍ଯ୍ୟକ୍ରମରେ ଉତ୍ତରୋତ୍ତର ସଫଳ କ୍ରିୟାନ୍ୱୟନରେ ଶିକ୍ଷକମାନଙ୍କର ଭୂମିକା ସଂପର୍କରେ ଆଲୋଚନା କରାଯାଇଥିଲା । ଏଥିରେ କୋରାପୁଟ, ନବରଂଗପୁର ଓ ମାଲକାନଗିରି ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରୁ ସର୍ବମୋଟ ୯୨ ଜଣ ଆଚାର୍ଯ୍ୟ ଆଚାର୍ଯ୍ୟା ଉପସ୍ଥିତ ରହି ଆଲୋଚନା ଚକ୍ରରେ ଅଂଶଗ୍ରହଣ କରିଥିଲେ।

## ଆୟୁର୍ବେଦ ଚିକିତ୍ସା ପାଇଁ ପାରାଦୀପ ବନ୍ଦର ସହିତ ଶ୍ରୀ ଶ୍ରୀ ହସପିଟାଲର ଚୁକ୍ତିନାମା



ପାରାଦୀପ(ମହାଭାରତ): ଦେଶର ଏକ ନମ୍ବର ପାରାଦୀପ ବନ୍ଦର ଏହାର କର୍ମଚାରୀ, ଅବସରପ୍ରାପ୍ତ କର୍ମଚାରୀମାନଙ୍କ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଏକ ନୂଆ ଅଧ୍ୟାୟ ଆରମ୍ଭ କରିଛି । ପାରାଦୀପ ବନ୍ଦର ଆୟୁର୍ବେଦ ଚିକିତ୍ସା ପାଇଁ ପୂଜ୍ୟଗୁରୁଦେବ ଶ୍ରୀ ଶ୍ରୀ ରବିଶଙ୍କରଙ୍କ ଦ୍ୱାରା ପ୍ରତିଷ୍ଠିତ ଶ୍ରୀ ଶ୍ରୀ ହସପିଟାଲ ସହିତ ଏକ ଚୁକ୍ତିନାମା ସ୍ୱାକ୍ଷର କରିଛି । ପୂଜ୍ୟଗୁରୁଦେବ ଶ୍ରୀ ଶ୍ରୀ ରବିଶଙ୍କର ଏବଂ ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ.ହରନାଦ ଏହି ଚୁକ୍ତିନାମାରେ ସ୍ୱାକ୍ଷର କରିଛନ୍ତି । ଶ୍ରୀ ଶ୍ରୀ ୟୁନିଭରସିଟିର ପକ୍ଷରୁ ଆୟୋଜିତ ଏକ କର୍ମଶାଳାରେ ଯୋଗ ଦେବାକୁ ଆସିଥିବା ଅବସରରେ ଏହି ଦିନକୁ ସ୍ମରଣୀୟ କରିବା ପାଇଁ ପାରାଦୀପ ବନ୍ଦର ପକ୍ଷରୁ ଏହି ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି । ପାରାଦୀପ ବନ୍ଦର କର୍ମଚାରୀମାନଙ୍କ ସ୍ୱାସ୍ଥ୍ୟ ତଥା ସୁନ୍ଦର ପରିବେଶ ମଧ୍ୟରେ କାମ କରି ପାରାଦୀପ ବନ୍ଦରକୁ ସଫଳତା ପ୍ରଦାନ କରି ଆସୁଛନ୍ତି । ସେମାନଙ୍କ ସୁନ୍ଦର ସ୍ୱାସ୍ଥ୍ୟ ପାଇଁ ପାରାଦୀପ ବନ୍ଦର ସର୍ବଦା ଗୁରୁତ୍ୱ ଦେଉଥିବା କଥା ଅଧ୍ୟକ୍ଷ ଶ୍ରୀ ହରନାଦ କହିଛନ୍ତି । ପାରାଦୀପ ବନ୍ଦର ଭାରତୀୟ ନୈବାଣିଜ୍ୟ କ୍ଷେତ୍ରରେ ଏକ ମାଇଲଖୁ□ ସ୍ଥାପନ କରିଛି । ନଭେମ୍ବର ମାସ ୧୦ ତାରିଖ ସୁଦ୍ଧା ପାରାଦୀପ ୮୮.୮୨ ଏମଏମଟି ପଣ୍ୟ କାରବାର କରି ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଛି । ଚଳିତ ଆର୍ଥିକ ବର୍ଷରେ ପାରାଦୀପ ବନ୍ଦର ପୂର୍ନବାର ଦେଶର ଅନ୍ୟ ବନ୍ଦରମାନଙ୍କୁ ପଛରେ ପକାଇ ଏକ ନମ୍ବର ବନ୍ଦର ହେବ ବୋଲି ଶ୍ରୀ ହରନାଦ କହିଛନ୍ତି ।

## ଅବ୍ୟବସ୍ଥାରେ ଅଙ୍ଗନବାଡି କେନ୍ଦ୍ର : ହେଉନି ରୋଷେଇ ମିଳୁନି ଅଣ୍ଡା

ଅସ୍ତରଙ୍ଗ,(ମହାଭାରତ) - ପୁରୀଜିଲ୍ଲା ଅସ୍ତରଙ୍ଗ ବ୍ଲକ ଗୋପାଳପୁର ଅଙ୍ଗନବାଡି କେନ୍ଦ୍ର-୧ ଅବ୍ୟବସ୍ଥା ଦେଇ ଗତିକରୁଛି ଅଙ୍ଗନବାଡି କର୍ମୀ ଲକି ପଡିଆରୀଙ୍କ ନିଯୁକ୍ତିକୁ ନେଇ କୋର୍ଟରେ ବିଚାରାଧୀନ ବେଳେ ଗୋପାଳପୁର ଅଙ୍ଗନବାଡି କେନ୍ଦ୍ର-୨ରକର୍ମୀ ପ୍ରମୋଦିନୀ ପଡ଼ିଆରୀ ଅତିରିକ୍ତ ଦାୟିତ୍ୱ ତୁଲାଛନ୍ତି ରେକର୍ଡରେ ପିଲା ସଂଖ୍ୟା ୧୦ ରହିଥିଲା ବେଳେ ପାଠ ପଢିବାକୁ ମାତ୍ର ୨ ଜଣ ଆସୁଛନ୍ତି ୩ମାସ ହେଲା ଅଣ୍ଡା ମିଳୁନି ,୧୧ ଦିନ ହେଲା ପିଲାଙ୍କ ପାଇଁ ରୋଷେଇ ବନ୍ଦ ରହିବା ସ୍ଥାନୀୟ ଲୋକେ ଓ କମିଟିର ସଭ୍ୟ ଶରତ ବେହେରା ଅଭିଯୋଗ କରିଛନ୍ତି। ଘର ଭିତର ଚଟାଣରୁ ପ୍ଲାଷ୍ଟର ଛାଡିବା ସମେତ ମୂଷା ଓ ଉଈ ଗାତ ଦେଖି ଭୟ ବଢୁଛି ସ୍ଥାୟୀ ଅଙ୍ଗନବାଡି କର୍ମୀ ନଥିବା,ବ୍ୟାଙ୍କରୁ ଟଙ୍କା ଉଠାଣରେ ପ୍ରତିବନ୍ଧକ,ସହାୟିକା କର୍ମୀ ମମତା ବିଶ୍ୱାଳ ଓ ଦାୟିତ୍ୱରେ ଥିବା କର୍ମୀଙ୍କ ମଧ୍ୟରେ ଅନ୍ୟକୌଣସି କାରଣ ଯୋଗୁ ସମନ୍ୱୟର ଅଭାବରୁ ରୋଷେଇ ବନ୍ଦକରିବା ଘଟଣା ଘଟିଛି। ଯାହାକୁ ନେଇ କୋମଳମତି ଶିଶୁଙ୍କ ଅବିଭାବକ ଓ ସ୍ଥାନୀୟ ଲୋକେ କ୍ଷୋଭ ପ୍ରକାଶ କରିଛନ୍ତି। ସୂଚନାନୁସାରେ କୋଭିଡ୍ ରେ ଅଙ୍ଗନବାଡି କର୍ମୀ କଳ୍ପନାଙ୍କ ମୃତ୍ୟୁ ପରେ ବ୍ଲକ ସମନ୍ୱିତ ମହିଳା ଓ ଶିଶୁ ବିକାଶ ପକ୍ଷରୁ ନୂଆ ନିଯୁକ୍ତି ପାଇଁ ସାନି ବିଜ୍ଞପ୍ତି ପ୍ରକାଶ ପରେ ଏହି ପଦବୀ ପାଇଁ ସ୍ଥାନୀୟ ଲକି ପଡିଆରୀ ଓ ଅନ୍ୟମାନେ ଆବେଦନ କରିଥିଲେ।ବ୍ଲକ ପ୍ରଶାସନର ଚୟନ ପ୍ରକ୍ରିୟାରେ ଲକି ମନୋନୀତ ହୋଇ ଯଦିଓ ନିଯୁକ୍ତି ପାଇଥିଲେ । କିନ୍ତୁ ନିଯୁକ୍ତିରେ ଅନିୟମିତତା ହେବା ଚାଲେଞ୍ଜ କରି ଇତିଶ୍ରୀ ପ୍ରିୟଦର୍ଶନୀ ବେହେରା ଜିଲ୍ଲା ପ୍ରଶାସନଙ୍କୁ ଅପିଲ୍ କରିବାରେ ଏଡିଏମଓଙ୍କ କୋର୍ଟରେ ଅଭିଯୋଗ ଶୁଣାଣି ହୋଇଥିଲା । ନିଯୁକ୍ତି ପ୍ରକ୍ରିୟାର ରେକର୍ଡପତ୍ର ଓ ଯାଞ୍ଚ କମିଟିର ରିପୋର୍ଟକୁ ଭିତିକରି କୌଣସି କାରଣରୁ ଉକ୍ତ କେନ୍ଦ୍ରରେ ନିଯୁକ୍ତି ପାଇଥିବା ଲକି ପଢ଼ିଆରୀଙ୍କୁ ବିଛିନ୍ନ କରିବାକୁ ଏଡିଏମଓ ଅର୍ଡର କରିଥିଲେଫଳରେ ଗତ ୨୮.୦୮.୨୦୨୪ ଅସ୍ତରଙ୍ଗ ସିଡିପିଓ କାର୍ଯ୍ୟାଳୟ ଚିଠି ନଂ ୬୯୭ରେ ଅଙ୍ଗନବାଡି କର୍ମୀ ଲକିକୁ ଏ ବିଷୟରେ ଅବଗତ କରାଯାଇଥିଲା। ଲକି ଏ ବିଷୟରେ ଜାଣି ଅର୍ଡରକୁ ଚାଲେଞ୍ଜ କରି ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ । ଯାହା ଏବେ ବିଚାରାଧୀନ ରହିବାରୁ ଏଠାରେ ଅଙ୍ଗନବାଡି କେନ୍ଦ୍ର-୨ର କର୍ମୀ ମମତା ପଡ଼ିଆରୀଙ୍କୁ କେନ୍ଦ୍ର-୧ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି । ସେ ଉଭୟ କେନ୍ଦ୍ର



ସମ୍ଭାଳିବାକୁ ଅସୁବିଧାର ସମ୍ମୁଖୀନ ହେବା ସମେତ କେନ୍ଦ୍ର-୧ ରେଜିଷ୍ଟରରେ ପିଲା ସଂଖ୍ୟା ୧୦ ଥିଲା ବେଳେ ପାଠ ପଢିବାକୁ ମାତ୍ର ୨ ଜଣ ଆସୁଛନ୍ତି। ସେଠାକର ଅଙ୍ଗନବାଡି ସହାୟିକା କର୍ମୀ ମମତା ବିଶ୍ୱାଳ ଓ କେନ୍ଦ୍ର-୨ର କର୍ମୀ ଶ୍ରୀମତୀ ପଢ଼ିଆରୀ,ପରିଚାଳନା କମିଟି ମଧ୍ୟରେ ସମନ୍ୱୟର ଅଭାବ,ବ୍ୟାଙ୍କ ଆକାଉ□ରୁ ଟଙ୍କା ଉଠାଣକୁ ନେଇ ସମସ୍ୟା ଉପୁଜିବାରୁ ଏବେ ରୋଷେଇ ବନ୍ଦରହିବା ସମେତ ବାଦବିବାଦ ଉପୁଜି ଅଙ୍ଗନବାଡି ସମ୍ପୂର୍ଣ୍ଣ ଅବ୍ୟବସ୍ଥା ମଧ୍ୟରେ ଗତିକରୁଛି ଅନ୍ୟପକ୍ଷରେ ଘର ଭିତରେ ପ୍ଲାଷ୍ଟର ଛାଡିବା,ଉଈ ଓ ମୂଷା ଗାତ କୋମଳମତି ଶିଶୁଙ୍କ ପାଇଁ ଚଳପ୍ରଚଳ ହେବା ଭୟ ବଢୁଛି ଏ ବିଷୟରେ ଅସ୍ତରଙ୍ଗ ସମନ୍ୱିତ ମହିଳା ଶିଶୁ ବିଭାଗ ସୁପରଭାଇଜର ଲକ୍ଷ୍ମୀପ୍ରିୟା ମହାନ୍ତିଙ୍କୁ ଘଟଣା ବିଷୟରେ ପଚାରିବାରେ ସେ କହିବା କଥା, କର୍ମୀ ନିଯୁକ୍ତି ପ୍ରକ୍ରିୟାକୁ ନେଇ କୋର୍ଟରେ ବିଚାରାଧୀନ ଥିବା, ବ୍ୟାଙ୍କରୁ ଟଙ୍କା ଉଠାଣ ହୋଇନପାରି କେନ୍ଦ୍ର ଦାୟିତ୍ୱରେ ଥିବା କର୍ମୀ ଓ ସହାୟିକା ମଧ୍ୟରେ ବୁଝାମଣା ଅଭାବରୁ ରୋଷେଇ ବନ୍ଦହେବା ସେ କୁହନ୍ତି ସେ ଯାହା ହେଉନା କାହିଁକି, ଅସ୍ତରଙ୍ଗ ସମନ୍ୱିତ ମହିଳା ଶିଶୁ ବିଭାଗ ଘଟଣାରେ ହସ୍ତକ୍ଷେପ କରିବା ସହ ଜିଲ୍ଲା ପ୍ରଶାସନ ଏଥିପ୍ରତି ଗୁରୁତ୍ୱ ଦେଇ ଅଙ୍ଗନବାଡି କେନ୍ଦ୍ରରେ ତୁରନ୍ତ ସ୍ଥାୟୀ କର୍ମୀ ନିଯୁକ୍ତି ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି ।

## ହିନ୍ଦୋଳରେ ନୂତନ ସୂଚନାକେନ୍ଦ୍ର ନିମନ୍ତେ ଭୂମିପୂଜନ

ହିନ୍ଦୋଳ(ମହାଭାରତ)ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ଉପଖଣ୍ଡରେ ଥିବା ପୁରୁଣା ସୂଚନାକେନ୍ଦ୍ର ସ୍ଥାନରେ ନୂତନ ଗୃହ ନିର୍ମାଣ ପାଇଁ ଆଜି ଭୂମିପୂଜନ ହୋଇଯାଇଛି । ଢେଙ୍କାନାଳ ଜିଲାରେ ଅବସ୍ଥିତ ଟାଟା ଷ୍ଟିଲ ସହଯୋଗରେ ହିନ୍ଦୋଳ ଉପଖଣ୍ଡର ନୂତନ ସୂଚନାକେନ୍ଦ୍ର ଗୃହ ନିର୍ମାଣ ପାଇଁ କମ୍ପାନୀ ୩୦ଲକ୍ଷ ଟଙ୍କା ଅର୍ଥ ମଞ୍ଜୁରୀ କରିଥିଲେ । ଏହି ପରିପେକ୍ଷୀରେ ଆଜି ହିନ୍ଦୋଳ ସୂଚନା ଓ ପ୍ରସାରଣ ବିଭାଗ ପକ୍ଷରୁ ଉପଖଣ୍ଡ ସୂଚନା ଅଧିକାରୀ ତଥା ଅତିରିକ୍ତ ଉପଜିଲ୍ଲାପାଳ ସୂର୍ଯ୍ୟଶଙ୍କର ଦାସଙ୍କ ତତ୍ତ୍ୱାବଧାନରେ ଭୂମିପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ ମୁଖ୍ୟଅତିଥି, ଉପଜିଲ୍ଲାପାଳ ଶିବାନନ୍ଦ ସ୍ୱାଇଁ ଓ ଟାଟା ଷ୍ଟିଲ



ଫାଉଣ୍ଡେସନ ଓଡିଶା ସି ଏସ ଆର ଡ଼ଃ ଅମ୍ବିକା ପ୍ରସାଦ ନନ୍ଦ, ତହସିଲଦାର ଦିଲୀପ ସେଠି, ଉପଖଣ୍ଡ ଚିକିତ୍ସାଧିକାରୀ ସୁଧାଂଶୁ ମିଶ୍ର, ଉପଖଣ୍ଡ ସୂଚନା ଅଧିକାରୀ ସୂର୍ଯ୍ୟଶଙ୍କର ଦାସ ଙ୍କ ଦ୍ୱାରା ଭୂମିପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ବେଳେ ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧି,ଜନସାଧାରଣ ଉପସ୍ଥିତ ରହିଥିଲେ । ତେବେ ଇଂରାଜୀରେ ନାମଫଳକ ଲେଖା ଥିବାରୁ ହିନ୍ଦୋଳ ବିଜେପି କର୍ମୀମାନେ ଓଡ଼ିଆ ଅସ୍ମିତାକୁ ନେଇ ପ୍ରତିବାଦ କରିବାରୁ ପୁଣିଥରେ ନାମଫଳକ ପୁଣି ଓଡ଼ିଆରେ ଲେଖା ଯିବାକୁ ନେଇ ଅଞ୍ଚଳରେ ଚର୍ଚ୍ଚା ହେଉଥିବା ବେଳେ ଅତିଥି ମାନଙ୍କ ପାଇଁ ବସିବା ପାଇଁ ଚେୟାର ଇତ୍ୟାଦି ବ୍ୟବସ୍ଥା ହୋଇନଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା ।

## ୧୧ ଦଫା ଦାବି ନେଇ ନୟାଗଡ଼ ଜିଲ୍ଲା ହଇୱା ଗାଡ଼ି ଆସୋସିଏସନ୍ ପକ୍ଷରୁ ଚକା ବନ୍ଦ ଆନ୍ଦୋଳନ

ନୟାଗଡ଼, ( ମହାଭାରତ ) : ୧୧ ଦଫା ଦାବି ନେଇ ନୟାଗଡ଼ ଜିଲ୍ଲା ହଇୱା ଗାଡ଼ି ଆସୋସିଏସନ୍ ପକ୍ଷରୁ ଚକା ବନ୍ଦ ଆନ୍ଦୋଳନ। ଖୋର୍ଦ୍ଧା ଟ୍ରକ୍ ମାଲିକ ଆସୋସିଏସନ୍ ପକ୍ଷରୁ ଦିଆଯାଇଥିବା ଆନ୍ଦୋଳନ ଡାକରାକୁ ସମର୍ଥନ ଜଣାଇ ନୟାଗଡ଼ ହଇୱା ଗାଡ଼ି ମାଲିକ ଆସୋସିଏସନ୍ ପକ୍ଷରୁ ଜିଲ୍ଲାରେ ଲଘୁ ଖଣିଜ ପଦାର୍ଥ ପରିବହନ କାର୍ଯ୍ୟରେ ନିୟୋଜିତ ଥିବା ସମସ୍ତ ଟ୍ରକ୍ ହଇୱାକୁ ବନ୍ଦ କରି ଆନ୍ଦୋଳନ କରିଛନ୍ତି। ସେମାନଙ୍କ ଅଭିଯୋଗ ମାଇନ୍ସ ବିଭାଗ ପକ୍ଷରୁ ବାଲି, ଗୋଡ଼ି ମାଟି ପରିବହନ ବେଳେ ଖଣି ଅଧିକାରୀ ଗାଡ଼ି ଅଟକାଇ ଗୋଟିଏ ଗୋଟିଏ ହଇୱା ଗାଡ଼ି ଉପରେ ଚାରି ଲକ୍ଷ ଟଙ୍କା ଫାଇନ୍ କାଟୁଛନ୍ତି। କିନ୍ତୁ ଖଣି ଉପରେ ଚଢ଼ାଉ ହେଉନାହିଁ। ଯଦି ପଥର ଖଣି ଏବଂ ବାଲି ଘାଟ ଉପରେ ଖଣି ବିଭାଗ ପକ୍ଷରୁ ଚଢ଼ାଉ କରି ସଠିକ୍ ପରିଚାଳନା କରାଯାଆନ୍ତା। ତେବେ ବେଆଇନ କାରବାର ରୋକା ଯାଇପାରନ୍ତା। କିନ୍ତୁ ତାହା ନକରି ରାସ୍ତାରେ ବାଲି ପଥର ମାଟି ଟ୍ରକ୍ ଅଟକାଇ ଫାଇନ୍ କାଟିବା ପଛରେ ଖଣି ଅଧିକାରୀଙ୍କ ବାଲି ପଥର ମାଟି ମାଫିଆଙ୍କ ହାତ ରହିଥିବା ଟ୍ରକ୍ ପରିବହନ ମାଲିକ ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି। ଖଣି ଅଧିକାରୀଙ୍କ ମନମୁଖୀ କାର୍ଯ୍ୟକୁ ବିରୋଧ କରି ଟ୍ରକ୍ ପରିବହନ ମାଲିକ ସଂଘ ପକ୍ଷରୁ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରାଯାଇଥିବା ରୁ ଜିଲ୍ଲା ୭୦ ଗାଡ଼ି ମାଲିକ ଙ୍କର ୧୪୦ ହଇୱା ଟ୍ରକ୍ ଚଳାଚଳ ବନ୍ଦ ରହିଛି। ସରକାର ତୁରନ୍ତ ସମାଧାନ ପାଇଁ ସଂଘ ପକ୍ଷରୁ ଦାବି କରାଯାଇଛି। ଏହି ଆନ୍ଦୋଳନରେ ଖୋର୍ଦ୍ଧା ଅନୁଗୋଳ ମୟୂରଭଞ୍ଜ ଭଳି ୧୫ ଟି ଜିଲ୍ଲାର ଟ୍ରକ୍ ପରିବହନ ମାଲିକ ସଂଘ ସାମିଲ ହୋଇଥିବା ସଂଘ ପକ୍ଷରୁ କୁହାଯାଇଛି।

## କ୍ଲୀନ୍ସମ୍ୟାନ ଡିଏଲଆର ତାପସ କୁମାରଙ୍କ ପରଲୋକ

ପାରାଦୀପ(ମହାଭାରତ): ପାରାଦୀପ ବନ୍ଦର ଟ୍ରାଫିକ ବିଭାଗ ରେଲୱେ ସେକ୍ସନରେ କ୍ଲୀନ୍ସମ୍ୟାନ ଡିଏଲଆର ଭାବେ କାର୍ଯ୍ୟ କରୁଥିବା ତାପସ କୁମାର ପତି (୪୧) ରବିବାର ମଧ୍ୟରାତ୍ରରେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ବନ୍ଦର ଚିକିତ୍ସାଳୟ ରେ ଭର୍ତ୍ତି କରାଯାଇଥିଲା । ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଖବର ପାଇ ସୋମବାର ସକାଳେ ଡିଏଲଆର ସଂଘର ସଭାପତି ପ୍ରକାଶ ତ୍ରିପାଠୀ, କାର୍ଯ୍ୟକାରୀ ସଭାପତି ପରେଶ ମୁର୍ମୁ, ଉପସଭାପତି ସୁବ୍ରତ କୁମାର ପ୍ରଧାନ, ଉପଦେଷ୍ଟା ସର୍ବେଶ୍ୱର ବଳିୟାରସିଂହ ପ୍ରମୁଖ ଘଟଣା ସ୍ଥଳରେ ପହଞ୍ଚି ଶୋକ ସନ୍ତପ୍ତ ପରିବାର କୁ ସାନ୍ତ୍ୱନା ଦେଇଥିଲେ । ଏତଦବ୍ୟତୀତ ନିୟମ ଅନୁଯାୟୀ ବନ୍ଦର ପକ୍ଷରୁ ସମସ୍ତ ଆର୍ଥିକ ସହାୟତା ସହିତ ମୃତକ ଙ୍କ ସ୍ତ୍ରୀ ଙ୍କୁ ଚାକିରୀ ପାଇଁ ଦାବୀ କରାଯାଇଥିଲା । ପାରାଦୀପ ବନ୍ଦର ପକ୍ଷରୁ ମୃତକ ଙ୍କ ସ୍ତ୍ରୀଙ୍କୁ ଚାକିରୀ ଦେବା ସହ ସଂସ୍କାର ପାଇଁ ଆର୍ଥିକ ସହାୟତା ପ୍ରଦାନ କରାଯିବା ନେଇ ପ୍ରତିଶ୍ରୁତି ମିଳିଲା ପରେ ଡିଏଲଆର ମାନଙ୍କ ଧାରଣା ପ୍ରତ୍ୟାହୃତ ହୋଇଥିଲା।

## ଶ୍ରୀ ଶ୍ରୀ ତ୍ରିନାଥ ଠାକୁର ଙ୍କ ବାର୍ଷିକ ଉତ୍ସବରେ ବିଧାୟକ

ନୂଆଗାଁ (ମହାଭାରତ) : ନୂଆଗାଁ ବ୍ଲକ ମାଇଛେଳି ପଞ୍ଚାୟତ ଶ୍ରୀ ଶ୍ରୀ ତ୍ରିନାଥ ଠାକୁର ଜୀଉ ଙ୍କ ବାର୍ଷିକ ଉତ୍ସବ ହୋଇଥିବା ବେଳେ ଜାକେଡ଼ା ଗ୍ରାମପଞ୍ଚାୟତ ଅନ୍ତର୍ଗତ ଲୁଣି ଓ ଦୁଗୁଡ଼ି ଗ୍ରାମ ମିଳିତ ସହଯୋଗର ଉଭୟ ସୀମାନ୍ତ ଅଞ୍ଚଳରେ ଶ୍ରୀ ଶ୍ରୀ ତ୍ରିନାଥ ଠାକୁର ଙ୍କ ନବମ ବାର୍ଷିକ ପୂଜା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ମାନ୍ୟବର ବିଧାୟକ ଦଶପଲ୍ଲା ତଥା ବିଜେଡି ଜିଲ୍ଲା ସଭାପତି ନୟାଗଡ଼ ଶ୍ରୀ ରମେଶ ଚନ୍ଦ୍ର ବେହେରା ଯୋଗଦେଇ ତ୍ରିନାଥ ଠାକୁର ଙ୍କୁ ପୁଷ୍ପାଞ୍ଜଳି ଅର୍ପଣ କରି ଆଶୀର୍ବାଦ ଗ୍ରହଣ କରିଥିଲେ। ନୂଆଗାଁ ବ୍ଲକ



ଅଧକ୍ଷାଙ୍କ ପ୍ରତିନିଧି ଶଙ୍କର୍ଷଣ ବେହେରା,୧୭ ନଂ ଜୋନ ଜିଲ୍ଲାପରିଷଦ ସଭ୍ୟା ଙ୍କ ପ୍ରତିନିଧି ଦିଲ୍ଲିପ କୁମାର ଦଳବେହେରା, ସ୍ଥାନୀୟ ସରପଞ୍ଚ ଙ୍କ ପ୍ରତିନିଧି ବୁଲୁ ମଳିକ, ସମିତି ସଭ୍ୟା ପ୍ରଭାତି ମଳିକ, ନାଏବ ସରପ□ ପ୍ରହଲ୍ଲାଦ ମଳିକ, ୱାର୍ଡ ସଭ୍ୟ ମନ୍ଦର ମଳିକ ,ସମାଜସେବୀ ଦିଲ୍ଲିପ କୁମାର ଜାନୀ, ପ୍ରକାଶ ମଳିକ ନୂଆଗାଁ ପଞ୍ଚାୟତ ବିଜେଡ଼ି ସଭାପତି ପ୍ରକାଶ ନାୟକ,ବ୍ଲକ ବିଜେଡ଼ି ଛାତ୍ର ସଭାପତି ସୁବ୍ରତ ପରିଡ଼ା, ମାଇଛେଳି ସରପଞ୍ଚଙ୍କ ପ୍ରତିନିଧି ଦାଶରଥି ପ୍ରଧାନ , ଚନ୍ଦ୍ରମଣି ବେହେରା ପ୍ରମୁଖ ଉପସ୍ଥିତ ଥିଲେୟ ବିଧାୟକ ଶ୍ରୀ ବେହେରା ପହଞ୍ଚିବା ପରେ ସ୍ଥାନୀୟ ଅଞ୍ଚଳବାସୀ ପୁଷ୍ପଗୋଛ ଓ ଉତ୍ତରୀୟ ଦେଇ ଶୁଭେଚ୍ଛା ଜଣାଇବା ସହ କରତାଳି ହୁଳହୁଳି ହରିବୋଲ ଶଙ୍ଖ ଧ୍ୱନୀରେ ଶ୍ରୀ ଶ୍ରୀ ତ୍ରିନାଥ ଠାକୁର ଙ୍କ ପୀଠ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା । ରାସ୍ତା ଠାରୁ ଆରମ୍ଭ କରି ପିଇବା ପାଣି ପାଇଁ ନଳକୂପ , ଜରୁରୀ କାଳୀନ ଯୋଗାଯୋଗ ପାଇଁ ଇଝଘଖ ନେଟୱାର୍କ ବ୍ୟବସ୍ଥା, ତ୍ରିନାଥ ଠାକୁର ଙ୍କ ପାଇଁ ମଣ୍ଡପ ଆଦି ନିର୍ମାଣ ପାଇଁ ଦେଇଥିବା ପ୍ରତିଶ୍ରୁତି ପୂରଣ କରିଥିବାରୁ ଆଜି ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ଙ୍କୁ ସମଗ୍ର ଅଞ୍ଚଳବାସୀ ଭୋରିଭୋରି ଉଚ୍ଚ ପ୍ରଶଂସା କରିଥିଲେ। ପରେ ଉଭୟ ଗ୍ରାମବାସୀଙ୍କ ସହଯୋଗରେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ଦେଖିବା ପାଇଁ ସ୍ଥାନୀୟ ଅଞ୍ଚଳରୁ ବହୁ ସଂଖ୍ୟାରେ ଜନସମାଗମ ହୋଇଥିଲେ।

## ଚନ୍ଦ୍ରଗିରି ପୋଲିସ ଫାଣ୍ଡିରେ ପୋଲିସର ଗଂଜେଇ ଚାଷ ସଚେତନ ଶିବିର ଅନୁଷ୍ଠିତ

ଗଜପତି(ମହାଭାରତ): ଗଜପତି ଜିଲ୍ଲା ମୋହନା ବ୍ଲକର ଆଦିବାସୀମାନେ ଗଂଜେଇଚାଷ କରି ପରିବାର ପ୍ରତିପକ୍ଷୋଣ କରିଆସୁଥିବା ବେଳେ ସେହି ଗଂଜେଇ ଚାଷଠୁ କିଭଳି ଭାବେ ଆଦିବାସୀ ମାନେ ନିବୃତ ରହିବେ ସେଥିପାଇଁ ପୋଲିସ ପ୍ରଶାସନ ପକ୍ଷରୁ ଏକ ଗଂଜେଇ ଚାଷ ନିବାରଣ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଗଜପତି ଆରକ୍ଷୀ ଅଧିକ୍ଷକ ଯତୀନ୍ଦ୍ର ପଣ୍ଡାଙ୍କ ଅଧିକ୍ଷତାରେ ,ଆର -ଉଦୟଗିରି ଏସ୍ଡିପିଓ ଅଶ୍ୱିନୀ କୁମାର ନାୟକ, ମୋହନା ଥାନା ଅଧିକାରୀ ବସନ୍ତ କୁମାର ସେଠୀ, ଅଡବା ଥାନା ଅଧିକାରୀ ଶୁଭ୍ରାଂଶୁ ପଣ୍ଡା ଯୋଗ ଦେଇ ଅଂଚଳବାସୀଙ୍କୁ ସଚେତନ କରିଛନ୍ତି। ଏହି ଅଂଚଳରୁ ଦିନକୁ ଦିନ ଗଂଜେଇ ଚୋରା ଚାଲାଣ ବୃଦ୍ଧି ପାଉଥିବା ବେଳେ ତାହାକୁ କିଭଳି ରୋକ ଲଗାଯାଇପାରିବ,ଏବଂ ଗଂଜେଇଚାଷକୁ ନେଇ ସମ୍ବିଧାନରେ ଥିବା ଦଣ୍ଡବିଧାନକୁ ନେଇ ଆଦିବାସୀଙ୍କୁ ବୁଝେଇଥିଲେ।

## କାର୍ତ୍ତିକ ଶେଷ ସୋମବାର ରେ ଶୈବ ପୀଠରେ ପ୍ରବଳ ଭିଡ଼

ଆସିକା (ମହାଭାରତ) ପବିତ୍ର କାର୍ତିକ ମାସ ଶେଷ ସୋମବାର ଯୋଗୁଁ ବିଭିନ୍ନ ଶୈବ ପୀଠ ଏବେ ଚଳ ଚଞ୍ଚଳ ହୋଇ ପଡିଛି । କାର୍ତ୍ତିକ ସୋମବାର ଶୈବ ଭକ୍ତ ମାନଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳୁଛି। ବିଭିନ୍ନ ଶିବ ମନ୍ଦିର ରେ ଭଗବାନ ଶିବ ଶଙ୍କର, ମା ପାର୍ବତୀ, ପୁତ୍ର ଗଣେଶ, ଏବଂ କାର୍ତ୍ତିକ ଙ୍କୁ ପୂଜା ଅର୍ଚନା କରିଥାନ୍ତି । ସକାଳୁ ସକାଳୁ



ମନ୍ଦିର ମାନଙ୍କ ରେ ମଙ୍ଗଳ ଆରତୀ, ଅବକାଶ, ସେବା,ବେଶ, ଭୋଗ ଲାଗି ହୋଇଛି କ୍ଷ ଭକ୍ତ ମାନେ ବେଲପତ୍ର, ପଇଡ଼,କ୍ଷୀର,ଧୂପ, ଦୀପ, ନୈବେଦ୍ୟ, ଆରତୀ ଏବଂ ଅଭିଷେକ କରିଥାନ୍ତି । ଗ୍ରାମ ଠାରୁ ସହର ପର୍ଯ୍ୟନ୍ତ ଶିବାଳୟ ମାନଙ୍କ ରେ ବହୁ ଭକ୍ତ ମାନଙ୍କ ସମାଗମ ଦେଖିବାକୁ ମିଳିଥିଲା । ଭକ୍ତମାନେ ଅଷ୍ଟ ଶମ୍ଭୁ ଦର୍ଶନ ନିମନ୍ତେ ନାମ ସଂକୀର୍ତନ କରି ସହରର ଅଷ୍ଟ ଶମ୍ଭୁ ଦର୍ଶନ କରନ୍ତି । ଆସିକା ର ସୁବନେଶ୍ୱର, କାଶୀ ବିଶ୍ୱନାଥ, ବାଲୁଙ୍କେଶ୍ୱର, ନା ମେ ଦେ ଶ୍ୱ ର, ତ୍ରିବେଧେଶ୍ୱର,ରାମେଶ୍ୱର, ପୁଡୁଗେଶ୍ୱର,ସ୍ୱପ୍ନେଶ୍ୱର, ଚନ୍ଦ୍ର କଙ୍କେଶ୍ୱର, ନୀଳକଣ୍ଠେଶ୍ୱର, ବ୍ରହ୍ମେଶ୍ୱର, ସମେତ ଅନେକ ଶିବ ମନ୍ଦିର ରେ ଭଜନ କୀର୍ତନ ରେ ପରିବେଶ ଏକ ଅଧାତ୍ମିକ ଏବଂ ଉତ୍ସବ ମୁଖର ହୋଇ ପଡିଛି । ପଣ୍ଡିତ ମାନଙ୍କ ଦ୍ୱାରା ଅଭିଷେକ, ବେଲ ଦ୍ୱଳ ଅର୍ପଣ,କ୍ଷୀରାଭିଷେକ, ଭସ୍ମ ଲେପନ, ପାର୍ଶ୍ୱ ଦେବତା ପୂଜନ, ସୂର୍ଯ୍ୟ ପୂଜା, ବୃଷଭ ପୂଜନ, ନନ୍ଦୀ, ଭୃକୁଟି ପୂଜନ, ହୋମ ଯଜ୍ଞ, ଆରତୀ, ପୁଷ୍ପାଞ୍ଜଳି, ବ୍ରାହ୍ମଣ ଭୋଜନ, ସମେତ ହବିଷ୍ୟାଳି ମାନଙ୍କ ରୋଷେଇ କାର୍ଯ୍ୟ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଥିଲା ।

## ଭାଲିଆଡାଳ ପାୟୋନିୟର ବିହନ କମ୍ପାନୀ ପକ୍ଷରୁ ଧାନ ଫସଲ ଦିବସ ପାଳିତ

ପାଟଣା:-(ମହାଭରତ)କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଅନ୍ତର୍ଗତ ମିରିଗିଖୋଜି ପଞ୍ଚାୟତ ଭାଲିଆଡାଳ ଗ୍ରାମରେ ପାୟୋନିୟର ବିହନ କମ୍ପାନୀ ପକ୍ଷ ରୁ ଅମଳ ଦିବସ ପାଳିତ ହୋଇଛି । ପାୟୋନିୟର କମ୍ପାନୀ ର କେନ୍ଦୁଝର ଜିଲ୍ଲା କ୍ଷେତ୍ରି ମୁଖ୍ୟ ନିହାର ରଞ୍ଜନ ଦାଶ ତତ୍ୱବୋଧ ରେ ଶତାଧିକ ଚାଷୀ ଭାଇ ଭଉଣୀ ଙ୍କୁ ନେଇ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଏମ ଡି.ରା ବେଣୁଧର ମହାନ୍ତ ଉପସ୍ଥିତ ଥିଲେ।କାର୍ଯ୍ୟକ୍ରମ ରେ ୨୭ପି୩୭ ଧାନ ଚାଷ କଲେ ତାଠୁ ଅଧିକ ଅମଳ କରିବାକୁ ହେଲେ ଧାନରେ ପୋକ ଲାଗିଲେ ସୁଷମ ସାର ପ୍ରୟୋଗ କଲେ ଧାନ ରେ ପୋକ ଲାଗିବାକୁ ନିୟନ୍ତ୍ରଣ କରିପାରିବା ତା ବିଷୟରେ ଆଲୋଚନା ସହିତ ଚାଷୀ ମାନ ଙ୍କୁ ବୁଝାଇ ଥିଲେ। ଏହି ୭୨ପି୩୭ ଧାନ କୁ ଚାଷୀ ବିଲ ରେ ଚାଷ କଲେ ଅନ୍ୟ ଧାନ ଅପେକ୍ଷା ୬ ରୁ ୭ କୁଇଣ୍ଟାଲ ଧାନ ଅମଳ ହୋଇଥାଏ ।



# ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା






## ମାନଝରି ଓ ଗୋଲାମୁଣ୍ଡା ପମ୍ପ ହାଉସ ରୁ ତାରଚୋରି ୧୦ ଟି ୱାର୍ଡ ରେ ପିଇବା ପାଣି ସପ୍ଲାଏ ଠପ୍



ଗୋଲାମୁଣ୍ଡା (ମହାଭାରତ)ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ମାନଝରି ସ୍ଥିତ ଉଦନ୍ତୀ ନଦୀ କୂଳରେ ଥିବା ଉଭୟ ମାନଝରି ଓ ଗୋଲାମୁଣ୍ଡା ପମ୍ପ ହାଉସ ରୁ ମୋଟର କେବୁଲ ସୋମବାର ବିଳମ୍ବିତ ରାତିରେ ଚୋରି ହୋଇଯାଇଛି। ଯାହା ଫଳରେ ଉଭୟ ଗ୍ରାମର ୧୦ ଟି ୱାର୍ଡରେ ଜନସାଧାରଣ ପିଇବା ପାଣି ପାଇଁ ନାହିଁନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି।ଏଭଳି ଘଟଣା ଗତ ଦୁଇ ବର୍ଷ ମଧ୍ୟରେ ଥରେ କି ଦି ଥର ନୁହେଁ ୮ ଥର ପୁନରାବୃତ୍ତି ହୋଇଥିବାର ଖୋଦ୍ ମାନଝରି ସରପଞ୍ଚ ଜଗୁଜିବନ୍ ଅଗ୍ରୀଆ ଓ ମାନଝରି ରାତ୍ର ଜଗୁଆଳି ମୁଶୁ ଭୋଇ ପ୍ରକାଶ କରିଛନ୍ତ। ତେବେ ଖବର ପ୍ରସାରଣ ପର୍ଯ୍ୟନ୍ତ ଗୋଲାମୁଣ୍ଡା ସରପ□ ଙ୍କ ମତାମତ ମିଳିନଥିଲା।ଏଭଳି ଘଟଣାକୁ ତୀବ୍ର ନିନ୍ଦା କରିଛନ୍ତି ଉଭୟ ଗ୍ରାମବାସୀ।

# ୭ ଦିନରେ ଦୋକାନ ଖୋଲ, ନହେଲେ ଚୁକ୍ତି ବାତିଲ

## ପୌର ପରିଷଦର ନୋଟିସ୍ ପରେ ବ୍ୟବସାୟୀଙ୍କ ମଧ୍ୟରେ ଅସନ୍ତୋଷ



ନୟାଗଡ଼, ମହାଭାରତ ) : ନୂଆ ବସ୍‌ଷ୍ଟାଣ୍ଡେ ନିର୍ମାଣ କରାଯାଇଥିବା ମାର୍କେଟ୍ କମ୍ପ୍ଲେକ୍ସ ବର୍ତ୍ତମାନ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇପାରୁନାହିଁ। ବଣିକ ସଂଘର କର୍ମକର୍ତ୍ତା ଓ ପୌର ପରିଷଦ ମଧ୍ୟରେ ଏକାଧିକ ବୈଠକ ପରେ ବି କିଛି ସୁଫଳ ମିଳୁନାହିଁ। ବଣିକ ସଂଘ ପକ୍ଷରୁ ରଖାଯାଉଥିବା ସର୍ତ୍ତ ଗୁଡ଼ିକ ପାଳନ କରାଯାଉ ନଥିବାରୁ ଦୋକାନ ଖୋଲୁନଥିବା କର୍ମକର୍ତ୍ତା ମାନେ ଅଭିଯୋଗ କରିଛନ୍ତି। ଏହି ସମୟରେ ପୌରପରିଷଦ ପକ୍ଷରୁ ଏକ ଚିଠି କରାଯାଇ ତୁରନ୍ତ ଦୋକାନ ଖୋଲିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ନଚେତ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁହାଯାଇଛି। ଏହାକୁ ନେଇ ବଣିକ ସଂଘର କର୍ମକର୍ତ୍ତା ମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ପୌର ପରିଷଦ ପକ୍ଷରୁ କରାଯାଇଥିବା ଚିଠି ମୁତାବକ, ନୂତନ ବସ୍‌ଷ୍ଟାଣ୍ଡେ ଦୋକାନ ଘର ଭଡ଼ାସୂତ୍ରରେ ନେଇଥିବା ସମସ୍ତ ଦୋକାନୀ ମାନେ ଚିଠି ପାଇବାର ୭ ଦିନ ମଧ୍ୟରେ ଦୋକାନ ଖୋଲିବେ ନଚେତ ସେମାନଙ୍କ ନାମ ଏଗ୍ରିମେ□ରୁ ବାତିଲ କରାଯାଇ ଅପେକ୍ଷା ତାଲିକାରେ ଥିବା ଅନ୍ୟ ଆବେଦନକାରୀଙ୍କୁ ଅଗ୍ରାଧିକାର ଭିତ୍ତିରି ଦୋକାନଗୃହ ଆବଣ୍ଟନ କରାଯିବ। ୨୦୨୧ ମସିହାରୁ ନୂଆ ବସ୍‌ଷ୍ଟାଣ୍ଡେ ଏହି ମାର୍କେଟ୍ କମ୍ପ୍ଲେକ୍ସ୍ ତିଆରି କରାଯାଇଥିଲା। ଏଥିରେ ଦୋକାନଘର ୯୦ଟି ରହିଛି। ଏଗୁଡ଼ିକ ପାଇଁ ବ୍ୟବସାୟୀ ମାନେ ଆବଶ୍ୟକ ଟଙ୍କା ଜମା କରି ନେଇସାରିଛନ୍ତି। ମାତ୍ର ହାତଗଣତି କେତୋଟି ଦୋକାନ ଘରକୁ ବାଦ୍ ଦେଲେ ଅନ୍ୟ ସବୁଠି ତାଲା ଝୁଲୁଥିବା ଦେଖିବାକୁ ମିଳୁଛି। ଏପଟେ ସମସ୍ତ ହଳ ଦୋକାନଘରକୁ ବ୍ୟବସାୟୀ ମାନଙ୍କୁ ହସ୍ତାନ୍ତର କରାଯାଇଥିଲେ ମଧ୍ୟ ପୌରପରିଷଦ ଗୋଟିଏ ବି ଟଙ୍କା ଭଡ଼ା ସୂତ୍ରରେ ସେମାନଙ୍କ ଠାରୁ କରିପାରୁ ନାହିଁ। ଯେହେତୁ ଏହି ବ୍ୟବସାୟୀ ମାନେ ଏପର୍ଯ୍ୟନ୍ତ ଦୋକାନ ଖୋଲିନାହାନ୍ତି, ସେମାନେ ଭଡ଼ା ଦେବାକୁ ରାଜିନାହାନ୍ତି। ଯେଉଁ ହାତ ଗଣତି କେତେ ଜଣ ବ୍ୟବସାୟୀ ସେଠାରେ ଦୋକାନ ଖୋଲିଛନ୍ତି, ବେପାର ହେଉନଥିବାରୁ ସେମାନେ ମଧ୍ୟ ଭଡ଼ା ଦେବାକୁ ରାଜିନାହାନ୍ତି। ଏଣୁ ଏତେ ବଡ଼ ଏକ ମାର୍କେଟ୍ କମ୍ପ୍ଲେକ୍ସ୍ ଧୀରେ ଧୀରେ ଭୂତକୋଠିରେ ପରିଣତ ହୋଇଯିବ ବୋଲି ଅଭିଯୋଗ ହୋଇଛି। ଅସଲରେ ନୂତନ ଭାବେ ନିର୍ମାଣ କରାଯାଇଥିବା ଏହି ବସ୍‌ଷ୍ଟାଣ୍ଡେ ଗୋଟିଏ ବି ହେଲେ ବସ୍ ଆସୁନି। ସହରଠାରୁ ଦୂର ହୋଇଯାଉଥିବା ଦର୍ଶାଇ ମାଲିକ ମାନେ ସେମାନଙ୍କ ବସ୍କୁ ଏଠାକୁ ପଠାଉନାହାନ୍ତି। ବସ୍ ଆସୁନଥିବାରୁ ସେଠାରେ ବେପାର ଭଲ ହେବାର କୌଣସି ସୁଯୋଗ ନାହିଁ ବୋଲି ବେପାରୀ ମାନେ ଅଭିଯୋଗ କରିଛନ୍ତି। ଏ ନେଇ ପୌରପରିଷଦ ନିର୍ବାହୀ ଅଧିକାରୀ ସ୍ନେହଲତା ଆଚାର୍ଯ୍ୟ କୁହନ୍ତି ଯେ, ନୂଆ ବସ୍‌ଷ୍ଟାଣ୍ଡୁ ଯେପରି ବସ୍ ଯିବ, ଏ ନେଇ ଖୁବଶୀଘ୍ର ପଦକ୍ଷେପ ନିଆଯିବ ଦୋକାନୀ ମାନଙ୍କୁ ବର୍ଷ ବର୍ଷ ହେଲା ପୌରପରିଷଦ ପକ୍ଷରୁ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦିଆଯାଇଛି। ଗତ ନଭେମ୍ବରରୁ ଭଡ଼ା ଲାଗୁ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲେ ମଧ୍ୟ ସେମାନେ ଡିସେମ୍ବର ପର୍ଯ୍ୟନ୍ତ ସମୟ ଦେବାକୁ ଅନୁରୋଧ କରିଥିଲେ। ଏଣୁ ନିୟମ ନ ମାନିଲେ ଉପଯୁକ୍ତ ପଦକ୍ଷେପ ନିଆଯିବ ବୋଲି ନିର୍ବାହୀ ଅଧିକାରୀ ସ୍ନେହଲତା ଆଚାର୍ଯ୍ୟ କହିଛନ୍ତି।

## ଧୁମାଭଟା ରେ ମାରାଥନ କାର୍ଯ୍ୟକ୍ରମ ଅନୁଷ୍ଠିତ

ପାଟଣାଗଡ଼ ( ମହାଭାରତ ) ବଲାଙ୍ଗିର ଜିଲ୍ଲା ବେଲପଡା ବ୍ଲକ ଧୁମାଭଟା ଗ୍ରା.ପ. ପଞ୍ଚାୟତ ଓ ବଜରଙ୍ଗଦଳ ଆନୁକୁଲ୍ୟ ରେ ରାଜ୍ୟସ୍ତରୀୟ ମାରାଥନ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।ଏହି ମାରାଥନ୍ କାର୍ଯ୍ୟକ୍ରମ ରେ ସମସ୍ତ ଜିଲ୍ଲାରୁ ୧୮୦ ଜଣ ଯୁବକ ଓ ଯୁବତୀ ମାନେ ଭାଗନେଇ ନେଇଥିଲେ। ଏହି ମାରାଥନ୍ ରେ ୮ କିଲୋମିଟର ଦୌଡ ଥିଲା,ଧୁମାଭଟା ପଞ୍ଚାୟତ ଠାରୁ,ଡଙ୍ଗରତଲ ପର୍ଯ୍ୟନ୍ତ ଦୌଡି ପୁଣି ଫେରି ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ କୁ ଆସିଥିଲେ ।ଏହି କାର୍ଯ୍ୟକ୍ରମ ସୋନପୁର ଜିଲ୍ଲା ର ଦୟାନିଧି ମୁଣ୍ଡା ପ୍ରଥମ ସ୍ଥାନ ହାସଲ କରିଥିବା ବେଳେ ଦ୍ୱିତୀୟ ସ୍ଥାନ ରେ କଳାହାଣ୍ଡି ଜିଲ୍ଲା ର ପବନ କୁମାର ଯାଦବ ହାସଲ କରିଥିଲେ ଏବଂ ତୃତୀୟ ସ୍ଥାନରେ ଝାରସୁଗୁଡା ଜିଲ୍ଲାର ପଙ୍କଜ ରଣା ହାସଲ କରିଥିଲେ । ଏମିତି ଟପ୍ ଟେନ୍ ପ୍ରଯନ୍ତ ପୁରସ୍କାର ଥିଲା ମହିଳା ମାନଙ୍କର ମଧ୍ୟରେ ପ୍ରଥମ ସ୍ଥାନ ହାସଲ କରିଥିଲେ ଧନମତୀ ମାଝି ଏବଂ ଅନିତା କୈବର୍ତ୍ତ ଓ ଆରତୀ ମାଝି ତୃତୀୟ ସ୍ଥାନ ଗ୍ରହଣ କରିଥିଲେ । ଏହି. ଅଲ୍ ଓଡିଶା ମାରାର୍ଥନ କାର୍ଯକ୍ରମ ରେ ମୁଖ୍ୟ ଅତିଥି ଭାବେ ବେଳପଡା ପୋଲିସ୍ ଏ ଏସ ଆଇ ଭଜମନ ବିଶି ଯୋଗଦାନ କରି ଶୁଭାରମ୍ଭ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ଧୁମାଭଟା ରାଜସ୍ୱ ନୀରିକ୍ଷକ ଅନ୍ତର୍ଯ୍ୟାମୀ,ଧୁମାଭଟା ଭି,ଏଲ, ଡବ୍ଲୁ ଡାକ୍ତର ତାପସ ବେହେରା,ସରପ□ ବନମାଳୀ ନାଏକ,ଅବରସ ପ୍ରାପ୍ତ ଶିକ୍ଷକ ସୀତାରାମ କରନ ଯୋଗଦାନ କରି ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ।ଲକ୍ଷ୍ମୀଧର ମଲ୍ଲିକ,ଦିଗାମ୍ବର ବୁଡେକ,ତରଣୀ ବାଗ,ବାବୁଲା ବୁଡେକ, ଗୋବିନ୍ଦ ମଲ୍ଲିକ,ସଚିନ ବୁଡେକ,କମଳ ନାଏକ, ଅମିତ ନାଏକ ରୁତୁ ବାଗ,ସୁଶାନ୍ତ ବୁଡେକ,ରାମ ପ୍ରଧାନ,କେଶବ ଦଣ୍ଡସେନା, ପିଣ୍ଟୁ ବୁଡେକ,ତୁଷ ବୁଡେକ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

## ଫଳ ଗାଡ଼ି ଧକ୍କାରେ ସ୍ୱାମୀ ଗୁରୁତର ଓ ସ୍ତ୍ରୀ ମୃତ

ଦେବଗଡ଼,(ମହା ଭାରତ)ସମ ବାୟର,ଆଜି ଦିନ ପ୍ରାୟ ୨ ଘଟିକା ବେଳକୁ ଦେବଗଡ଼ ଜିଲ୍ଲା ବାରକୋଟ ଥାନା ଅନ୍ତ ଗତ କଲା ଛକ ଠାରେ ଦେବଗଡ଼ ପଟୁ ଏକ ଫଳ ବୋଝାଇ ଟ୍ରକ୍ ଗାଡ଼ି ନମ୍ବର, ଙଭ ୨୩ଉ ୧୬୨୪ ଗାଡ଼ିଟି କଲିକତା ଅଭିମୁଖେ ଯାଇଥବା ସମୟ ରେ କଲା ଛକ ଠାରେ ହଠାତ ଏକ ବାଇକ ଯୋଗେ ବିପରୀତ ପଟୁ ବାଇକ ଦ୍ୱାରା ସ୍ୱାମୀ ସ୍ତ୍ରୀ ଦୁଇଜଣ ରାସ୍ତା ପାରି କରୁଥିବା ସମୟରେ ଟ୍ରକ୍ ସହିତ ଧକା ହୋଇଥିଲା। ଫଳରେ ଘଟଣା ସ୍ଥଳରେ ବାଇକ ଚାଳକ ମୃତ କଙ୍କ ସ୍ୱାମୀ ଲଳିତ ପ୍ରଧାନ,ଛିଟିକି ହୋଇ ପଡ଼ିଥିଲେ। ଏବଂ ତାଙ୍କ ସ୍ତ୍ରୀ ଘଟଣା ଜାଗାରେ ମୃତ ହୋଇଥିଲା,ତାଙ୍କ ଅବସ୍ଥା ସଙ୍କଟପନ୍ନ ଥିବାରୁ ୧୦୮ ଆମ୍ବୁଲାନ୍ସ ଯୋଗେ ବାରକୋଟ ମେଡିକାଲ କୁ ପଠା ଯାଇଛି। ସ୍ଥାନୀୟ ଲୋକଙ୍କ ସହାୟତାରେ ଘଟଣା ଘଟିଥିବା ଗାଡ଼ିକୁ କଲା ସ୍ଥିତ ପ୍ଲାଜା ରେ ଅଟକ ରଖା ଯାଇଛି। ଦୁର୍ଘ ତନୟ ହୋଇଥିବା ଲଳିତ ପ୍ରଧାନ ଙ୍କ ଦେହ ଅତ୍ୟନ୍ତ ଗୁରୁତର ହେବାରୁ ତାଙ୍କୁ ବାରକୋଟ ,ପ୍ରାଥମିକ ଚିକିତ୍ସା କେନ୍ଦ୍ର ରୁ ଦେବଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସା ଳୟକୁ ପଥାଇଦିଆ ଯାଇଛା ।,ବାରକୋଟ ପୋଲିସ ଘଟଣା ସ୍ଥଳରେ ପହଞ୍ଚି, ସବବ୍ୟବଛେଡ ପାଇଁ ପଠାଇଛି ଏବଂ ଘଟଣାର ଛା ନ ଭିନ ଚଳାଇଛି। ଦୁର୍ଘଟ ନା ହୋଇଥିବା ବ୍ୟକ୍ତି ମାନେ ଗ୍ରାମ କଂସର,ଥାନା ପାଲଲହଡ଼ା,ଜିଲ୍ଲା ଅନୁଗୋଳ ର ବୋଲି ଜଣ ପଡ଼ିଛି।

## ଉପଖଣ୍ଡ ସ୍ତରୀୟ ଯୁଗ୍ମ ଜନ ଶୁଣାଣି ଶିବିର

# ମୋଟ ୮ ୨ ଟି ଅଭିଯୋଗ ର ହେଲା ଶୁଣାଣୀ.



ରାଇରଙ୍ଗପୁର (ମହାଭାରତ): ଆଜି ବାମନଘାଟୀ ଉପଖଣ୍ଡ ସଦର ମହକୁମା ରାଇରଙ୍ଗପୁର ଠାରେ ଉପଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ରେ ଏକ ଯୁଗ୍ମ ଜନ ଶୁଣାଣି ଅଭିଯୋଗ ଶିବିର ଅନୁଷ୍ଠିତ ହୋଇ ଯାଇଛି। ଜିଲ୍ଲାପାଳ ଶ୍ରୀ ହେମ କାନ୍ତ ସଏ,ଭା. ପ୍ର. ସେ.ଙ୍କ ଅଧକ୍ଷତା ରେ ଅନୁଷ୍ଠିତ ଉକ୍ତ ଶିବିର ରେ ବାମନଘାଟି ଉପ ଜିଲ୍ଲାପାଳ ଶ୍ରୀ ସୌମ୍ୟରଞ୍ଜନ ପ୍ରଧାନ, ଭା.ପ୍ର. ସେ.,ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଶ୍ରୀ ବରୁଣ ଗୁ□ପାଲି,ଭା. ପୋ.ସେ., ରାଇରଙ୍ଗପୁର ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଦୌଲତ ଚନ୍ଦ୍ରକାର, ଓ.ପ୍ର. ସେ., ରାଇରଙ୍ଗପୁର ପୌରପାଳିକା ର କାର୍ଯ୍ୟନିର୍ବାହୀ ଅଧିକାରିଣୀ ସୁଶ୍ରୀ ଆଶନି ଏ ଏଲ ଭା. ପ୍ର. ସେ., ରାଇରଙ୍ଗପୁର ଚିକିତ୍ସାଳୟ ର ଅଧିକ୍ଷକ ଡାକ୍ତର ରବୀନ୍ଦ୍ର କୁମାର ମାରାଣ୍ଡି ଓ ଉପଖଣ୍ଡ ଆରକ୍ଷୀ ଅଧିକାରୀ ଶ୍ରୀ ଗୋକୁଳା ନନ୍ଦ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭ ରେ ଜିଲ୍ଲାପାଳ ଉପସ୍ଥିତ ସମସ୍ତ ଅଧିକାରୀ ମାନଙ୍କୁ ସ୍ୱାଗତ କରିବା ସହ ଜନସାଧାରଣ ଙ୍କ ଠାରୁ ଆସୁଥିବା ଆପତ୍ତି ଅଭିଯୋଗ ଗୁଡିକର ସମାଧାନ ତ୍ୱରିତ ପ୍ରକ୍ରିୟା ରେ ସମ୍ପନ୍ନ କରିବା ପାଇଁ ପରାମର୍ଶ ଦେଇଥିଲେ। ଆଜିର ଏହି ଶିବିର ରେ ଜନସାଧାରଣ ଙ୍କ ଠାରୁ ମୋଟ ୮୨ ଟି ଅଭିଯୋଗ ପତ୍ର ଗ୍ରହଣ ହୋଇଥିବା ବେଳେ ୬୭ଟି ବ୍ୟକ୍ତିଗତ ସମସ୍ୟା ଭିତ୍ତିକ ଏବଂ ୧୫ଟି ଗ୍ରାମବାସୀ ଙ୍କ ବିଭିନ୍ନ ସମସ୍ୟା ଭିତ୍ତିକ ସାମୁହିକ ଅଭିଯୋଗ ଥିଲା। ଏଥି ମଧ୍ୟରୁ ଆପତ୍ତି ଅଭିଯୋଗ ର ଗୁରୁତ୍ୱକୁ ବିଚାର କରି ଜିଲ୍ଲାପାଳ ୩ ଜଣଙ୍କୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ଟ. ୫୦୦୦/- ଙ୍କା ଲେଖାଏଁ ମୋଟ ୧୫,୦୦୦ ଟଙ୍କା ମଂଜୁର କରିଥିଲେ। ଏହା ଛଡା ମୋଟ ୫ ଗୋଟି ଅଭିଯୋଗ ର ତତ୍କାଳ ସମାଧାନ କରାଯାଇଥିଲା। ଅନ୍ୟାନ୍ୟ ଆପତ୍ତି ଅଭିଯୋଗ ଗୁଡିକର ବିଷୟ ପ୍ରସଙ୍ଗ ଉପରେ ସବିଶେଷ ତଦନ୍ତ କରି ଅନୁଧ୍ୟାନ ପୂର୍ବକ ବିହିତ କାର୍ଯ୍ୟାନୁଷ୍ଠାନ ନେବା ସହ ତ୍ୱରିତ ପ୍ରକ୍ରିୟା ରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଅନୁଷ୍ଠିତ ଉକ୍ତ ଶିବିର ରେ ବାମନଘାଟି ଉପଖଣ୍ଡ ଅଧିନସ୍ଥ ସମସ୍ତ ଉପଖଣ୍ଡ ସ୍ତରୀୟ ବିଭାଗୀୟ ଅଧିକାରୀ, ରାଇରଙ୍ଗପୁର ପୌରପାଳିକା ର କାର୍ଯ୍ୟନିର୍ବାହୀ ଅଧିକାରୀ,ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର,ଗୋଷ୍ଠୀ ଶିକ୍ଷା ଅଧିକାରୀ, ବିଭିନ୍ନ ଲାଇନ ବିଭାଗ ର ଅଧିକାରୀ ଓ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିବା ବେଳେ ଉପଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ର କର୍ମଚାରୀ ମାନଙ୍କ ଦ୍ୱାରା ଶିବିର କାର୍ଯ୍ୟକ୍ରମ ପରିଚାଳନା କରାଯାଇଥିଲା।

## ବିଦ୍ୟାଳୟରେ ପରିବେଶ ସଚେତନତା କାର୍ଯ କାର୍ଯ୍ୟକ୍ରମ

ବେଗୁନିଆ, (ମହାଭାରତ) : ବେଗୁନିଆ ବ୍ଲକ ପଙ୍ଗାରସିଂହ ଗ୍ରାମସ୍ଥିତ ଦଧିବାମନ ଦେବ ସରକାରୀ ଉଚ୍ଚ ବିଦ୍ୟାଳୟରେ ପରିବେଶ ସ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ପରିବେଶ ଧର୍ମୀ କାର୍ଯ୍ୟକ୍ରମ ' ଆସନ୍ତ ପ୍ରଳୟରୁ ରକ୍ଷା ପାଇଁ ବୃକ୍ଷ, ପଶୁପକ୍ଷୀ ଓ ମାଟି ମା' କୁ ରକ୍ଷା କର' ଶୀର୍ଷକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରକୃତି ବନ୍ଧୁ ପ୍ରସନ୍ତ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଧାନଶିକ୍ଷକ ଯୋଗେଶ ଚନ୍ଦ୍ର ସାମନ୍ତ ସିଂହାର, ବସନ୍ତ ମୁଥା ମାଝୀ, ସୌମ୍ୟ ରଞ୍ଜନ ମାଝୀ, ପ୍ରତାପ ରୁଦ୍ର ପରିଡା, ଗଣେଶ୍ୱର ମହାନ୍ତି, ନିରୂପମା ତ୍ରିପାଠୀ, ପି. ବିଜୟଲକ୍ଷ୍ମୀ, ବୁବୁ ଜେନା ପ୍ରମୁଖ ଉପସ୍ଥିତ ରହି ବିଶ୍ୱ ପାଇଁ ଛାତ୍ରଛାତ୍ରୀଙ୍କ ଗୁରୁ ଦାୟିତ୍ୱ ରହିଛି ବୋଲି କହିଥିଲେ। ଏଥିସହ ଛାତ୍ରଛାତ୍ରୀ ମାନେ ନିଜ ବାଡ଼ି ବଗିଚାରେ ଗୋଟିଏ ଲେଖାଏଁ ଗଛ ଲଗାଇବା ପାଇଁ ପ୍ରକୃତିବନ୍ଧୁ ଶ୍ରୀ ସାହୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଉପସ୍ଥିତ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପରିବେଶ ସମ୍ବନ୍ଧୀୟ ପ୍ରଶ୍ନୋ□ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପରେ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ବିଦ୍ୟାଳ ଦ୍ୟାଳୟ ପରିସରରେ ଔଷଧୀୟ ଚାରା ଲଗାଯିବ ସହ ବଣ୍ଟନ କରାଯାଇଥିଲା। ଏଥିରେ ସମସ୍ତ ଛାତ୍ର ତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ବଡ଼କମରରେ ମା ମଙ୍ଗଳାଙ୍କ ନୂତନ ମନ୍ଦିର ପ୍ରତିଷ୍ଠା

ପରଜଙ୍ଗ (ମହାଭାରତ ) ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ଅନ୍ତର୍ଗତ ପାଟର ପଦା ପଞ୍ଚାୟତ ବଡ଼କମର ଗ୍ରାମରେ ଥିବା ସ୍ୱପ୍ନେଶ୍ୱର ମନ୍ଦିର ପରିସରରେ ମା ମଙ୍ଗଳା ଠାକୁରାଣୀ ପୂଜା ପାଇ ଆସୁଛନ୍ତି। ପୂର୍ବରୁ ହିଙ୍ଗୁଳା ମା ଗୋଟିଏ ଘରେ ମା ମଙ୍ଗଳା ପୂଜା ପାଉଥିଲେ। ସେଥିପାଇଁ ସ୍ୱତନ୍ତ୍ର ମନ୍ଦିର ଆଜକୁ ଆଠ ମାସ ଧରି ପୂର୍ଣ୍ଣାଙ୍ଗ ଅବସ୍ଥାରେ ରହିଥିଲେ ମଧ୍ୟ ଏହି ନୂତନ ମନ୍ଦିର କୁ ପ୍ରତିଷ୍ଠା କରାଯାଇନଥିବାରୁ ମା ମଙ୍ଗଳା ଠାକୁରାଣୀ ଏହି ମନ୍ଦିରରେ ପ୍ରବେଶ କରିନଥିଲେ। ଯାହାଫଳରେ ଗ୍ରାମବାସୀଙ୍କ ନିଷ୍ପତି କ୍ରମେ ୧୦/୧୧/୨୦୨୪ ତାରିଖ ରବିବାର ଦିନ ଏହି ନୂତନ ମନ୍ଦିର ପ୍ରତିଷ୍ଠା କରାଯାଇଥିଲା। ରବିବାର ଦିନ ସକାଳେ ଗ୍ରାମର ଶତାଧିକ ମହିଳା ଓ ପୁରୁଷ ଗ୍ରାମ ନିକଟରେ ଯାଇଥିବା ବ୍ରାହ୍ମଣୀ ନଦୀ ଘାଟରୁ ପୂଜାର୍ଚ୍ଚନା ସାରି ବାଜା, ବାଣ,ଘ□ବାଦ୍ୟ , ନାମ ସଙ୍କୀର୍ତ୍ତନ ସହିତ କଳସ ଶୋଭାଯାତ୍ରା ରେ ଗ୍ରାମ ପରିକ୍ରମା କରି ମନ୍ଦିରରେ କଳସ ସ୍ଥାପନ କରିଥିଲେ। ଏହାପରେ ପୂଜକ ମାନେ ବିଧିବଦ୍ଧ ଭାବେ ପୂଜାର୍ଚ୍ଚନା ଏବଂ ହୋମଯଜ୍ଞ କରିଥିଲେ। ସେହି ଗ୍ରାମର ପ୍ୟାରୀମୋହନ ମାଝି , ରଘୁନାଥ ବିଶ୍ୱାଳ, ସନ୍ତୋଷ କୁମାର ସାହୁ ଏବଂ ସହଧର୍ମିଣୀ ଅପରାଜିତା ସାହୁ ପୂଜାରେ କର୍ତ୍ତା ଭାବରେ ଦାୟିତ୍ୱ ନିର୍ବାହ କରିଥିଲେ।ଉକ୍ତ ଉତ୍ସବରେ ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ ଯୋଗଦେଇ ଠାକୁରାଣୀ ଙ୍କ ଦର୍ଶନ କରିଥିଲେ୍ୟ ପ୍ରତିଷ୍ଠା ଦିବସ ସମାରୋହରେ ନାମ ସଙ୍କୀର୍ତ୍ତନ , ହରିବୋଲ ହୁଳହୁଳି ରେ ମନ୍ଦିର ପରିବେଶ ଭରି ଉଠିଥିଲା। ଏହା ସହିତ ତାଳଚେର ଅଞ୍ଚଳରୁ କୁନି କୁନି ଶିଶୁ କଳାକାର ମାନେ ଆସି ସୁସଜ୍ଜିତ ବେଶରେ ବିଭିନ୍ନ ସଙ୍ଗୀତ ଉପରେ ଆକର୍ଷଣୀୟ ନୃତ୍ୟ ପରିବେଷଣ କରିଥିଲେ। ଅପରାହ୍ନ ଦୁଇଟା ସମୟରେ ପୁରୁଣା ମନ୍ଦିରରେ ପୂଜା ପାଉଥିବା ମଙ୍ଗଳା ମା ଙ୍କୁ ମନ୍ଦିରରୁ ବାହାରକୁ ଅଣାଯାଇ ବିଧିବଦ୍ଧ ଭାବେ ନୂତନ ମନ୍ଦିର ରେ ପ୍ରବେଶ କରିଥିଲେ। ଏଥି ସହିତ ମନ୍ଦିର ଚୂଡ଼ରେ ପି□ଳ କଳସ ସ୍ଥାପନ ଓ ପତାକା ଉଡାଇଥିଲେ। ଏଥି ସହ ଗ୍ରାମର ମନୋଜ କୁମାର ମହାନ୍ତି,ବେଣୁଧର ଥମ୍ବ ସାହାଯ୍ୟ ସହଯୋଗ କରିଥିଲେ।

## ନବମ ବାର୍ଷିକ ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ

ଦାନଗଦୀ :ତ୍ରିଜଙ୍ଗା ସ୍ଥିତ ଖେଳ ପଡ଼ିଆରେ ଦେଙ୍ଗା ସାଗେନ୍ ୟୁଥ୍ କ୍ଲବ୍ ଆୟୋଜିତ ୯ ମ ବାର୍ଷିକ ଫୁଟବଲ ଟୁର୍ଣ୍ଣାମେ□ ୨୦୨୪ ରେ ଜୁନିଅର ଫୁଟବଲ କ୍ଲବ ଦାନଗଦୀ (ଏ )ଜୁନିଅର ଫୁଟବଲ କ୍ଲବ ତ୍ରିଜଙ୍ଗା (ବି ) ଯଥାକ୍ରମେ ଚମ୍ପିୟାନ ଓ ରନର୍ସ ଅପ୍ ଏବଂ ମୁନ୍ ଲାଇଟ୍ କ୍ଲବ ୩ୟ ଓ ମହାବୀର୍ ଆଣ୍ଡ୍ ମହାବୀର୍ ୪ ର୍ଥ ସ୍ଥାନ ଅଧିକାର କରିଥିଲେ୍ୟ ମୁଖ୍ୟ ଅତିଥି ରୂପେ ମାନ୍ୟବର ମନ୍ତ୍ରୀ ଡ଼. ପ୍ରଦୀପ ବଳ ସାମନ୍ତ ,ସମବାୟ, ହସ୍ତଶିଳ୍ପ , ଓ ବୟନଶିଳ୍ପ ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ରୂପେ ଶ୍ରୀ ବି.ଡି. ବଂଶଲ ଭାଇସ୍ ପ୍ରେସିଡେ□ ସି.ଆର.ଏମ୍ ଜିନ୍ଦଲ ଷ୍ଟେନଲେସ୍ ଲି. ଯୋଗ ଦେଇ ପୁରସ୍କାର ବିତରଣ କରିଥିଲେ୍ୟ ଫାଉ ରେଫରୀ ଆନ୍ଦ୍ରିଆସ୍ କାଣ୍ଡୁଲନା, ପୁର୍ଣ୍ଣ ସୋରେନ୍, ପପୁ ବାସ୍କେ ଓ କାଳିନ୍ଦୀ ମୁର୍ମୁ ମ୍ୟାଚ ପରିଚାଳନା କରିଥିଲେ୍ୟ କ୍ଲବ ସଭାପତି ବୁଦ୍ଧିରାମ୍ କେରାଇ, ସଂପାଦକ ବିରସିଂହ ବଦରା ଙ୍କ ସହ ସମସ୍ତ ସଦସ୍ୟ ସହଯୋଗ ରେ ଚଳିତ ବର୍ଷ ଶାନ୍ତି ଶୃଙ୍ଖଳା ଓ ଆନନ୍ଦ ଉଲ୍ଲାସ ର ସହ ଖେଳ ପ୍ରତିଯୋଗିତା ସମାପ୍ତ ହୋଇଥିଲା

## ଜିଲ୍ଲାପାଳଙ୍କ ଦ୍ୱାରା ଉଦଘାଟିତ ହେଲା ଭୋଟର ସହାୟତା କେନ୍ଦ୍ର



ରାଇରଙ୍ଗପୁର (ମହାଭାରତ): ଆଜି ରାଇରଙ୍ଗପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଭୋଟର ତାଲିକାର ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ -୨୦୨୫ ଅଭିଯାନ କ୍ରମରେ ଭୋଟର ମାନଙ୍କ ପାଇଁ ଏକ ଭୋଟର ସହାୟତା କେନ୍ଦ୍ରକୁ ଜିଲ୍ଲକ୍ଷପାଳ ଶ୍ରୀଯୁକ୍ତ ହେମ କାନ୍ତ ସଏ ଭା. ପ୍ର. ସେ. ଫିତା କାଟି ଶୁଭ ଉଦଘାଟନ କରିଥିଲେ । ଉକ୍ତ କେନ୍ଦ୍ରକୁ ଉଦଘାଟନ କରି ଜିଲ୍ଲାପାଳ କହିଥିଲେ କି ଏହି ସହାୟତା କେନ୍ଦ୍ର ଚଳିତ ନଭେମ୍ବର ମାସ ୨୮ ତାରିଖ ପର୍ଯ୍ୟନ୍ତ ଜନସାଧାରଣ ତଥା ଭୋଟର ମାନଙ୍କ ନିମନ୍ତେ କାର୍ଯ୍ୟ କରିବ ଏବଂ ସହାୟତା କେନ୍ଦ୍ର ମାଧ୍ୟମରେ ନିକଟ ଭବିଷ୍ୟତ ରେ ଯୋଗ୍ୟ ବିବେଚିତ ହେବାକୁ ଯାଉଥିବା ନୂତନ ଭୋଟରମାନେ ସେମାନଙ୍କ ନାମ ଭୋଟର ତାଲିକା ରେ ପଞ୍ଜିକରଣ କରିପାରିବେ । ତତସହିତ ପୂର୍ବରୁ ପଞ୍ଜିକୃତ ହୋଇଥିବା ଭୋଟର ମାନେ ଭୋଟର ତାଲିକା ରେ ସେମାନଙ୍କର ରହିଥିବା ବିଭିନ୍ନ ବ୍ୟକ୍ତିଗତ ତଥ୍ୟର ତ୍ରୁଟି ଗୁଡିକୁ ନିୟୋଜିତ ଥିବା କର୍ମଚାରୀ ମାନଙ୍କ ସହାୟତାରେ ଉଦ୍ଦିଷ୍ଟ ଫର୍ମ ଜରିଆରେ ସଂଶୋଧନ କରାଇ ପାରିବେ ଯଦ୍ଦ୍ୱାରା ଆଗାମୀ ସମୟରେ ପ୍ରକାଶନ ହେବାକୁ ଥିବା ଭୋଟର ତାଲିକାରେ ସମସ୍ତ ଯୋଗ୍ୟ ଭୋଟର ପଞ୍ଜିକୃତ ହେବା ସହ ଏକ ତ୍ରୁଟି ଶୂନ୍ୟ ଭୋଟର ତାଲିକା ପ୍ରସ୍ତୁତ ହୋଇପାରିବ। ତେଣୁ ଏକ ସୁଦୃଢ ଗଣତନ୍ତ୍ର ପ୍ରତିଷ୍ଠା ଉଦେଶ୍ୟରେ ମତଦାନ ପ୍ରକ୍ରିୟା ରେ ସମସ୍ତ ଯୋଗ୍ୟ ବିବେଚିତ ଭୋଟର ସେମାନଙ୍କ ମତଦାନ ଅଧିକାର କୁ ସାବ୍ୟସ୍ତ କରିବା ଲକ୍ଷ୍ୟ ନେଇ ଆଗାମୀ ସମୟରେ ଦେଶରେ ଅନୁଷ୍ଠିତ ହେବାକୁ ଥିବା ନିର୍ବାଚନ ମହାପର୍ବ ରେ ସାମିଲ ହେବା ପାଇଁ ଜନସାଧାରଣ ତଥା ପ୍ରତ୍ୟେକ ଯୋଗ୍ୟ ମତଦାତା ଏହି ସହାୟତା କେନ୍ଦ୍ରର ସୁଯୋଗ ନେବାପାଇଁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ ।ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମ ରେ ଅନ୍ୟମାନଙ୍କ ମଧ୍ୟରେ ରାଇରଙ୍ଗପୁର ଉପଜିଲ୍ଲାପାଳ ଶ୍ରୀ ସୌମ୍ୟରଞ୍ଜନ ପ୍ରଧାନ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଶ୍ରୀ ବରୁଣ ଗୁ□ପଲ୍ଲୀ,ରାଇରଙ୍ଗପୁର ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଦୌଲତ ଚନ୍ଦ୍ରକାର, ରାଇରଙ୍ଗପୁର ପୌରପାଳିକା ର କାର୍ଯ୍ୟନିର୍ବାହୀ ଅଧିକାରିଣୀ ସୁଶ୍ରୀ ଆଶନୀ ଏ ଏଲ ଓ ଉପଖଣ୍ଡ ଆରକ୍ଷୀ ଅଧିକାରୀ ଶ୍ରୀ ଗୋକୁଳା ନନ୍ଦ ସାହୁ ପ୍ରମୁଖଙ୍କ ସମେତ ବିଭିନ୍ନ ବିଭାଗୀୟ ପଦାଧିକାରୀ ଉପସ୍ଥିତ ଥିଲେ।

## ରାଜ୍ୟରେ ପ୍ରଥମ : ସ୍ଥାନୀୟ ମିଥକୁ ନେଇ ଗୋସିଙ୍ଗ ଦୈତ୍ୟ ଦରବାର



ଭବାନୀପାଟଣା, ( ମହାଭାରତ): ଓଡ଼ିଶାର ବିଭିନ୍ନ ସ୍ଥାନରେ କଂସ ଦରବାର, ଜଳନ୍ଧର ଦରବାର, ବିରାଟ ଦରବାର, ଅଶୋକ ଦରବାର ଆଦି ଆୟୋଜନ ହେଉଥିବା ବେଳେ ପ୍ରଥମଥର ପାଇଁ ସ୍ଥାନୀୟ ମିଥ୍ ବା ପୌରାଣିକ ଆଖ୍ୟାନ ଓ ଐତିହାସିକ ତଥ୍ୟକୁ ନେଇ 'ଗୋସିଙ୍ଗ ଦୈତ୍ୟ ଦରବାର' ଆୟୋଜନ ହେବାକୁ ଯାଉଛି। କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ୍ ଅନ୍ତର୍ଗତ ବୁଢ଼ୀପଦର ସ୍ଥିତ ଦେବଗିରି ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଏନେଇ ପ୍ରୟାସ ଆରମ୍ଭ ହୋଇଛିୟ ପ୍ରତ୍ନତା□ିକ ଖନନରୁ ଦେବଗିରି ନିକଟସ୍ଥ ଅସୁରଗଡ଼ରେ ଖ୍ରୀ.ପୂ. ନବମ ଶତାବ୍ଦୀର ଉନ୍ନତ ନଗର ସଭ୍ୟତାର ପ୍ରମାଣ ମିଳିଛି। ଯାହାକି ଓଡ଼ିଶାର ସର୍ବପ୍ରାଚୀନ ନଗର ସଭ୍ୟତା। ଏଥିରେ ଅତ୍ୟାଧୁନିକ ନଗର ନିର୍ମାଣ ଶୈଳୀ ସହ ମୁଦ୍ରାଶାଳା ଥିଲା ବୋଲି ଐତିହାସିକମାନେ ପ୍ରକାଶ କରିଛନ୍ତି। ପୌରାଣିକ ଆଖ୍ୟାନ ତଥା ଲୋକକାହାଣୀ ଅନୁସାରେ ମହିଷାସୁରଙ୍କ ପଣନାତି ଗୋସିଙ୍ଗ ଦୈତ୍ୟ କୁଳାବଳୀପାଟଣା (ଅସୁରଗଡ଼)ର ରାଜା ଥିଲେ ଏବଂ ଜଣେ ପ୍ରଜାବତ୍ସଳ ସୁଶାସକ ଭାବେ ଖ୍ୟାତ ଥିଲେୟ ସାରଳା ମହାଭାରତ ବର୍ଣ୍ଣିତ କନକଗିରି (ଦେବଗିରି) ପାହାଡ଼ ଥିଲା କୁଳାବଳୀପାଟଣାର ପ୍ରତିରକ୍ଷା ଘାଟିୟ ଦେବଗିରି ଗୁମ୍ଫା ମଧ୍ୟରେ ଗୋସିଙ୍ଗ ଦୈତ୍ୟ ଶିବୋପାସନା କରୁଥିଲେ। ଏବେ ମଧ୍ୟ ଉକ୍ତ ଗୁମ୍ଫାରେ ବିଶାଳକାୟ ପିଚ୍ଛ ଚିହ୍ନ ଦୃଶ୍ୟମାନ ହୁଏ, ଯାହାକି କୌଣସି ଅସୁର କିମ୍ବା ଅତିମାନବଙ୍କର ହୋଇପାରେୟ ଏଥିରେ ଥିବା କୁମାରସ୍ୱାମୀ ମୂର୍ତ୍ତି ଓଡ଼ିଶାର ପ୍ରାଚୀନତମ କାର୍ତ୍ତିକେୟ ମୂର୍ତ୍ତିମାନଙ୍କ ମଧ୍ୟରେ ଅନ୍ୟତମୟ ଏହାକୁ ଭିତ୍ତି କରି ପ୍ରତିବର୍ଷ ଦେବଗିରି ସାଂସ୍କୃତିକ ଅନୁଷ୍ଠାନର ବାର୍ଷିକ ଉତ୍ସବ ଅବସରରେ ତିନି ଦିନ ଧରି ଆୟୋଜିତ ହୁଏ ରାଜ୍ୟ ସ୍ତରୀୟ କୁମାରସ୍ୱାମୀ ମହୋତ୍ସବୟ ଗୋସିଙ୍ଗ ଦୈତ୍ୟଙ୍କ ସୁଶାସନର ସ୍ମୃତିକୁ ଉଜ୍ଜୀବିତ କରିବା ପାଇଁ ଏଥର କୁମାରସ୍ୱାମୀ ମହୋତ୍ସବରେ ଆୟୋଜନ କରାଯାଉଛି ଗୋସିଙ୍ଗ ଦୈତ୍ୟ ଦରବାର ।ଏଥିରେ ଗୋସିଙ୍ଗ ଭୂମିକାରେ ଅଭିନୟ କରିବେ ବରିଷ୍ଠ କଳାକାର ତଥା ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ବିଜୟ ଧଙ୍ଗଡ଼ାମାଝୀୟ କଳାହାଣ୍ଡି ତଥା ଓଡ଼ିଶାର ଲୁପ୍ତପ୍ରାୟ ଲୋକଗୀତ, ଲୋକନୃତ୍ୟ, ଲୋକସଂସ୍କୃତିକୁ ଉଜ୍ଜୀବିତ କରିବା ସହ ଏହାର ପ୍ରଚାର ପ୍ରସାର ତଥା ଦେବଗିରିର ପ୍ରାଚୀନ ପରମ୍ପରା, ସାଂସ୍କୃତିକ ବିଭବ ଆଦିକୁ ଲୋକଲୋଚନକୁ ଆଣିବା ଉଦ୍ଦେଶ୍ୟରେ ଏଥିରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଅର୍ଜନ କରି ସମାଜରେ ଉଦାହରଣ ପାଲଟିଥିବା ବ୍ୟକ୍ତିମାନଙ୍କୁ ପକ୍ଷରୁ ସମ୍ମାନିତ କରାଯିବାର କାର୍ଯ୍ୟକ୍ରମ ରହିଛି ବୋଲି ଅନୁଷ୍ଠାନର ସଭାପତି ସଞ୍ଜୟ ଧଙ୍ଗଡ଼ାମାଝୀ ଓ ସାଧାରଣ ସଂପାଦକ ସୁନୀଲ ଧଙ୍ଗଡ଼ାମାଝୀ ପ୍ରକାଶ କରିଛନ୍ତି। ଆସନ୍ତା ନଭେମ୍ବର ୧୩ରୁ ୧୫ ତାରିଖ ଯାଏଁ ୩୨ତମ କୁମାରସ୍ୱାମୀ ମହୋତ୍ସବ ଅବସରରେ ପ୍ରଥମଥର ପାଇଁ 'ଗୋସିଙ୍ଗ ଦୈତ୍ୟ ଦରବାର' ଆୟୋଜନହେଉଥିବାରୁ ସଂସ୍କୃତିପ୍ରେମୀମାନେ ଅନୁଷ୍ଠାନକୁ ସାଧୁବାଦ ଜଣାଇବା ସହ ଲୋକଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ପ୍ରକାଶ ପାଇଛି।

# ବାଂଲାଦେଶକୁ ୬୦% ବିଦ୍ୟୁତ୍ ଯୋଗାଣ କମାଇଲା ଆଦାନୀ ପାୱାର

**ଢାକା,୧୧।୧୧(ଏଜେନ୍ସି):** ଭାରତୀୟ କମ୍ପାନୀ ଆଦାନୀ ପାୱାର ବାଂଲାଦେଶକୁ ବିଦ୍ୟୁତ ଯୋଗାଣରେ ବଡ଼ ଧରଣର ହ୍ରାସ କରିଛି । ବାଂଲାଦେଶର ଗ୍ରିଡ୍ ଅପରେଟର ଏବଂ ଏ ସମ୍ପର୍କରେ ଅବଗତ ଥିବା କେତେକ ସୂତ୍ରରୁ ମିଳିଥିବା ତଥ୍ୟ ଅନୁଯାୟୀ, ଭାରତର ଆଦାନୀ ପାୱାର ପ ଢ଼େ । ଶ 1 ବାଂଲାଦେଶଠାରୁ ୮୦୦ ନିୟୁତ ଡଲାରରୁ ଅଧିକ ବକେୟା ଆଦାୟ କରିବାକୁ ନୋଟିସ ଦେଇଛି । ଏହାର ଅଳ୍ପକିଛି ଭାଗ ବାଂଲାଦେଶ ସରକାର ପୈଠ କରିଥିଲେ ବି




କମ୍ପାନୀ ପ୍ରାୟ ୬୦ ପ୍ରତିଶତ ବିଦ୍ୟୁତ ଯୋଗାଣ ବନ୍ଦ କରିଛି । ଆଦାନୀ ପାୱାର ଭାରତର ଝାଡ଼ଖଣ୍ଡ ରାଜ୍ୟରେ ଥିବା ଏହାର ୧,୬୦୦ ମେଗାୱାଟ (ମେଗାୱାଟ୍) ଗୋଡ୍ଡା ପ୍ଲାଣ୍ଟରୁ ଢାକାକୁ ବିଦ୍ୟୁତ୍ ରପ୍ତାନୀ କରିଥାଏ । ଅଗଷ୍ଟ ପ୍ରାରମ୍ଭରେ ବିଦ୍ୟୁତ ଯୋଗାଣ ୧୪୦୦ରୁ ୧୫୦୦ ମେଗାୱାଟ୍ ଥିବା ବେଳେ ଚଳିତ ମାସରେ ଏହା ୭୦୦-୭୫୦ ମେଗାଓ୍ୱାଟକୁ ହ୍ରାସ ପାଇଛି । ପାୱାର ଗ୍ରିଡ୍ ବାଂଲାଦେଶ ଏବଂ ବାଂଲାଦେଶ ପାୱାର ଡେଭଲପମେଣ୍ଟ ବୋର୍ଡ (ବିପିଡିବି)ର ଜଣେ ଅଧିକାରୀଙ୍କ ତଥ୍ୟ ଅନୁଯାୟୀ, ଗୁରୁବାର ବିଳମ୍ବିତ ରାତିରେ ବିଦ୍ୟୁତ ଯୋଗାଣ ପ୍ରାୟ ୫୨୦ ମେଗାୱାଟକୁ ହ୍ରାସ ପାଇଛିୟବାଂଲାଦେଶର କେୟାରଟେକର ସରକାରରେ ଶକ୍ତି ଓ ଶକ୍ତି ପରାମର୍ଶଦାତା ମହମ୍ମଦ ଫୁଜୁଲ କବୀର ଖାନ କହିଛନ୍ତି, ଆମେ ଧୀରେ ଧୀରେ ବକେୟା ପରିଶୋଧ କରୁଛୁ ଏବଂ ଯଦି କେହି ଯୋଗାଣ ବନ୍ଦ କରନ୍ତି, ତେବେ ଆମେ ବିକଳ୍ପ ପଦକ୍ଷେପ ନେବୁ ।

# ଜନସଂଖ୍ୟା ବୃଦ୍ଧି ପାଇଁ ଅଜବ ମନ୍ତ୍ରଣାଳୟ ଗଠନ କରିବାକୁ ଯୋଜନା କରୁଛନ୍ତି ପୁଟିନ

**ମସ୍କୋ,୧୧।୧୧(ଏଜେନ୍ସି):** ରୁଷିଆ ସରକାର ଏକ ନୂତନ ତଥା ଅଜବ ମନ୍ତ୍ରଣାଳୟ ଗଠନ କରିବାକୁ ଚିନ୍ତା କରୁଛନ୍ତି । ଯାହା ଦ୍ୱାରା ଦେଶର ଲୋକମାନଙ୍କ ମଧ୍ୟରେ ହ୍ରାସ ପାଉଥିବା କାମ ବାସନା ଏବଂ ଜନ୍ମହାର ବୃଦ୍ଧି ହୋଇ ପାରିବ । ରାଷ୍ଟ୍ରପତି ଭ୍ଲାଡିମିର ପୁଟିନଙ୍କ ସରକାର ସେକ୍ସ ମନ୍ତ୍ରଣାଳୟ ଗଠନ ପାଇଁ ଯୋଜନା କରୁଛନ୍ତି । ଦେଶର ବହୁ ସଂଖ୍ୟକ ପୁରୁଷଙ୍କୁ ୟୁକ୍ରେନ ଯୁଦ୍ଧ ପାଇଁ ପଠାଯାଇଛି । ବ୍ରିଟେନ ଗଣମାଧ୍ୟମ ଦାବି କରିଛି ଯେ ୟୁକ୍ରେନ ଯୁଦ୍ଧରେ ୬ଲକ୍ଷ ରୁଷିଆ ସୈନିକ ନିହତ ହୋଇଛନ୍ତି । ଏହି କାରଣରୁ, ରୁଷିଆର ଅଧିକାରୀମାନେ ପ୍ରତିଦିନ ନୂତନ ଅଜବ ଚିନ୍ତାଧାରା ଉପରେ ବିଚାର କରୁଛନ୍ତି ଯାହା ଦ୍ୱାରା ଜନ୍ମ ହାର ବୃଦ୍ଧି ହୋଇପାରିବ ଏବଂ ଅଧିକରୁ ଅଧିକ ସନ୍ତାନ ଜନ୍ମ ପାଇଁ ଲୋକଙ୍କୁ ଉତ୍ସାହିତ କରାଯାଇପାରିବ । ତେବେ ରୁଷିଆ ମହିଳାମାନେ ଏଭଳି ଚିନ୍ତାଧାରାକୁ ଜୋରଦାର୍ ବିରୋଧ କରିଛନ୍ତି । ଏହାପୂର୍ବରୁ, ଅନ୍ୟ ଯୋଜନା ଆସିଥିଲା । ଏହା ଅନ୍ତର୍ଗତ ରାତି ୧୦ଟାରୁ ୨ଟା ମଧ୍ୟରେ ଇଣ୍ଟରନେଟ୍ ଏବଂ ଲାଇଟ୍ ବନ୍ଦ କରାଯିବା ଉଚିତ୍ ଯାହା ଦ୍ୱାରା ଯୁବବର୍ଗମାନେ ଶାରୀରିକ ସମ୍ପର୍କ ସ୍ଥାପନ କରିପାରିବେ ଏବଂ ଅଧିକରୁ ଅଧିକ ସନ୍ତାନ ଜନ୍ମ ହୋଇପାରିବେ । ଅନ୍ୟ ଏକ ଅଜବ ଚିନ୍ତାଧାରା ବୋଲି କୁହାଯାଇଥିଲା । ସରକାରଙ୍କ ଟଙ୍କାରେ ବିବାହରେ ରାତ୍ରି ପାଇଁ ହୋଟେଲ ରୁମ୍ ବୁକ୍ କରାଯିବାକୁ ମଧ୍ୟ ଏହି ଯୋଜନାରେ ଲକ୍ଷ୍ୟ ରଖାଯାଇଛି । ଯାହାଦ୍ୱାରା ଗର୍ଭଧାରଣକୁ ପ୍ରୋତ୍ସାହିତ କରାଯାଇପାରିବ । ମସ୍କୋଭିଚ୍ ମନ୍ତ୍ରଣାଳୟ ଅନୁଯାୟୀ, ବର୍ତ୍ତମାନ ରୁଷିଆର ସେକ୍ସ ମନ୍ତ୍ରଣାଳୟର ଏହି ଯୋଜନା ବିରୋଧରେ ଏକ ପିଟିସନ ଦାଖଲ କରାଯାଇଛି । ଦି ସନ୍ ରିପୋର୍ଟ ଅନୁଯାୟୀ, ଏଭଳି ଅଜବ ଧାରଣା ପଛରେ ଥିବା ବ୍ୟକ୍ତି କିଏ ଏପର୍ଯ୍ୟନ୍ତ ତାଙ୍କ ନାମ ପ୍ରକାଶ ପାଇନାହିଁ । ରୁଷିଆରେ ଦମ୍ପତିମାନଙ୍କୁ ସନ୍ତାନ ଜନ୍ମ କରିବାକୁ ଉତ୍ସାହିତ କରିବା ପାଇଁ ଏକ ନୂତନ ପଦକ୍ଷେପ ନିଆଯାଇଛି । ଖାବାରୋଭସ୍କ ଅଞ୍ଚଳରେ ୧୮ ରୁ ୨୩ ବର୍ଷ ବୟସର ଯୁବତୀମାନଙ୍କୁ ସନ୍ତାନ ଜନ୍ମ କରିବା ପାଇଁ ବିପୁଳ ପରିମାଣର ଅର୍ଥ ଦିଆଯାଉଛି । ପ୍ରଥମ ସନ୍ତାନର ଜନ୍ମ ପାଇଁ ବିପୁଳ ପରିମାଣର ଅର୍ଥ ଦିଆଯାଉଛି । ରୁଷିଆର ଜଣେ ଆଞ୍ଚଳିକ ସ୍ୱାସ୍ଥ୍ୟମନ୍ତ୍ରୀ ଦାବି କରିଛନ୍ତି ଯେ ମହିଳାମାନେ କାର୍ଯ୍ୟ କରିବା ସମୟରେ ଯେମ ସମ୍ପର୍କ ରଖିପାରିବେ ଯାହା ଦ୍ୱାରା ସେମାନେ ଗର୍ଭବତୀ ହୋଇପାରିବେ। ବାସ୍ତବରେ ରୁଷିଆରେ ଜନ୍ମ ହାର ହ୍ରାସ ଯୋଗୁ ସରକାରଙ୍କ ଅବସ୍ଥା ଖରାପ ହେବାରେ ଲାଗିଛି । ତେଣୁ ସରକାର ଚାହୁଁଛନ୍ତି ଯେ ମହିଳାମାନେ ଯଥାସମ୍ଭବ ସନ୍ତାନ ଜନ୍ମ କରନ୍ତୁ । ରୁଷିଆର ରାଷ୍ଟ୍ରପତି ପୁଟିନ ମଧ୍ୟ ମହିଳାମାନଙ୍କୁ ଅଧିକ ସନ୍ତାନ ଜନ୍ମ ପାଇଁ ନିବେଦନ କରିଛନ୍ତି । ୟୁକ୍ରେନ ଯୁଦ୍ଧ ରୁଷିଆର ଜନସଂଖ୍ୟା ସଙ୍କଟକୁ ବୃଦ୍ଧି କରିଥିବା କୁହାଯାଉଛି ।

# ରୁଷ-ୟୁକ୍ରେନ ଯୁଦ୍ଧ ବନ୍ଦ ପାଇଁ ଟ୍ରମ୍ପଙ୍କ ଯୋଜନା ପ୍ରସ୍ତୁତ

**ୱାସିଂଟନ,୧୧।୧୧(ଏଜେନ୍ସି):** ରୁଷ-ୟୁକ୍ରେନ ଯୁଦ୍ଧ ବନ୍ଦ ପାଇଁ ଆମେରିକାର ନବ ନିର୍ବାଚିତ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଶାନ୍ତି ଯୋଜନା ପ୍ରସ୍ତୁତ ରହିଛି ବୋଲି କେତେକ ଗଣମାଧ୍ୟମ ରିପୋର୍ଟ କରିଛନ୍ତି । ଏପରିକି ସେ ୟୁକ୍ରେନର ରାଷ୍ଟ୍ରପତି ଭୋଲୋଦିମିର ଜେଲେନସ୍କିଙ୍କ ସହ କଥା ହୋଇଛନ୍ତି । ସେପଟେ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ବି ଟ୍ରମ୍ପଙ୍କ ସହ ଆଲୋଚନା କରିବାକୁ ଘୋଷଣା କରିସାରିଲେଣି । ଆହୁରି ମଧ୍ୟ ଟ୍ରମ୍ପଙ୍କ ସମର୍ଥକ ଏଲନ ମସ୍କ ମଧ୍ୟ ଏହି ଶାନ୍ତି ଯୋଜନାକୁ ସମର୍ଥନ କରିଛନ୍ତି । ଟ୍ରମ୍ପଙ୍କ ଘନିଷ୍ଠ ଲୋକମାନେ କହିଛନ୍ତି ଯେ ଶତ୍ରୁତାକୁ ରୋକିବା ପାଇଁ ରୁଷିଆ ଏବଂ ୟୁକ୍ରେନ୍ ସେନା ମଧ୍ୟରେ ୮୦୦ ମାଇଲ ବଫର ଜୋନ୍ ଲାଗୁ କରିବାକୁ ୟୁରୋପୀୟ ଏବଂ ବ୍ରିଟିଶ ସୈନ୍ୟମାନଙ୍କୁ ଆହ୍ୱାନ ଦେବା ତାଙ୍କ ଯୋଜନାରେ ଅନ୍ତର୍ଭୁକ୍ତ ହୋଇପାରେ । ଏହାର ଅର୍ଥ ହେଉଛି ରୁଷ୍ ୟୁକ୍ରେନରେ ନିଜର ଅଧିକୃତ ଅଞ୍ଚଳ ବଜାୟ ରଖିବ ଏବଂ କିଭ୍ ୨୦ ବର୍ଷ ପାଇଁ



ନାଟୋରେ ଯୋଗ ଦେବାର ଯୋଜନାକୁ ବିଦାୟ ଦେଇପାରେ । ଋଷକୁ ଖୁସି କରିବା ପାଇଁ କୌଣସି ଶାନ୍ତି ଚୁକ୍ତି ୟୁରୋପ ପାଇଁ 'ଆତ୍ମହତ୍ୟା' ସଦୃଶ ହେବ ବୋଲି ଜେଲେନସ୍କି ଚେତାବନୀ ଦେବା ପରେ ଏହି ତଥ୍ୟ ସାମ୍ନାକୁ ଆସିଛି । ତେବେ ଟ୍ରମ୍ପ୍ ବିଚାର କରୁଥିବା ଅନେକ ଯୋଜନା ମଧ୍ୟରୁ ଏହା ଅନ୍ୟତମ । ଜାନୁଆରିରେ ଦାୟିତ୍ୱ ଗ୍ରହଣ କରିବା ପୂର୍ବରୁ ସେ ରୁଷ୍ ଓ ୟୁକ୍ରେନ୍ ମଧ୍ୟରେ ଶାନ୍ତି ଆଲୋଚନା ଆରମ୍ଭ କରିବେ ବୋଲି କହିଛନ୍ତି ।

### ମହାରାଷ୍ଟ୍ର ବିଧାନସଭା ପାଇଁ ବିଜେପିର ଘୋଷଣା ପତ୍ର

# ମହିଳା, ଚାଷୀ ଓ ଯୁବ ବର୍ଗଙ୍କୁ ଗୁରୁତ୍ୱ

ମୁମ୍ବାଇ,୧୧।୧୧(ଏଜେନ୍ସି): କେନ୍ଦ୍ରଗୃହମନ୍ତ୍ରୀ ଅମିତ ଶାହ ମୁମ୍ବାଇରେ ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ପାଇଁ ବିଜେପିର ଘୋଷଣା ପତ୍ର ଜାରି କରିଛନ୍ତି । ଘୋଷଣା ପତ୍ରରେ ବିଜେପି ମହିଳା, ଯୁବବର୍ଗ ଓ ବରିଷ୍ଠ ନାଗରିକଙ୍କ ଉପରେ ବିଶେଷ ଗୁରୁତ୍ୱ ଦେବା ସହିତ ବିକଶିତ ମହାରାଷ୍ଟ୍ର ନିର୍ମାଣ ପାଇଁ ରାଜ୍ୟକୁ ପ୍ରଯୁକ୍ତିବିଦ୍ୟା, ବିନିର୍ମାଣ ଓ ନବାଚାର କ୍ଷେତ୍ରରେ ବୈଶ୍ୱିକ କେନ୍ଦ୍ର କରିବା ଉପରେ ଗୁରୁତ୍ୱ ଦେଇଛି । ରାଜ୍ୟର ନିମ୍ନ ଆୟବର୍ଗର ଲୋକଙ୍କୁ ପ୍ରତିମାସ ରାସନ ଦେବାର ପ୍ରତିଶ୍ରୁତି ଦେଇଛି ବିଜେପି ।

ମୁମ୍ବାଇରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନଭିସ, କେନ୍ଦ୍ର ମନ୍ତ୍ରୀ ପୀୟୁଷ ଗୋଏଲ, ବିଜେପି ରାଜ୍ୟ ସଭାପତି ଚନ୍ଦ୍ରଶେଖର ବାଭନକୁଲେ, ଆଶିଷ ଶେଲାରଙ୍କ ସହିତ ଅନ୍ୟ ନେତା ଉପସ୍ଥିତ ଥିଲେ । ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଅମିତ ଶାହ କହିଥିଲେ ଯେ, ବିଜେପି ନେତୃତ୍ୱାଧୀନ ଏନଡିଏ




ମେଂଟର ସରକାର ଗଠନ ହେଲେ ଶହେ ଦିନ ଭିତରେ ଘୋଷଣାପତ୍ର ଲାଗୁ କରିବା ଆରମ୍ଭ କରାଯିବ । ଶାହ କହିଛନ୍ତି ଯେ, ଏହି ଘୋଷଣା ପତ୍ରରେ ବୃଦ୍ଧାବସ୍ଥା ପେନସନ ଧାରକଙ୍କୁ ୨୧୦୦ ଟଙ୍କା ଦେବା ପାଇଁ ପ୍ରତିଶ୍ରୁତି ଦିଆଯାଇଛି । ଅଙ୍ଗନୱାଡ଼ି ଓ ଆଶା କାର୍ଯ୍ୟକର୍ତ୍ତାଙ୍କୁ ୧୫ହଜାର ଟଙ୍କା ବେତନ ଓ ବୀମା କଭରେଜ ଦିଆଯିବ, ୨୫ଲକ୍ଷ ନିଯୁକ୍ତି ସୃଷ୍ଟି, ୧୦ଲକ୍ଷ ଛାତ୍ରଙ୍କୁ ୧୦ହଜାର ଟଙ୍କା ପ୍ରତିମ ମାସରେ ଦେବାକୁ ଘୋଷଣା କରାଯାଇଛି । ଏହାସହିତ ମହିଳାଙ୍କ ମଧ୍ୟରେ ଆର୍ଥିକ ସାକ୍ଷରତା ସୃଷ୍ଟି କରିବା ପାଇଁ ୨୧୦୦ ଟଙ୍କା ଦିଆଯିବ ଏବଂ ଟ୍ରେନିଂ ବି ଦିଆଯିବ । ମହିଳା ସୁରକ୍ଷା ପାଇଁ ୨୫ହଜାର ମହିଳାଙ୍କୁ ପୋଲିସ ବଳରେ ସାମିଲ କରାଯିବ।

ମୌସୁମୀ ବେଳେ କ୍ରିଷ୍ଣା, କୋୟାନା ଓ ଅନ୍ୟ ନଦୀ ଗୁଡ଼ିକରେ ଅଧିକ ଜଳ ପ୍ରବାହିତ ହେଉଛି। ଏହି ଜଳକୁ ବିଜେପି କ୍ଷମତାକୁ ଆସିଲେ ପଶ୍ଚିମ ମହାରାଷ୍ଟ୍ରକୁ ପଠାଇବ।

ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସହ ଏକ କୋଟି ପରିବାରକୁ ଯୋଡ଼ାଯିବ। ସେମାନଙ୍କୁ ସ୍ୱତନ୍ତ୍ର ଭାବେ ନିଯୁକ୍ତି ସୁଯୋଗ ମିଳିବ। ମରାଠାୱାଡା ୱାଟର ଗ୍ରିଡ ପ୍ରୋଜେକ୍ଟ ଜରିଆରେ ୧୧ଟି ଡ୍ୟାମ ନିର୍ମାଣ କରାଯିବ। ପୂରା ମରାଠା ୱାଡାକୁ ପାଇପ ଯୋଗେ ପାଣି ଯୋଗାଇ ଦିଆଯିବ।

ଆସନ୍ତା ୫ ବର୍ଷ ମଧ୍ୟରେ କୃଷି କ୍ଷେତ୍ର ପାଇଁ ଆବଶ୍ୟକ ବିଦ୍ୟୁତକୁ ସୂର୍ଯ୍ୟ କିରଣରୁ ତିଆରି କରାଯିବ। ଚାଷୀମାନେ ଦିନ ବେଳା କେମିତି ୧୨ ଘଣ୍ଟା ବିଜୁଳି ପାଇବେ, ତାର ବ୍ୟବସ୍ଥା ହେବ।

ବିଜେପି କ୍ଷମତାକୁ ଆସିଲେ ୫ ବର୍ଷ ମଧ୍ୟରେ କୋଟିଏ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ଭିତ୍ତିଭୂମି ବିକାଶ ପାଇଁ ୫ ଲକ୍ଷ କୋଟି ଟଙ୍କା ନିବେଶ କରାଯିବ। ସଡ଼କ ମରାମତି ଓ ଏହାର ରକ୍ଷଣାବେକ୍ଷଣ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ପ୍ରଚଳନ କରାଯିବ। ସବୁ ଗ୍ରାମ୍ୟ ସଡ଼କ ପଥ ମୁଖ୍ୟମନ୍ତ୍ରୀଙ୍କ ଗ୍ରାମ୍ୟ ସଡ଼କ ଯୋଜନା ଅଧିନରେ ଯୋଡ଼ିହେବେ।

# ଝାଡ଼ଖଣ୍ଡରେ ବିଜେପି ସପକ୍ଷରେ ପ୍ରଚଣ୍ଡ ଝଡ : ପ୍ରଧାନମନ୍ତ୍ରୀ

ବୋକାରୋ,୧୧।୧୧(ଏଜେନ୍ସି): ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନକୁ ଦୃଷ୍ଟିରେ ରଖି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ବୋକାରୋ ଏବଂ ଗୁମଲାରେ ସାଧାରଣ ସଭାକୁ ସମ୍ବୋଧିତ କରିଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି ଯେ, ଝାରଖଣ୍ଡରେ ବିଜେପି ସପକ୍ଷରେ ପ୍ରଚଣ୍ଡ ଝଡ ଚାଲୁଛି । ରୋଟି-ବେଟି-ମାଟିର ଚିତ୍କାର, ଏଥର ବିଜେପି ସରକାର । ସେ କହିଛନ୍ତି ଯେ, ଆମେ ଝାରଖଣ୍ଡ ଗଠନ କରିଛୁ ଏବଂ ଆମେ ହିଁ ଝାରଖଣ୍ଡକୁ ସଜାଡିବୁ । ଝାରଖଣ୍ଡ ଗଠନର ବିରୋଧ କରୁଥିବା ଲୋକେ ରାଜ୍ୟର ବିକାଶ କରିବେନାହିଁ । ରବିବାର ବୋକାରୋର ଚନ୍ଦନକିୟାରୀରେ ବିଜେପିର ବିଜୟ ସଂକଳ୍ପ ସଭାକୁ ସମ୍ବୋଧିତ କରିଛନ୍ତି ପିଏମ ମୋଦି।



ମୋଦି କହିଛନ୍ତି ଯେ, ଗୋଟିଏ ଅଙ୍କ ଦେଉଛି, ଯେଉଁଥିରେ କ୍ଷୀରକୁ କ୍ଷୀର ଓ ପାଣିକୁ ପାଣି ହୋଇଯିବ । ସେ କହିଛନ୍ତି ଯେ, ୨୦୦୪ରୁ ୨୦୧୪ ଯାଏ କେନ୍ଦ୍ରରେ କଂଗ୍ରେସ ସରକାର ଥିଲା । ମ୍ୟାଡାମ ସୋନିଆ ଗାନ୍ଧି ସରକାର ଚଳାଉଥିଲେ ଏବଂ ମନମୋହନ ସିଂହଙ୍କୁ ପ୍ରଧାନମନ୍ତ୍ରୀ ଭାବେ ବସାଯାଇଥିଲା । ସେତେବେଳେ କେନ୍ଦ୍ର ସରକାର ଝାରଖଣ୍ଡକୁ ୧୦ ବର୍ଷରେ ବହୁକଷ୍ଟରେ ୮୦ହଜାର କୋଟି ଟଙ୍କା ଦେଇଥିଲେ । ଏହାପରେ ୧୦ ବର୍ଷ ପରେ ଦିଲ୍ଲୀରେ ସରକାର ବଦଳିଥିଲା । ଆପଣ ସମସ୍ତେ କେନ୍ଦ୍ରରେ ଆପଣଙ୍କ ସେବକ ମୋଦିଙ୍କୁ ସେବା କରିବାର ସୁଯୋଗ ଦେଲେ । ଆମ ଗତ ୧୦ ବର୍ଷରେ ୩,୦୦,୦୦୦ କୋଟି ଟଙ୍କାରୁ ଅଧିକ ଝାରଖଣ୍ଡକୁ ଦେଇଛୁ । ଆମର ସ୍ନେହ ୪ଗୁଣା ଅଧିକ ଅଟେ । କାରଣ ଆମେ ଝାରଖଣ୍ଡ ବନାଇଥିଲୁ । ଆମେ ହିଁ ଏହାକୁ ସଜାଡିବୁ ।

ଧାରା ୩୭୦ ବିଷୟରେ ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ ଜାମ୍ମୁ କାଶ୍ମୀର ବିଧାନସଭାରେ ଧାରା ୩୭୦ ଆଣିବାକୁ କଂଗ୍ରେସ ପୁଣିଥରେ ପ୍ରସ୍ତାବ ଦେଇଛି। ସେମାନେ ଆମର ଯବାନମାନଙ୍କୁ ପୁଣି ଆତଙ୍କର ଅଗ୍ନିରେ ବଳି ଦେବାକୁ ଚାହୁଁଛନ୍ତି। ଏହି ନିର୍ବାଚନ ପରେ ପ୍ରଥମ ଥର ପାଇଁ ଜାମ୍ମୁ କାଶ୍ମୀରର ମୁଖ୍ୟମନ୍ତ୍ରୀ ବାବା ସାହେବଙ୍କ ସମ୍ବିଧାନ ଉପରେ ଶପଥ ନେଇଛନ୍ତି ବାବା ସାହେବଙ୍କ ସମ୍ବିଧାନ କାଶ୍ମୀରରେ ଲାଗୁ ହେଉନଥିଲା।

ଗୁମଲାରେ ଏକ ସାଧାରଣ ସଭାରେ ସମ୍ବୋଧିତ କରିବାବେଳେ ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, ଜେଏମଏମ -କଂଗ୍ରେସର ଆପଣଙ୍କ ଖୁସି ଏବଂ ସୁବିଧା ସହିତ କୌଣସି ସମ୍ପର୍କ ନାହିଁ, ସେମାନେ ସେମାନଙ୍କର ସିନ୍ଧୁକ ଭର୍ତ୍ତି କରିବାରେ ବ୍ୟସ୍ତ ଅଛନ୍ତି । ଝାଡ଼ଖଣ୍ଡରେ ଏମିତି କୌଣସି ପରୀକ୍ଷା ନାହିଁ, ଯାହା ଲିକ୍ ହୋଇନାହିଁ ବିଜେପି ଏବଂ ଏନଡିଏ ସରକାର ସେମାନଙ୍କର ପ୍ରତ୍ୟେକ ଦୁର୍ନୀତିର ହିସାବ କରିବେ।

## ଆଦିବାସୀ ଗୌରବରେ ପଦଯାତ୍ରା କରିବେ କେନ୍ଦ୍ର ମନ୍ତ୍ରୀ ମାଣ୍ଡବୀୟ

ନୂଆଦିଲ୍ଲୀ ୧୧।୧୧(ଏଜେନ୍ସି):କେନ୍ଦ୍ରୀୟ ଯୁବ ବ୍ୟାପାର ଏବଂ କ୍ରୀଡା ତଥା ଶ୍ରମ ଏବଂ ରୋଜଗାର ମନ୍ତ୍ରୀ ଡା.ମନସୁଖ ମାଣ୍ଡବୀୟ ୧୩ ନଭେମ୍ବରକୁ ଛତିଶଗଡର ଜଶପୁରରେ ଆଦିବାସୀ ଗୌରବ ଦିବସ ଅବସରରେ ମୋ ଭାରତ ଯୁବ ସ୍ୱେଚ୍ଛାସେବୀମାନଙ୍କ ସହ ପଦଯାତ୍ରା କରିବେ। ଯୁବା ବ୍ୟାପାର ଏବଂ କ୍ରୀଡା ମନ୍ତ୍ରାଳୟ ଅନୁଯାୟୀ ଏହି କାର୍ଯ୍ୟକ୍ରମରେ ଭଗବାନ ବିର୍ସା ମୁଣ୍ଡାଙ୍କ ଜନ୍ମ ବାର୍ଷିକୀ ପାଳନ କରାଯିବ। ଏଥିସହ ସେମାନଙ୍କର ଐତିହ୍ୟ ଏବଂ ଦେଶର ବିକାଶରେ ଆଦିବାସୀ ସମ୍ପ୍ରଦାୟର ଗୁରୁତ୍ୱପୁର୍ଣ୍ଣ ଅବଦାନକୁ ସମ୍ମାନ ଦିଆଯିବ। ଛତିଶଗଡର ମୁଖ୍ୟମନ୍ତ୍ରୀ ବିଷ୍ଣୁ ଦେବ ସାଇ ସମେତ ଅନ୍ୟ ରାଜ୍ୟ ମନ୍ତ୍ରୀ ମଧ୍ୟ ପଦଯାତ୍ରାରେ ଅଂଶଗ୍ରହଣ କରିବେ।ଏହି ପଦଯାତ୍ରା କୋମୋଡୋ ଗ୍ରାମରୁ ଆରମ୍ଭ ହେବ ଏବଂ ପ୍ରାୟ ୭ କିଲୋମିଟର ଦୁରତା ଦୁରତା ଅତିକ୍ରମ କରି ରଣଜୀତ ଷ୍ଟାଡିୟମରେ ସମାପ୍ତ ହେବ।

# ଆତଙ୍କବାଦୀଙ୍କ ଟାର୍ଗେଟରେ ଜମ୍ମୁ-କାଶ୍ମୀର ଯୁବଗୋଷ୍ଠୀ

ନୂଆଦିଲ୍ଲୀ,୧୧।୧୧(ଏଜେନ୍ସି): ପାକିସ୍ତାନର ବିଭିନ୍ନ ଆତଙ୍କବାଦୀ ସଂଗଠନର ମୁଖ୍ୟ ଅସ୍ତ୍ର ପାଲଟିଛି ସୋଶାଲ ମିଡିଆ। ସବୁଠାରୁ ବଡ଼ କଥା ହେଉଛି, ଜମ୍ମୁ-କଶ୍ମୀରରେ ଆତଙ୍କବାଦର କାୟା ବିସ୍ତାର କରିବା ସହ ଏଠାକାର ଯୁବକଙ୍କୁ ଆତଙ୍କବାଦୀରେ ଭର୍ତ୍ତି କରାଇବା ପାଇଁ ଅହରହ ଉଦ୍ୟମ ଚାଲିଛି। ଗତ ମାସେ ମଧ୍ୟରେ ପାକିସ୍ତାନ ଏବଂ ପାକ୍ ଅଧିକୃତ କଶ୍ମୀରର ଆତଙ୍କବାଦୀମାନଙ୍କ ଦ୍ୱାରା ନିୟନ୍ତ୍ରିତ ସୋଶାଲ ମିଡିଆ ହ୍ୟାଣ୍ଡେଲରେ ଭାରତ ବିରେଧୀ କାର୍ଯ୍ୟକଳାପରେ ଏକ ବଡ଼ ଅଭିବୃଦ୍ଧି ଦେଖିବାକୁ ମିଳିଛି।

ଭାରତୀୟ ସୁରକ୍ଷା ଏଜେନ୍ସିର ସୂଚନା ଅନୁସାରେ ପାକିସ୍ତାନ ଏବଂ ପାକ୍ ଅଧିକୃତ କଶ୍ମୀରର ଆତଙ୍କବାଦୀମାନଙ୍କ ପାଇଁ କାମ



କରୁଥିବା ଏଜେନ୍ସି ସବୁ ଫେସବୁକ, ଏକ୍ସ, ଟେଲିଗ୍ରାମ, ଡାର୍କ ବେ୍ ଭଳି ସୋଶାଲ ମିଡିଆଗୁଡ଼ିକୁ ଅସ୍ତ୍ର କରିଛନ୍ତି ଗତ ଗୋଟିଏ ମାସ ଭିତରେ ପାକିସ୍ତାନର ଆତଙ୍କବାଦୀ ଏଜେନ୍ସି ଏହି ସବୁ ସୋଶାଲ ମିଡିଆରେ ୨୦୦୦ ଭାରତ ବିରୋଧୀ ପୋଷ୍ଟ ଶେୟାର କରିସାରିଲାଣି। ଏହା ପୂର୍ବରୁ ୨୦୨୩ରେ ସେମାନଙ୍କ ଦ୍ୱାରା କେବଳ ୮୯ଟି ଏଭଳି ପୋଷ୍ଟ କରାଯାଇଥିଲା। ଅର୍ଥାତ ଆତଙ୍କବାଦୀମାନେ ଗତବର୍ଷ ତୁଳନାରେ ଏହି ଗୋଟିଏ ମାସରେ ପ୍ରାୟ ୨୨ ଗୁଣା ଅଧିକ ଭାରତ ବିରୋଧୀ ପୋଷ୍ଟ ଶେୟାର କରିଛନ୍ତି।

କେନ୍ଦ୍ରୀୟ ସୁରକ୍ଷା ବିଭାଗର ଜଣେ ଅଧିକାରୀଙ୍କ କହିବା ମୁତାବକ, ଜମ୍ମୁ-କଶ୍ମୀରର ଯୁବପିଢ଼ିଙ୍କୁ ଦେଶ ବିରୋଧୀ କରାଇବା ପାଇଁ ସୋଶାଲ ମିଡିଆକୁ ଏକ ରାସ୍ତା କରାଯାଇଛି। ସ୍ଥାନୀୟ ଯୁବକ ବୁରହାନ ାନି ହିଜବୁଲ ମୁଜାହିଦ୍ଦିନ ଆତଙ୍କବାଦୀ ସଂଗଠନରେ ଯୋଗ ଦେବା ପରେ ସେ ଏକ ଆତଙ୍କୀ ଆଇକନରେ ପରିଣତ ହୋଇଥିଲା। ତେବେ ୨୦୧୬ରେ ସୁରକ୍ଷାକର୍ମୀଙ୍କ ଗୁଳିରେ ସେ ପ୍ରାଣ ହରାଇଥିଲା। ଏହାପରେ ଆତଙ୍କବାଦୀ ସଂଗଠନରେ ଯୋଗ ଦେଉଥିବା ସ୍ଥାନୀୟ କଶ୍ମୀର ଯୁବକଙ୍କ ସଂଖ୍ୟାରେ ହ୍ରାସ ଘଟିଛି।

୨୦୨୨ରେ ୧୧୩ ଜଣ ଜମ୍ମୁ-କଶ୍ମୀର ଯୁବକ ଆତଙ୍କବାଦୀ ସଙ୍ଗଠନ ସହ ମିଶିଥିବାବେଳେ ୨୦୨୩ରେ ଏହି ସଂଖ୍ୟା କେବଳ ୨୨କୁ ଖସି ଆସିଥିଲା। ସେହିଭଳି ଚଳିତ ବର୍ଷ ନଭେମ୍ବର ମାସ ପର୍ଯ୍ୟନ୍ତ କେବଳ ୪ ଜଣ ସ୍ଥାନୀୟ ଯୁବକ ଆତଙ୍କୀ ସଂଗଠନରେ ମିଶିଛନ୍ତି ।ଜମ୍ମୁ-କଶ୍ମୀର କେନ୍ଦ୍ରଶାସିତ ଅଞ୍ଚଳରେ ବର୍ତ୍ତମାନ ସମୟରେ ୩୦ ସ୍ଥାନୀୟ ଆତଙ୍କବାଦୀ ସକ୍ରିୟ ଥିବାବେଳେ ୭୫-୮୦ ବିଦେଶୀ ଆତଙ୍କବାଦୀ ରହିଛନ୍ତି। ଗତ କିଛି ସପ୍ତାହ ହେବ ଘାଟିରେ ଆତଙ୍କବାଦୀଙ୍କ ଗତିବିଧି ବଢ଼ିଯାଇଛି। ସେମାନଙ୍କୁ ଖୋଜି ବାହାର କରିବା ପାଇଁ ସ୍ଥାନୀୟ ପୁଲିସ ଓ ସେନା ଅଧିକାରୀଙ୍କ ମିଳିତ ଅପରେସନ୍ ଜାରି ରହିଛି।

## ଆଜିଠୁ ଗ୍ଲୋବାଲ ସାଉଥର ମାନବାଧିକାର ଆୟୋଗ କାର୍ଯ୍ୟକ୍ରମ

ନୂଆଦିଲ୍ଲୀ ,୧୧।୧୧(ଏଜେନ୍ସି): ରାଷ୍ଟ୍ରୀୟ ମାନବାଧିକାର ଆୟୋଗ ଦିବସ (ଏନଏଚଆରସୀ)ବିଦେଶ ମନ୍ତ୍ରାଳୟ ସହଯୋଗରେ ରାଷ୍ଟ୍ରୀୟ ମାନବାଧିକାର ପ୍ରତିଷ୍ଠାନ (ଏନଏଚଆରଆଇ)ର ବରିଷ୍ଠ ଅଧିକାରୀଙ୍କ ପାଇଁ ୧୧ ରୁ ୧୬ ନଭେମ୍ବର ପର୍ଯ୍ୟନ୍ତ ଛଅ ଦିନିଆ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଭାରତୀୟ ବୈଷୟିକ ଏବଂ ଅର୍ଥନୈତିକ ସହଯୋଗ (ଆଇଟୀଇସୀ) କାର୍ଯ୍ୟନିର୍ବାହୀ ଦକ୍ଷତା ବିକାଶ କାର୍ଯ୍ୟକ୍ରମରେ ମାଲଦୀୱ, ମଙ୍ଗୋଲିୟା, ମ୍ୟାମାର, ନେପାଳ, ଫିଲିଫିନ୍ସ, ଶ୍ରୀଲଙ୍କା ,ଥାଇଲାଣ୍ଡ ଏବଂ ଜାର୍ଡନ ସମେତଆଠଟି ଦେଶର ମାନବାଧିକାର ଆୟୋଗର ଅଂଶଗ୍ରହଣକାରୀ ଯୋଗଦେବେ।

# ଭାନ୍ଜୁ ଭାରତର ଅଗ୍ରଣୀ ମ୍ୟାଥ୍ ପ୍ଲାଟଫର୍ମକୁ ବିଶ୍ୱବ୍ୟାପୀ ସମ୍ପ୍ରସାରିତ କରିବାକୁ ୧୬.୫ ନିୟୁତ ଡଲାର ସିରିଜ 'ବି' ଫଣ୍ଡିଂରେ ହାସଲ କଲା

**ଭୁବନେଶ୍ୱର,୧୧।୧୧ (ମହାଭାରତ):** ବିଶ୍ୱର ଦ୍ରୁତତମ ମାନବ କାଲକୁଲେଟର ନୀଳକଣ୍ଠ ଭାନୁଙ୍କ ଦ୍ୱାରା ସ୍ଥାପିତ ଏକ ବିଶ୍ୱସ୍ତରୀୟ ମ୍ୟାଥ୍-ଲର୍ଣ୍ଣିଂ (ଗଣିତ ଶିକ୍ଷା) ଏଡଟେକ୍ ଷ୍ଟାର୍ଟଅପ୍ ଭାନ୍ଜୁ ଏପିକ୍ କ୍ୟାପିଟାଲ ସହ ଜେଡ୩ ଭେଞ୍ଚରସ୍, ଏଇଟ୍ ରୋଡସ୍ ଏବଂ ଲାଇଟସ୍ପିଡ ଭେଞ୍ଚରସ୍‌ର ନିରନ୍ତର ସମର୍ଥନ ବଳରେ ସିରିଜ 'ବି' ଫଣ୍ଡିଂରେ ୧୬.୫ ନିୟୁତ ଡଲାର ସଂଗ୍ରହ କରିଛି। ଏହି ପୁଞ୍ଜିନିବେଶ ଭାନ୍ଜୁକୁ ଆଗାମୀ ପାଞ୍ଚବର୍ଷ ମଧ୍ୟରେ ୧୦୦ ନିୟୁତ ଛାତ୍ର ଛାତ୍ରୀଙ୍କ ନିକଟରେ ପହଞ୍ଚିବା, ସମଗ୍ର ଭାରତ, ଆମେରିକା, ବ୍ରିଟେନ ଏବଂ ମଧ୍ୟପ୍ରାଚ୍ୟରେ ଗଣିତ ପ୍ରତି ରହିଥିବା ଭଲପାଇବାକୁ ସମ୍ପ୍ରସାରିତ କରିବାକୁ ଯାଉଛି। ଭାନ୍ଜୁ ତାହାର ପୁର୍ବ ପର୍ଯ୍ୟାୟ ଫଣ୍ଡିଂ ପରଠାରୁ ୮ଗୁଣ ଅଭିବୃଦ୍ଧି ସହିତ ବେଶ୍ ପ୍ରଭାବୀ ସଫଳତା ହାସଲ କରିଛି। ଏହି ଅଭିବୃଦ୍ଧି ଉଭୟ ପିତା ମାତା ଏବଂ ଛାତ୍ର ଛାତ୍ରୀଙ୍କର ଆସ୍ଥା ଓ ବିଶ୍ୱାସ ଦ୍ୱାରା ପରିଚାଳିତ ହେଉଛି, ଯାହା ପୁନଃସବ୍‌ସ୍କ୍ରିପସନରେ ୫ଗୁଣ ବୃଦ୍ଧି ଦ୍ୱାରା ପ୍ରତିଫଳିତ ହେଉଛି।

ଭାନ୍ଜୁ ପାଠ୍ୟକ୍ରମଗୁଡିକ ଗଣିତକୁ ବାସ୍ତବ-ଜୀବନ ପରିସ୍ଥିତିଗୁଡିକ ସହିତ ସଂଯୁକ୍ତ କରି ଆନ୍ତଃକ୍ରିୟାଶୀଳ ଏବଂ ଯୋଡିବାଯୋଗ୍ୟ କରୁଛି ଏବଂ ଛାତ୍ର ଛାତ୍ରୀଙ୍କ ପାଇଁ ଗଣିତକୁ ଉଭୟ ଶିକ୍ଷା ଆହରଣ ଏବଂ ଦୈନନ୍ଦିନ ସମସ୍ୟା ସମାଧାନ କରିବାରେ ଏକ ଉପଯୋଗୀ କୌଶଳ କରି ଗଢିତୋଳିବାରେ ସହାୟତା କରୁଛି। କୃତ୍ରିମ ବୁଦ୍ଧିମତାକୁ ବ୍ୟବହାର କରି ଭାନ୍ଜୁ ପ୍ରତ୍ୟେକ ଛାତ୍ର ଛାତ୍ରୀଙ୍କର ଗତିଶୀଳତା ଏବଂ ଆବଶ୍ୟକତା ଅନୁଯାୟୀ ସ୍ୱତନ୍ତ୍ର ଭାବରେ ଅଧ୍ୟାୟଗୁଡିକ ପ୍ରସ୍ତୁତ କରୁଛି ଏବଂ ଶିକ୍ଷା ଆହରଣକୁ ଅଧିକ ସହଜ ଓ ଉପଭୋଗ୍ୟ କରୁଛି। ଏହି ଆପଣାଇବା ଭଳି ଆଭିମୁଖ୍ୟ ଛାତ୍ରଛାତ୍ରୀଙ୍କୁ ନିୟୋଜିତ କରି ରଖିବା ସହିତ ସେମାନଙ୍କର ବିଶ୍ୱାସଭାବ ନିର୍ମାଣ କରୁଛି ଏବଂ ସେମାନଙ୍କୁ ବିଭିନ୍ନ




ପରୀକ୍ଷା ତଥା ବାସ୍ତବ ଦୁନିଆଁ ଚାଲେଞ୍ଜଗୁଡିକ ନିମନ୍ତେ ପ୍ରସ୍ତୁତ କରୁଛି। ଏହି ନୂତନ ପାଣ୍ଠି ବ୍ୟବସ୍ଥା ସହିତ ଭାନ୍ଜୁ ଗଣିତ ଶିକ୍ଷାରେ ଏକ ବୈଶ୍ୱିକ ଅଗ୍ରଣୀ ସଂସ୍ଥା ହେବାକୁ ଯାଉଛି, ଯାହା ଏକ ଆସ୍ଥାବାନ ଗଣିତ ଶିକ୍ଷାର୍ଥୀଙ୍କର ପିଢିକୁ ପ୍ରେରଣା ଦେଉଛି।

ଭାନ୍ଜୁର ପ୍ରତିଷ୍ଠାତା ଏବଂ ସିଇଓ ନୀଳକଣ୍ଠ ଭାନୁ, ୨୦୨୦ ମାଇଣ୍ଡ ସ୍ପୋର୍ଟସ ଅଲିମ୍ପିକ୍ସରେ ଲଣ୍ଡନଠାରେ ମେଣ୍ଟାଲ କାଲକୁଲେସନରେ ପ୍ରଥମ ଭାରତୀୟ ଭାବରେ ସ୍ୱର୍ଣ୍ଣ ପଦକ ବିଜେତା ଭାବରେ ଖ୍ୟାତିଲାଭ କରିଛନ୍ତି, ଯେଉଁ ସଫଳତା ପାଇଁ ତାଙ୍କୁ ଭାରତର ରାଷ୍ଟ୍ରପତି ମଧ୍ୟ ସମ୍ମାନିତ କରିଛନ୍ତି। ଗଣିତ ପ୍ରତି ନିଜର ଆଗ୍ରହ ଦ୍ୱାରା ପରିଚାଳିତ ହୋଇ ଭାନୁ ଗଣିତକୁ ଯୁବ ଶିକ୍ଷାର୍ଥୀଙ୍କ ନିମନ୍ତେ ଉପଭୋଗ୍ୟ, ସୁଲଭ୍ୟ ଏବଂ ସହଜରେ ଯୋଡିବା ଭଳି କରିବା ନିମନ୍ତେ ଏକ ଅଭିଯାନ ହାତକୁ ନେଇଛନ୍ତି। କୋଭିଡ-୧୯ ତାଲାବନ୍ଦ ସମୟରେ ଭାନ୍ଜୁର ନବୋନ୍ମେଷୀ ଏବଂ ନିୟୋଜନକାରୀ ଆଭିମୁଖ୍ୟ ହଜାର ହଜାର ଛାତ୍ର ଛାତ୍ରୀଙ୍କୁ ଅତ୍ୟାବଶ୍ୟକ ସମର୍ଥନ ଯୋଗାଇ ଦେଇଥିଲା, ସେମାନଙ୍କୁ ଘରେ ଥାଇ ଗଣିତ ଶିକ୍ଷା ସହିତ ସଂଯୁକ୍ତ ରହିବାକୁ ସୁଯୋଗ ଦେଇଥିଲା।

ଭାନ୍ଜୁର ପ୍ରତିଷ୍ଠାତା ଓ ସିଇଓ ନୀଳକଣ୍ଠ ଭାନୁ କହିଛନ୍ତି, "ପିଲାମାନେ ଯେଉଁଭଳି ଭାବରେ ଗଣିତ ଶିକ୍ଷାଲାଭ କରୁଛନ୍ତି, ସେଥିରେ ରୂପାନ୍ତରଣ ଆଣିବାରେ ଏହି ପାଣ୍ଠି ସଂଗ୍ରହ ଏକ ବୃହତ୍ ମାଇଲଖୁଣ୍ଟ ହେବାକୁ ଯାଉଛି। ଭାରତରେ ଏଥିପ୍ରତି ସକାରାତ୍ମକ ପ୍ରତିକ୍ରିୟା ଅତ୍ୟନ୍ତ ସ୍ୱାଗତଯୋଗ୍ୟ ହୋଇଛି, ଏବଂ ଆମେ ଆମର ନିୟୋଜନତାକୁ ପ୍ରତ୍ୟକ୍ଷ ଭାବରେ ଆମେରିକା, ବ୍ରିଟେନ, ମଧ୍ୟପ୍ରାଚ୍ୟ ଓ ଅନ୍ୟ ରାଷ୍ଟ୍ରଗୁଡିକୁ ସମ୍ପ୍ରସାରିତ କରିବା ନେଇ ଉଲ୍ଲସିତ ଅଛୁ। ପିତାମାତା ଓ ପିଲାମାନେ ଆମର ପ୍ଲାଟଫର୍ମକୁ ଗଣିତରେ ବାସ୍ତବ ଆସ୍ଥାଭାବ ନିର୍ମାଣ କରିବା ନିମନ୍ତେ ମୂଲ୍ୟବାନ ବିବେଚନା କରୁଛନ୍ତି। ଏହି ସମର୍ଥନ ବଳରେ ଆମେ ଅଧିକ ସମ୍ପ୍ରସାରଣ, ଆମ ପ୍ଲାଟଫର୍ମକୁ ଅଧିକ ମାର୍ଜିତ କରିବା ଏବଂ ଭାରତରେ ନିର୍ମିତ ଏକ ବୈଶ୍ୱିକ ଗଣିତ ଶିକ୍ଷା ଅନୁଭୂତିକୁ ସାରା ବିଶ୍ୱ ପାଇଁ ନିର୍ମାଣ କରିବାକୁ ଆଗ୍ରହୀ ଅଛୁ।"

# ଅଷ୍ଟ୍ରେଲିଆକୁ ଚ୍ୟାଲେଞ୍ଜ ଦେଲେ ଗମ୍ଭୀର

ନୂଆଦିଲ୍ଲୀ, ୧୧।୧୧ (ମହାଭାରତ): ବର୍ଡର-ଗାଭାସ୍କର ଟେଷ୍ଟ ସିରିଜ ପୂର୍ବରୁ ଅଷ୍ଟ୍ରେଲିଆକୁ ଖୋଲା ଚ୍ୟାଲେଞ୍ଜ ଦେଇଛନ୍ତି ଟିମ ଇଣ୍ଡିଆର ମୁଖ୍ୟ କୋଚ୍ ଗୌତମ ଗମ୍ଭୀର। ନଭେମ୍ବର ୨୨ରୁ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ୫ ଟିକିଆ ଟେଷ୍ଟ ସିରିଜ ଆରମ୍ଭ ହେବ। ଏଥିପାଇଁ କିଛି ଖେଳାଳି ରବିବାରଠାରୁ ଅଷ୍ଟ୍ରେଲିଆ ଯାଇଥିବା ବେଳେ ଆଜି ଗମ୍ଭୀର ଓ ଅନ୍ୟମାନେ ଉଡ଼ାଣ ଭରିବେ। ଏହାପୂର୍ବରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଗମ୍ଭୀର ସିଧାସଳଖ ପିଚ୍‌କୁ ନେଇ ଅଷ୍ଟ୍ରେଲିଆକୁ ଚ୍ୟାଲେଞ୍ଜ ଦେଇଛନ୍ତି ଅଷ୍ଟ୍ରେଲିଆ। ତା ନିଜ ଇଚ୍ଛାରେ ପିଚ୍ ପ୍ରସ୍ତୁତ କରୁ ଭାରତୀୟ ଖେଳାଳିମାନେ ବେଶ ଭଲ ଭାବେ ସବୁ ପ୍ରକାରର ୱିକେଟକୁ କାଉଣ୍ଟର କରିବାର କଳା ଶିଖିଛନ୍ତି ବୋଲି ଗମ୍ଭୀର କହିଛନ୍ତି। ଗମ୍ଭୀର କହିଛନ୍ତି, ଅଷ୍ଟ୍ରେଲିଆ ପକ୍ଷରୁ ପ୍ରସ୍ତୁତ ହେବାକୁ ଥିବା ପିଚକୁ ମୁକାବିଲା କରିବା ପାଇଁ ଭାରତୀୟ ଖେଳାଳି ନିଜକୁ ପ୍ରସ୍ତୁତ କରିଛନ୍ତି। ଅମେ ୱିକେଟକୁ ନିୟନ୍ତ୍ରଣ କରିପାରିବୁ ନାହିଁ ଆମେ ସବୁ ପ୍ରକାରର ୱିକେଟ ପାଇଁ ପ୍ରସ୍ତୁତ। ସେମାନେ ନିଜ ଇଚ୍ଛାରେ ଆମକୁ କଣ ଦେବାକୁ ଚାହୁଁଛନ୍ତି, ତାର ନିଷ୍ପତ୍ତି ନେବେ ଆମେ ସବୁ ପ୍ରକାରର ପରିବେଶକୁ ମୁକାବିଲା କରିବା ପାଇଁ ମାନସିକସ୍ତରରେ ପ୍ରସ୍ତୁତ ହୋଇ ରହିଛୁ। ଯଦି ଆମେ ଆମ ଦକ୍ଷତାର ସହ କ୍ରିକେଟ ଖେଳିବୁ, ତାହେଲେ ସେମାନଙ୍କୁ ହରାଇ ପାରିବୁ।

ଭାରତୀୟ ଟିମର ଖେଳାଳିମାନେ ପ୍ରଥମ ଟେଷ୍ଟର ପ୍ରାୟ ୧୦ ଦିନ ପୂର୍ବରୁ ଅଷ୍ଟ୍ରେଲିଆରେ ପହଞ୍ଚିବେ। ଏହି ସମୟରେ ପର୍ଥର ପରିବେଶ ଓ ପିଚ ସହ ଖେଳାଳିମାନେ ନିଜକୁ ଖାପଖୁଆଇ ପାରିବେ। ଭାରତୀୟ ଟିମ ନିକଟରେ ଘରୋଇ ମାଟିରେ ନ୍ୟୁଜିଲ୍ୟାଣ୍ଡ ଠାରୁ ୦-୩ରେ ହାରିଥିଲା। ଏହାକୁ ନେଇ କୋଚ ଗମ୍ଭୀର ଓ ଖେଳାଳିମାନେ ଅତିରିକ୍ତ ଚାପରେ ରହିଛନ୍ତି।

ଗମ୍ଭୀର କହିଛନ୍ତି, ଯଦି ୧୦ ଦିନ ମଧ୍ୟରେ ଆମେ ଭଲ ଭାବେ ପ୍ରସ୍ତୁତି କରିବୁ ତାହେଲେ ନିଶ୍ଚିତ ଭାବେ ଭଲ ପ୍ରଦର୍ଶନ କରିପାରିବୁ ଅଷ୍ଟ୍ରେଲିଆରେ ଏକାଧିକ ଥର ଖେଳିଥିବା ଅଭିଜ୍ଞ ଖେଳାଳିମାନେ ଆମ ସହ ରହିଛନ୍ତି। ତେଣୁ ସେମାନଙ୍କ ଅଭିଜ୍ଞତା ଆମକୁ ଫାଇଦା ଦେବ ଯୁବ ଖେଳାଳିମାନେ ମଧ୍ୟ ଏଥିରୁ ଲାଭ ପାଇପାରିବେ।

ଯଦି ରୋହିତ ପର୍ଥ ଟେଷ୍ଟରେ ଉପଲବ୍ଧ ନ ହେବେ, ତାହେଲେ ଯଶପ୍ରୀତ ବୁମରା ଭାରତୀୟ ଟିମର ନେତୃତ୍ୱ ନେବେ। ଭାରତୀୟ ଟିମର ମୁଖ୍ୟ କୋଚ୍ ଗୌତମ ଗମ୍ଭୀର ଆଜି ଏକଥାକୁ ନିଶ୍ଚିତ କରିଛନ୍ତି। ବୁମରା ହେଉଛନ୍ତି ଭାରତୀୟ ଟେଷ୍ଟ ଟିମର ଉପ ଅଧିନାୟକ। ଯଦି ରୋହିତ ଉପଲବ୍ଧ ନ ହେବେ, ତାହେଲେ ବୁମରା ପର୍ଥରେ ଭାରତୀୟ ଟିମର ନେତୃତ୍ୱ ନେବେ। ରୋହିତଙ୍କ ବିକଳ୍ପ ପାଇଁ ମ୍ୟାନେଜମେଣ୍ଟ ବ୍ୟାକଅପ ପ୍ଲାନ ପ୍ରସ୍ତୁତ କରି ରଖିଛି। ଗମ୍ଭୀର ମଧ୍ୟ ଏକଥାକୁ ଦୋହରାଇଛନ୍ତି ରୋହିତ ଉପଲବ୍ଧ ନ ହେଲେ ଅଭିମନ୍ୟୁ ଇଶ୍ୱରନ କିମ୍ବା କେଏଲ ରାହୁଲ ଅଷ୍ଟ୍ରେଲିଆରେ ଭାରତ ପାଇଁ ଯଶସ୍ୱୀ ଜୈସ୍ୱାଲଙ୍କ ସହ ଇନିଂସ ଆରମ୍ଭ କରିବେ। ଗମ୍ଭୀର କହିଛନ୍ତି, ଆମ ପାଖରେ ଅଭିମନ୍ୟୁ ଇଶ୍ୱରନ ଓ କେଏଲ ରାହୁଲଙ୍କ ଭଳି ଖେଳାଳି ସ୍କାଡରେ ରହିଛନ୍ତି ତେଣୁ ଆମେ ଶ୍ରେଷ୍ଠ ଏକାଦଶ ଚୟନ କରିବୁ ପ୍ରଥମ ଟେଷ୍ଟ ପୂର୍ବରୁ ଏହା ଉପରେ ନିଷ୍ପତ୍ତି ହେବ।



## ମହାରାଷ୍ଟ୍ର ମ୍ୟାଚ୍ ପାଇଁ ଓଡ଼ିଶା ରଣଜୀ ଦଳ ଘୋଷିତ

କଟକ, ୧୧।୧୧ (ମହାଭାରତ): ନଭେମ୍ବର ୧୩ରୁ ୧୬ତାରିଖ ପର୍ଯ୍ୟନ୍ତ ବାରବାଟୀ ଷ୍ଟାଡିୟମ୍ ଖେଳାଯିବାକୁ ଥିବା ମହାରାଷ୍ଟ୍ର ବିପକ୍ଷ ରଣଜୀ ଟ୍ରଫି ମ୍ୟାଚ୍ ପାଇଁ ଓଡ଼ିଶା ଦଳ ଘୋଷିତ ହୋଇଛି। ଅଲ୍‌ରାଉଣ୍ଡର ଗୋବିନ୍ଦ ପୋଦାରଙ୍କ ନେତୃତ୍ୱାଧୀନ ଏହି ଦଳରେ ଅଲ୍‌ରାଉଣ୍ଡର ବିପ୍ଳବ ସାମନ୍ତରାୟ ଓ ଓପନର୍ ଅନୁରାଗ ଷଡ଼ଙ୍ଗୀଙ୍କୁ ସ୍ଥାନ ମିଳିନି । ବିପ୍ଳବଙ୍କୁ ଆଘାତଜନିତ କାରଣରୁ ବାଦ୍ ଦିଆଯାଇଛି ବୋଲି ଓସିଏ ଚୟନ କମିଟି କହିଛି। ଡାହାଣହାତୀ ଦ୍ରୁତ ବୋଲର ତାପସ ଦାସଙ୍କୁ ସାମିଲ କରାଯାଇଛି। ଗତ ରଣଜୀ ଋତୁରେ ତାପସ ଓଡ଼ିଶା ଦଳରେ ସ୍ଥାନ ପାଇଥିଲେ ମଧ୍ୟ ମ୍ୟାଚ୍ ଖେଳିନଥିଲେ। ମହାରାଷ୍ଟ୍ର ବିପକ୍ଷ ମ୍ୟାଚ୍‌ରେ ତାପସଙ୍କ ଖେଳିବା ସମ୍ଭାବନା ରହିଛି। ସୁଯୋଗ ମିଳିଲେ ପ୍ରଥମଶ୍ରେଣୀ କ୍ରିକେଟ୍‌ରେ ତାପସ ପଦାର୍ପଣ କରିବେ। ଚଳିତ ଋତୁରେ ଦୁଇଟି ମ୍ୟାଚ୍ ପରାଜୟ ଓ ଗୋଟିଏ ଡ୍ର ପାଇଥିବା ଓଡ଼ିଶା ମୋଟ ୪ ମ୍ୟାଚ୍‌ରୁ ମାତ୍ର ୪ ପଏଣ୍ଟ ପାଇ ସପ୍ତମ ସ୍ଥାନରେ ରହିଛି।

**ବିପ୍ଳବ, ଅନୁରାଗ ବାଦ୍: ତାପସ ସାମିଲ**

ଓଡ଼ିଶା ଦଳ: ଗୋବିନ୍ଦ ପୋଦାର (ଅଧିନାୟକ), ଶାନ୍ତନୁ ମିଶ୍ର, ସନ୍ଦୀପ ପଟ୍ଟନାୟକ, କାର୍ତ୍ତିକ ବିଶ୍ୱାଳ, ସ୍ୱସ୍ତିକ ସାମଲ, ରାଜେଶ ଧୂପର (ୱିକେଟ୍‌ରକ୍ଷକ), ଆଶୀର୍ବାଦ ସ୍ୱାଇଁ (ୱିକେଟ୍‌ରକ୍ଷକ), ଅନୀଲ ପରିଡ଼ା, ସୂର୍ଯ୍ୟକାନ୍ତ ପ୍ରଧାନ, ସୁନୀଲ କୁମାର ରାଉଳ, ରାଜେଶ ମହାନ୍ତି, ଦେବବ୍ରତ ପ୍ରଧାନ, ତରଣୀ ସ, ହର୍ଷିତ ରାଥୋଡ଼, ସୁମିତ ଶର୍ମା, ତାପସ ଦାସ ସୁରେନ୍ଦ୍ର ଭାବେ (ମୁଖ୍ୟ ପ୍ରଶିକ୍ଷକ), ଅବକାଶ ଖଟୁଆ (ସହକାରୀ ପ୍ରଶିକ୍ଷକ), ସଂଗ୍ରାମ ଗୁମାନସିଂହ, ସୁଶାନ୍ତ ମହାନ୍ତି (ପ୍ରବନ୍ଧକ), ରେନି ଚଟାର୍ଜୀ (ଫିଜିଓ), ପ୍ରତ୍ୟୁଷ ଅଗ୍ରୱାଲ (ପ୍ରଶିକ୍ଷକ), ସାରଦା ବିଶ୍ୱାଳ (ଭିଡିଓ ସମୀକ୍ଷକ)।

## ଭାରତ ନିଷ୍ପତ୍ତିରେ ପାକ୍ କ୍ରିକେଟର ନିରାଶ



ଇସଲାମାବାଦ୍, ୧୧।୧୧ (ମହାଭାରତ): ଚମ୍ପିଅନ୍ସ ଟ୍ରଫି ସମ୍ପର୍କରେ ବିସିସିଆଇ ନିଜର ଆଭିମୁଖ୍ୟ ସ୍ପଷ୍ଟ କରିଛି ବିସିସିଆଇ। ଆଇସିସିକୁ କହିଛି ଯେ, ଟିମ ଇଣ୍ଡିଆ। କୌଣସି ପରିସ୍ଥିତିରେ ପାକିସ୍ତାନ ଯିବ ନାହିଁ।ଏଥିପାଇଁ ଭାରତୀୟ ବୋର୍ଡ ସୁରକ୍ଷା କାରଣ ଦର୍ଶାଇଛି। ଭାରତ ପାକିସ୍ତାନ ଯିବାକୁ ମନା କରିବା ପରେ ପିସିବିରେ ହଲଚଲ ଦେଖାଦେଇଛି।

ରିପୋର୍ଟ ଅନୁଯାୟୀ, ଭାରତ ପାକିସ୍ତାନ ଗସ୍ତ କରିବାକୁ ମନା କରିବା ପରେ ପିସିବି ଚେୟାରମ୍ୟାନ ମୋହସିନ ନକଭି ବରିଷ୍ଠ ସରକାରୀ ଅଧିକାରୀଙ୍କ ସହ ଆଲୋଚନା କରି ଭବିଷ୍ୟତର କାର୍ଯ୍ୟକଳାପ ବିଷୟରେ ଆଲୋଚନା କରିଛନ୍ତି। ମୋହସିନ ନକଭି ମଧ୍ୟ କେନ୍ଦ୍ର ଆଭ୍ୟନ୍ତରୀଣ ମନ୍ତ୍ରୀ ଅଟନ୍ତି ହାଇବ୍ରିଡ ମଡେଲରେ ଚମ୍ପିଅନ୍ସ ଟ୍ରଫି କରିବାକୁ ପିସିବି ମୁଖ୍ୟ ମନା କରିସାରିଛନ୍ତି।

ଭାରତ ପାକିସ୍ତାନ ଆସିବାକୁ ମନା କରିଦେଇଥିବାରୁ ପିସିବି ଅଧିକାରୀ ନିରାଶ କରିଛନ୍ତି। ସେ କହିଛନ୍ତି, ଏହା ଗ୍ରହଣୀୟ ନୁହେଁ, କାରଣ ଭାରତ ନିଜ ଦଳକୁ ପୁନର୍ବାର ପାକିସ୍ତାନ ପଠାଇବାକୁ ମନା କରିବାର କୌଣସି ଯୁକ୍ତିଯୁକ୍ତ କାରଣ ନାହିଁ। କାର୍ଯ୍ୟକ୍ରମର ପ୍ରସ୍ତୁତି କାର୍ଯ୍ୟସୂଚୀ ଅନୁଯାୟୀ ଚାଲିଛି ଏବଂ ଆମେ ଭାରତ ସମେତ ସମସ୍ତ ଦଳ ବିଷୟରେ ଆଇସିସିକୁ ଜଣାଇ ସାରିଛୁ ସର୍ବଶ୍ରେଷ୍ଠ ସୁରକ୍ଷା ବ୍ୟବସ୍ଥା ନିଶ୍ଚିତ କରାଯାଇଛି।

ଭାରତ ବିପକ୍ଷ ସମସ୍ତ ମ୍ୟାଚ ବୈଠକ ଉପରେ କଠୋର ଆଭିମୁଖ୍ୟ ଗ୍ରହଣ କଲେ ପାକିସ୍ତାନ ଆର୍ଥିକ କ୍ଷତି ସହିବ ବୋଲି ଅଧିକାରୀ ସ୍ୱୀକାର କରିଛନ୍ତି। କିନ୍ତୁ ସେମାନେ ଏଭଳି ପରିସ୍ଥିତି ପାଇଁ ପ୍ରସ୍ତୁତ ବୋଲି କହିଛନ୍ତି। ଏହି ସମୟରେ, ପାକିସ୍ତାନରେ କଳ୍ପନାଜଳ୍ପନା ଚାଲିଛି ଯେ ଭାରତ ସରକାର ଏହାର ଅନୁମୋଦନ ନ ଦେବା ଯାଏଁ ଚମ୍ପିଅନ୍ସ ଟ୍ରଫି ଠାରୁ ଆରମ୍ଭ କରି କୌଣସି ଆଇସିସି କିମ୍ବା ଅନ୍ୟାନ୍ୟ ମଲ୍ଟି ଟିମ ଇଭେଣ୍ଟରେ ଭାରତ ବିପକ୍ଷରେ ଖେଳିବା ବନ୍ଦ କରିବାକୁ ପିସିବି ନିର୍ଦ୍ଦେଶ ଦେଇପାରେ।

ଭାରତର ଏହି ନିଷ୍ପତ୍ତିକୁ ନେଇ ପାକିସ୍ତାନର ବହୁ ପୂର୍ବତନ କ୍ରିକେଟର ନିରାଶ ହୋଇଛନ୍ତି ପାକିସ୍ତାନର ପୂର୍ବତନ ଟେଷ୍ଟ ଅଧିନାୟକ ରସିଦ ଲତିଫ, ଜାଭେଦ ମିଆଦାଦ ଏବଂ ଇଞ୍ଜାମାମ ଉଲ ହକ ଭଳି ଭେଟେରାନମାନେ ଭାରତର ଏହି ନିଷ୍ପତ୍ତିକୁ ନେଇ ନିରାଶ ହୋଇଛନ୍ତି।

୨୦୨୫ ଚମ୍ପିଅନ୍ସ ଟ୍ରଫି ୧୯ ଫେବୃଆରୀରୁ ଆରମ୍ଭ ହେବ । ଏହାର ଫାଇନାଲ ମ୍ୟାଚ ମାର୍ଚ୍ଚ ୯ରେ ଖେଳାଯିବ ଏହି ଟୁର୍ନାମେଣ୍ଟ ପାକିସ୍ତାନରୁ ଆରମ୍ଭ ହେବ, କିନ୍ତୁ ଏହାକୁ ହାଇବ୍ରିଡ ମଡେଲରେ ଖେଳାଯାଇପାରିବ ରିପୋର୍ଟ ଅନୁଯାୟୀ, ସୁରକ୍ଷା କାରଣ ଦର୍ଶାଇ ଟିମ ଇଣ୍ଡିଆକୁ ପାକିସ୍ତାନ ପଠାଇବାକୁ ବିସିସିଆଇ ସ୍ପଷ୍ଟ ଭାବେ ମନା କରି ଦେଇଛି।

## ଅକ୍ଷର ହୋଇପାରନ୍ତି ଦିଲ୍ଲୀ କ୍ୟାପିଟାଲ୍ସର ଅଧିନାୟକ

ନୂଆଦିଲ୍ଲୀ, ୧୧।୧୧ (ମହାଭାରତ): ଆଇପିଏଲ ୨୦୨୫ମେଗା ନିଲାମ ପୂର୍ବରୁ ଦିଲ୍ଲୀ କ୍ୟାପିଟାଲ୍ସ ସମୁଦାୟ ଚାରିଜଣ ଖେଳାଳିଙ୍କୁ ରିଟେନ କରିଥିଲା। ଏହି ୪ ଖେଳାଳିଙ୍କ ନାମ ଅକ୍ଷର ପଟେଲ, ଟ୍ରିଷ୍ଟନ ଷ୍ଟବ୍ସ, ଅଭିଷେକ ପୋରେଲ ଏବଂ କୁଲଦୀପ ଯାଦବ ନିଲାମର ତାରିଖ ପାଖେଇ ଆସୁଛି ଏବଂ ରିଷଭ ପନ୍ତଙ୍କ ରିଲିଜ୍ ପରେ ସବୁଠାରୁ ବଡ ପ୍ରଶ୍ନ ହେଉଛି ଦିଲ୍ଲୀ ଫ୍ରାଞ୍ଚାଇଜ କେଉଁ ଖେଳାଳିଙ୍କୁ ଏହାର ଅଧିନାୟକ କରିବ।



ବର୍ତ୍ତମାନ ଏକ ଗଣମାଧ୍ୟମ ରିପୋର୍ଟ ପ୍ରକାଶ ପାଇଛି ଯେଉଁଥିରେ ଅକ୍ଷର ପଟେଲଙ୍କୁ ଦିଲ୍ଲୀର ଅଧିନାୟକ କରାଯିବ ବୋଲି ଦାବି କରାଯାଇଛି।

ମିଡିଆ ରିପୋର୍ଟ ଅନୁଯାୟୀ, ଅକ୍ଷର ପଟେଲ ଆସନ୍ତା ସିଜନରେ ଦିଲ୍ଲୀ କ୍ୟାପିଟାଲ୍ସର ଅଧିନାୟକିତ୍ୱ ଗ୍ରହଣ କରିପାରନ୍ତି। ଆଇପିଏଲ ୨୦୨୪ରେ ଯେତେବେଳେ ରିଷଭ ପନ୍ତଙ୍କୁ ସ୍ଲୋ ଓଭର ରେଟ୍ ହେତୁ ଆରସିବି ବିପକ୍ଷ ମ୍ୟାଚରୁ ତିନିଥର ନିଲମ୍ବିତ କରାଯାଇଥିଲା, ସେତେବେଳେ ଅକ୍ଷର ପଟେଲ ପନ୍ତଙ୍କ ସ୍ଥାନରେ ଦିଲ୍ଲୀ ଅଧିନାୟକତ୍ୱ କରିଥିଲେ। ଆଗାମୀ ସିଜନ ପାଇଁ ଅକ୍ଷର ପଟେଲଙ୍କୁ ୧୬.୫ କୋଟି ଟଙ୍କା ରିଟେନ କରାଯାଇଛି। ତେଣୁ ସେ ମଧ୍ୟ ଦିଲ୍ଲୀର ସବୁଠାରୁ ଦାମୀ ଖେଳାଳି ଅଟନ୍ତି। ଏହା ମଧ୍ୟ ଏକ ସୂଚକ ଯେ ଦିଲ୍ଲୀ ଫ୍ରାଞ୍ଚାଇଜ ଅକ୍ଷରରେ ଆତ୍ମବିଶ୍ୱାସ ଫେରାଇବାକୁ ପ୍ରସ୍ତୁତ।

### ଖୋର୍ଦ୍ଧା ଜିଲ୍ଲା ଇଣ୍ଟ୍ରା କ୍ଲବ୍ କ୍ରିକେଟ୍

## ଖୋର୍ଦ୍ଧା କ୍ରିକେଟ୍ କ୍ଲବ୍ ବିଜୟୀ



ଖୋର୍ଦ୍ଧା, ୧୧।୧୧ (ମହାଭାରତ): କ୍ରିକେଟ୍ ଆସୋସିଏସନ୍ ଅଫ ଦି ଡିଷ୍ଟ୍ରିକ୍ଟ ଖୋର୍ଦ୍ଧା ଜିଲ୍ଲା ଆନୁକୁଲ୍ୟରେ ସିନିୟର୍ ଇଣ୍ଟ୍ରା କ୍ଲବ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଖୋର୍ଦ୍ଧା ବି ଜେ ବି ହାଇସ୍କୁଲ ମିନି ଷ୍ଟାଡିୟମରେ ସପ୍ତମ ଦିବସ ରେ ଖୋର୍ଦ୍ଧା କ୍ରିକେଟ କ୍ଲବ କେ ଟି ଗ୍ଲୋବାଲ କ୍ରିକେଟ୍ କ୍ଲବ୍ କୁ ୭ ୱିକେଟ ରେ ପରାସ୍ତ କରିଛି।

ଟସ୍ ରେ ଜିତି କେ ଟି ଗ୍ଲୋବାଲ କ୍ଲବ ପ୍ରଥମେ ବ୍ୟାଟିଙ୍ଗ କରି ନିର୍ଦ୍ଧାରିତ ୪୫ ଓଭର ରେ ୮ ଟି ୱିକେଟ ହରାଇ ୧୮୪ ରନ୍ କରିଥିଲେଦଳ ପକ୍ଷରୁ ତୁହିନାନ୍ସୁ ଅପରାଜିତ ୫୩ ରନ୍ , ୱିସ୍ ଦତ୍ତ ୩୧ ରନ ଓ ଇଭାନ କଳାପାହାଡ଼ ୨୨ରନ୍ କରିଥିଲେ ଖୋର୍ଦ୍ଧା କ୍ରିକେଟ୍ କ୍ଲବ ପକ୍ଷରୁ ଓମ୍ ନାରାୟଣ ଓ ସୁମ୍ନି ମହାରଣା ପ୍ରତ୍ୟେକ ୨ ଟି ଲେଖାଏଁ କେଟ ଅକ୍ତିଆର କରିଥିଲେ। ଜବାବରେ ଖୋର୍ଦ୍ଧା କ୍ରିକେଟ୍ କ୍ଲବ୍ ଏକ ସମୟରେ ୫୭ ରନ୍ ରେ ୩ ଟି ୱିକେଟ ହରାଇଥିବାବେଳେ ଏମ. ସନ୍ତୋଷ ଦୋରା ଙ୍କ ଅପରାଜିତ ୧୧୩ ରନ ଓ ତାରିଣୀ ନାୟକ ଙ୍କ ଅପରାଜିତ ୩୯ ରନ ସହ ଅସମାପ୍ତ ୪ର୍ଥ ୱିକେଟ ଯୋଡ଼ିରେ ୧୩୦ ରନ୍ କରି ୩୩ ଓଭର୍ ରେ ଦଳକୁ ବିଜୟୀ କରାଇଥିଲେ। ବିସ୍ମୟ ସାହୁ ୨୫ ରନ କରିଥିଲେକେ ଟି ଗ୍ଲୋବାଲ କ୍ରିକେଟ୍ କ୍ଲବ ତରଫରୁ ବର୍କତୁଲାହ୍ ୨ ଟିଉିକେଟ ନେଇଥିଲେ। ଏହି ମ୍ୟାଚ୍ କୁ ପ୍ରଦୀପ କୁମାର ଜେନା ଓ ରହିମ୍ ଖାନ ପରିଚାଳନା କରିଥିବାବେଳେ ସୁଶିଲ କୁମାର ସୁନ୍ଦରାୟ ସ୍କୋରର ଭୂମିକା ଗ୍ରହଣ କରିଥିଲେ। ମ୍ୟାଚ୍ ରେଫରି ଭାବେ ରୋହିତ ସମୀର ବଳିଆର ସିଂହ ଓ ସଂଯୋଜକ ଭାବେ ସୁଧୀର କୁମାର ସାହୁ ଦାୟିତ୍ୱ ରେ ଥିଲେ। ଆସନ୍ତାକାଲି ଜଟଣୀ କ୍ରିକେଟ୍ ଏକାଡେମୀ ଓ ରାଇଜିଙ୍ଗଷ୍ଟାର କ୍ରିକେଟ୍ କ୍ଲବ୍ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ଚଣ୍ଡୀ ପ୍ରାସାଦ ଆଚାର୍ଯ୍ୟ ଜଣାଇଛନ୍ତି।

## ଲିଙ୍ଗ ପରିବର୍ତ୍ତନ କଲେ ସଞ୍ଜୟ ବାଙ୍ଗରଙ୍କ ପୁଅ



ନୂଆଦିଲ୍ଲୀ, ୧୧।୧୧ (ମହାଭାରତ)::ଭାରତୀୟ କ୍ରିକେଟର ସଞ୍ଜୟ ବାଙ୍ଗରଙ୍କ ପୁଅ ଆର୍ଯ୍ୟନ ନିକଟରେ ଲିଙ୍ଗ ପରିବର୍ତ୍ତନ କରି ପୁଅରୁ ଝିଅ ହୋଇଛନ୍ତି। ଲିଙ୍ଗ ପରିବର୍ତ୍ତନ ପରେ ଆର୍ଯ୍ୟନ ବଙ୍ଗର ତାଙ୍କ ନାମ ଅନାୟା ବାଙ୍ଗର କରିଛନ୍ତି।ଅନାୟା ନିଜ ଇନଷ୍ଟାଗ୍ରାମରେ ନିଜର ଯାତ୍ରା ବିଷୟରେ ପ୍ରକାଶ କରିଛନ୍ତି।

ଆର୍ଯ୍ୟନ ଲିଙ୍ଗ ଅସ୍ତ୍ରୋପଚାର ପରେ ତାଙ୍କ ହରମୋନ ପରିବର୍ତ୍ତନ ବିଷୟରେ ଖୋଲାଖୋଲି ଭାବେ କହିଥିଲେ। ଇନଷ୍ଟାଗ୍ରାମରେ ଏକ ପୋଷ୍ଟ ଶେୟାର କରି ସେ ହରମୋନ ରିପ୍ଲେସମେଣ୍ଟ ଥେରାପି (ଏଚ୍ଆରଟି)ର ପ୍ରଭାବ ବିଷୟରେ କହିଥିଲେ। ଅନାୟା ଅସ୍ତ୍ରୋପଚାର ହେବାର ୧୧ ମାସ ବିତିଗଲାଣି।

ଅନାୟା କହିଛନ୍ତି, ବୃତ୍ତିଗତ ଭାବରେ କ୍ରିକେଟ ଖେଳିବାର ମୋର ସ୍ୱପ୍ନ ସବୁବେଳେ ଅସୁବିଧାରେ ପରିପୂର୍ଣ୍ଣ ଥିଲା। ସକାଳ ଓ ସନ୍ଧ୍ୟାରେ କଠିନ ପରିଶ୍ରମ କରିବା, ପଡ଼ିଆରେ ଅଭ୍ୟାସ କରିବା ଏବଂ ଅନ୍ୟମାନଙ୍କ ସମାଲୋଚନାର ସମ୍ମୁଖୀନ ହେବା ପାଇଁ ମୋତେ ପ୍ରତ୍ୟେକ ପଦକ୍ଷେପରେ ସଂଘର୍ଷ କରିବାକୁ ପଡୁଥିଲା।

ଅନାୟା ଆହୁରି ମଧ କହିଛନ୍ତି, କିନ୍ତୁ କ୍ରିକେଟ ବ୍ୟତୀତ ଅନ୍ୟ ଏକ ଯାତ୍ରା ଥିଲା। ମୋର ପ୍ରକୃତ ପରିଚୟ ଗ୍ରହଣ କରିବା ଅତ୍ୟନ୍ତ କଷ୍ଟସାଧ ଥିଲା, କାରଣ ମୋତେ ବୁଝିବା ଏବଂ ମୋର ପ୍ରକୃତ ପରିଚୟ ଗ୍ରହଣ କରିବା ପାଇଁ ମୋତେ ଅନେକ କଷ୍ଟଦାୟକ ନିଷ୍ପତ୍ତି ନେବାକୁ ପଡିଥିଲା। ଆର୍ଯ୍ୟାନଙ୍କ ପିତା ସଞ୍ଜୟ ବାଙ୍ଗର ନିଜେ ଭାରତୀୟ କ୍ରିକେଟର କିମ୍ବଦନ୍ତୀ ଅଟନ୍ତି। ସେ ୨୦୧୪ ରୁ ୨୦୧୮ ପର୍ଯ୍ୟନ୍ତ ଭାରତୀୟ ଦଳର ବ୍ୟାଟିଂ କୋଚ ଭାବରେ କାର୍ଯ୍ୟ କରିଛନ୍ତି ଏବଂ ଆଇପିଏଲ ୨୦୨୨ରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋରର ମୁଖ୍ୟ କୋଚଭାବରେ ମଧ କାର୍ଯ୍ୟ କରିଛନ୍ତି।ସଞ୍ଜୟ ବଙ୍ଗର ୧୨ଟି ଟେଷ୍ଟ ମ୍ୟାଚ ଏବଂ ୧୫ଟି ଦିନିକିଆ ମ୍ୟାଚରେ ଭାରତର ପ୍ରତିନିଧି କରିଛନ୍ତି।

## ବିଦେଶ ଗଲେ ବିରୁଷ୍କା

ନୂଆଦିଲ୍ଲୀ, ୧୧।୧୧ (ମହାଭାରତ): ବଲିଉଡ ଅଭିନେତ୍ରୀ ଅନୁଷ୍କା ଶର୍ମା ଏବଂ ଭାରତୀୟ କ୍ରିକେଟର ବିରାଟ କୋହଲି ମୁମ୍ବାଇରେ ଏକାଠି କିଛି ସମୟ ବିତାଇବା ପରେ ବିଦେଶ ଫେରିଛନ୍ତି।ସେମାନେ ବିଦେଶ ଯିବା ପରେ ଏବେ କିଛି ଫଟୋ ଭାଇରାଲ ହେବାରେ ଲାଗିଛି। ମୁମ୍ବାଇର ଏକ ରେଷ୍ଟୁରାଣ୍ଟ ନିଜ ଇନଷ୍ଟାଗ୍ରାମରେ କିଛି ଫଟୋ ସେୟାର କରିଛି,



ଯେଉଁଥିରେ ବିରୁଷ୍କା ନଜର ଆସୁଛନ୍ତି। ତେବେ ରେଷ୍ଟୁରାଣ୍ଟ ଯାଇ ଦୁହେଁ କ'ଣ ଖାଇଥିଲେ, ତାହା ଇନଷ୍ଟାଗ୍ରାମ ପୋଷ୍ଟରେ ଜଣାଇଛି 'ବେନେ ବମ୍ବେ'। ରେଷ୍ଟୁରାଣ୍ଟ ମାଲିକ କହିଛନ୍ତି ଯେ, ବିରାଟ ଏବଂ ଅନୁଷ୍କା ଚିକେନ୍, ପନିର କିମ୍ବା ଇଟାଲୀୟ ଖାଦ୍ୟ କିଛି ବି ଖାଇନଥିଲେ ଏହା ବଦଳରେ ସେ ଦୋସା ଖାଇଥିଲେ। କେବଳ ଏତିକି ନୁହେଁ ସୋସିଆଲ ମିଡିଆରେ ଏକ ବିଲର ଫଟୋ ମଧ୍ୟ ଭାଇରାଲ ହୋଇଥିଲା, ଯେଉଁଥିରେ ଦୁହେଁ କ'ଣ ଖାଇଥିଲେ ତାହା ଲେଖାଯାଇଛି ।

ଅନୁଷ୍କା ଶର୍ମା ଏବଂ ବିରାଟ କୋହଲି ମୁମ୍ବାଇର ବାନ୍ଦ୍ରାରେ ଅବସ୍ଥିତ 'ବେନେ ବମ୍ବେ' ନାମକ ଏକ ଦକ୍ଷିଣ ଭାରତୀୟ କାଫେରେ ପହଞ୍ଚିଥିଲେ ସେଠାରେ ଦୋସାଠାରୁ ଆରମ୍ଭ କରି ସୁସ୍ୱାଦୁ ଇଡଲି ପୋଡି ପର୍ଯ୍ୟନ୍ତ ଏହି ଦମ୍ପତି ଦକ୍ଷିଣ ଭାରତୀୟ ଖାଦ୍ୟକୁ ସମ୍ପୂର୍ଣ୍ଣ ଉପଭୋଗ କରିଥିଲେ।

## କ୍ରମାଗତ ଶତକ ପରେ ଲଜ୍ଜାଜନକ ରେକର୍ଡ



ଡର୍ବାନ୍, ୧୧।୧୧ (ମହାଭାରତ): ଭାରତୀୟ ଦଳର କ୍ରିକେଟର ସଞ୍ଜୁ ସାମସନ ଶତକ ହାସଲ କରି ରେକର୍ଡ ସୃଷ୍ଟି କରିଥିବାବେଳେ ପରବର୍ତ୍ତୀ ମ୍ୟାଚରେ ଶୂନରେ ଆଉଟ୍ ହୋଇ ଆହୁରି ଲଜ୍ଜାଜନକ ରେକର୍ଡ କରିଛନ୍ତି। ଶତକ ପରେ ସେ ବିଶ୍ୱର ଚତୁର୍ଥ ବ୍ୟାଟ୍ସମ୍ୟାନ ତଥା କ୍ରମାଗତ ଦୁଇଟି ଟି-୨୦ ଇନିଂସରେ ଶତକ ହାସଲ କରିଥିବା ଭାରତର ପ୍ରଥମ ବ୍ୟାଟ୍ସମ୍ୟାନ ହୋଇଥିଲେ। ଏବେ ଦ୍ୱିତୀୟ ଟି-୨୦ ମ୍ୟାଚରେ ଭାରତୀୟ ଦଳ ଦକ୍ଷିଣ ଆଫ୍ରିକା ବିପକ୍ଷରେ ମୁହାଁମୁହିଁ ହୋଇଥିଲେ। ଏହି ମ୍ୟାଚରେ ସଞ୍ଜୁ ସାମସନଙ୍କ ଠାରୁ ପୁଣି ଥରେ ଏକ ବଡ଼ ଇନିଂସ ଆଶା କରାଯାଉଥିଲା। କିନ୍ତୁ ସେ ନିଜ ଆକାଉଣ୍ଟ ଖୋଲି ପାରି ନ ଥିଲେ ଏବଂ ମାତ୍ର ୩ ବଲ ଖେଳି କୌଣସି ରନ୍ ନ କରି ପାଭିଲିୟନକୁ ଫେରିଥିଲେ। ଏହା ସହିତ ସଞ୍ଜୁଙ୍କ ନାମରେ ଏକ ଲଜ୍ଜାଜନକ ରେକର୍ଡ ଯୋଡା ଯାଇଥିଲା। ସଞ୍ଜୁ ସାମସନ ଚଳିତ ବର୍ଷ ଟି-୨୦ କ୍ରିକେଟରେ ଚତୁର୍ଥ ଥର ପାଇଁ ଶୂନରେ ଆଉଟ୍ ହୋଇଛନ୍ତି। ଏହସହ ସେ ବର୍ଷେ ମଧ୍ୟରେ ୪ ଥର ଟି-୨୦ କ୍ରିକେଟରେ ସର୍ବାଧିକ ଥର ଶୂନରେ ଆଉଟ୍ ହୋଇଥିବା ଭାରତୀୟ ବ୍ୟାଟ୍ସମ୍ୟାନ ହୋଇଛନ୍ତି। ଏହାପୂର୍ବରୁ ୟୁସୁଫ ପଠାନ, ରୋହିତ ଶର୍ମା ଏବଂ ବିରାଟ କୋହଲି ଗୋଟିଏ ବର୍ଷରେ ୩-୩ ଥର ଶୂନରେ ଆଉଟ୍ ହେବାର ରେକର୍ଡ ରଖିଥିଲେ।

ଦକ୍ଷିଣ ଆଫ୍ରିକା ବିପକ୍ଷ ପ୍ରଥମ ଟି-୨୦ ମ୍ୟାଚରେ ଶତକ ହାସଲ କରିଥିବା ସଞ୍ଜୁ ସାମସନ ଦ୍ୱିତୀୟ ମ୍ୟାଚ୍‌ରେ ଶୂନରେ ଆଉଟ୍ ହୋଇଥିଲେ। ଏହାସହ ସେ ଏକ ନିଆରା କ୍ଲବରେ ଯୋଗ ଦେଇଥିଲେ। ସଞ୍ଜୁ ଟି-୨୦ କ୍ରିକେଟରେ ଏକ ଶତକ ହାସଲ ପରେ ଶୂନରେ ଆଉଟ୍ ହେବାରେ ୧୩ତମ ବ୍ୟାଟ୍ସମ୍ୟାନ ହୋଇପାରିଛନ୍ତି।ଏହି ତାଲିକାରେ ଅନ୍ତର୍ଭୁକ୍ତ ହୋଇଥିବା ସେ କେବଳ ଦ୍ୱିତୀୟ ଭାରତୀୟ ଏହାପୂର୍ବରୁ କେବଳ ଯଶସ୍ୱୀ ଜୟସ୍ୱାଲ ଭାରତ ପକ୍ଷରୁ ଏହି କାର୍ଯ୍ୟ କରିଥିଲେ।

## ଆଇପିଏଲର ପ୍ରଥମ ମ୍ୟାଚ ଖେଳିପାରିବେନି ପାଣ୍ଡ୍ୟା

ନୂଆଦିଲ୍ଲୀ, ୧୧।୧୧ (ମହାଭାରତ): ଆଇପିଏଲ ୨୦୨୫ର ୧୮ତମ ସିଜନ ପାଇଁ ବିଗୁଲ ବାଜିସାରିଛି। ଚଳିତ ମାସରେ ଆଗାମୀ ସିଜନ ପାଇଁ ଏକ ମେଗା ନିଲାମ ହେବ ସମସ୍ତ ୧୦ଟି ଦଳ ନିଜର ରିଟେନ ଖେଳାଳିଙ୍କ ତାଲିକା ପ୍ରକାଶ କରି ସାରିଛନ୍ତି।ମୁମ୍ବାଇ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ସମେତ ପ୍ରମୁଖ ଖେଳାଳିଙ୍କୁ ରିଟେନ କରିଛି ତଥାପି, ହାର୍ଦ୍ଦିକ ଆଇପିଏଲ ୨୦୨୫ର ପ୍ରଥମ ମ୍ୟାଚ ଖେଳି ପାରିବେ ନାହିଁ। ସୂଚନାଯୋଗ୍ୟ, ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଉପରେ ଗୋଟିଏ ମ୍ୟାଚ ପାଇଁ ବ୍ୟାନ ଲଗାଯାଇଛି । ଆଇପିଏଲ୨୦୨୪ର ଶେଷ ଲିଗ ମ୍ୟାଚରେ ହାର୍ଦ୍ଦିକ ପାଣ୍ଡ୍ୟା ଏକ ବଡ ଭୁଲ କରିଥିଲେ। ବାସ୍ତବରେ ହାର୍ଦ୍ଦିକଙ୍କ ମୁମ୍ବାଇ ଇଣ୍ଡିଆନ୍ସ ନିଜର ୨୦ ଓଭରକୁ ଠିକ ସମୟରେ ପୂରଣ କରିପାରି ନ ଥିଲା, ଏହା ପରେ ଆଇପିଏଲ ପରିଚାଳନା ପରିଷଦ ୩୦ ଲକ୍ଷ ଟଙ୍କା ଜରିମାନା ଏବଂ ନିୟମ ଅନୁଯାୟୀ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଉପରେ ଗୋଟିଏ ମ୍ୟାଚର ପ୍ରତିବନ୍ଧକ ଲଗାଇଥିଲା ।ଏହି କାରଣରୁ ହାର୍ଦ୍ଦିକ ଆଇପିଏଲ ୨୦୨୫ର ପ୍ରଥମ ମ୍ୟାଚ ଖେଳି ପାରିବେ ନାହିଁ।

## ଗମ୍ଭୀରଙ୍କ ବ୍ୟବହାର ନେଇ ପ୍ରଶ୍ନ ଉଠାଇଲେ ସଞ୍ଜୟ



ନୂଆଦିଲ୍ଲୀ, ୧୧।୧୧ (ମହାଭାରତ): ନ୍ୟୁଜିଲ୍ୟାଣ୍ଡଠାରୁ ପରାସ୍ତ ହେବା ପରେ ଭାରତୀୟ ଦଳ ଏବେ ଅଷ୍ଟ୍ରେଲିଆକୁ ଉଡ଼ାଣ କରିଛି। ସେଠାରେ ଭାରତୀୟ ଦଳ ବର୍ଡର-ଗାଭାସ୍କର ଟ୍ରଫି ଖେଳିବ, ଯେଉଁଥିରେ ୫ଟି ଟେଷ୍ଟ ମ୍ୟାଚ୍ ଖେଳାଯିବ। ଏହି ସିରିଜ୍ ପାଇଁ ଅଷ୍ଟ୍ରେଲିଆକୁ ଉଡ଼ାଣ କରିବା ପୂର୍ବରୁ ଦଳର ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀର ଏକ ସାମ୍ବାଦିକ ସମ୍ମିଳନୀରେ ଯୋଗ ଦେଇ ଗଣମାଧ୍ୟମ ପ୍ରଶ୍ନର ଉତ୍ତର ରଖିଥିଲେ। ସମ୍ମିଳନୀରେ ଗୌତମ ଯେଉଁଭଳି ଭାବେ ପ୍ରଶ୍ନର ଉତ୍ତର ଦେଉଥିଲେ। ତାହା ପୂର୍ବତନ ଭାରତୀୟ କ୍ରିକେଟର ସଞ୍ଜୟ ମାଞ୍ଜରେକରଙ୍କୁ ପସନ୍ଦ ଆସି ନାହିଁ ।ଏକ୍ସରେ ଏକ ପୋଷ୍ଟ କରି ସେ ଗୌତମ ଗମ୍ଭୀରଙ୍କୁ ନିନ୍ଦା କରିଥିବା ଦେଖାଯାଇଛି। ସେ କରିଥିବା ପୋଷ୍ଟରେ ଲେଖିଛନ୍ତି, ସାମ୍ବାଦିକ ସମ୍ମିଳନୀରେ ଏବେ ଗମ୍ଭୀରଙ୍କୁ ଦେଖିଲି। ବିସିସିଆଇ ତାଙ୍କୁ ଏପରି କାମରୁ ଦୂରେଇ ରଖିବା ବୁଦ୍ଧିମାନର କାମ ହେବ। ତାଙ୍କୁ ପରଦା ପଛରେ କାମ କରିବାକୁ ଦିଆଯିବ ଉଚିତ। କାରଣ ଗଣମାଧ୍ୟମ ପ୍ରଶ୍ନର ଉତ୍ତର ଦେବା ବେଳେ ନା ଗୌତମଙ୍କ କଥାବାର୍ତ୍ତା ଠିକ ଥାଏ ନା ବ୍ୟବହାର। ରୋହିତ ଏବଂ ଅଗରକର ଏହି କାମ ପାଇଁ ତାଙ୍କଠୁ ଢେର ଗୁଣରେ ଭଲ ତାଙ୍କର ଏହି ପୋଷ୍ଟକୁ ନେଇ ଏବେ ଚର୍ଚ୍ଚା ଆରମ୍ଭ ହୋଇଛି। କେବଳ ଏହା ପ୍ରଥମ ଥର ନୁହେଁ ଏହା ପୂର୍ବରୁ ସଞ୍ଜୟ ମଞ୍ଜରେକର ଅନେକ କ୍ରିକେଟରଙ୍କୁ ସମାଲୋଚନା କରିଆସୁଛନ୍ତି।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ